EXPRESSES THE TRUTH

# ଓଡ଼ିଶା ସନ୍ଦେଶ

Weekly
ସାପ୍ତାହିକ

ODISHA SANDESH

ପ୍ରକାଶ କରେ କେବଳ ସତ୍ୟ
/Odisha Sandesh

RNI NO : ODIODI/2006/19914

Website : www.odishasandesh.in
E-mail:odishasandesh.news@gmail.com

● ବର୍ଷ- ୧୬ ● ସଂଖ୍ୟା-୩୦● ଭୁବନେଶ୍ୱର ● ଅପ୍ରେଲ୍ ୧୧-୧୭,୨୦୨୨ ● ପୃଷ୍ଠା -୮● ମୂଲ୍ୟ- ୩.୦୦ ଟଙ୍କା ● Vol -16 ● Issue - 30● Bhubaneswar ● April 11-17, 2022 ● Page- 8 ● ₹ .3.00



ଚ଼ହଲଙ୍କୁ ବାଲକୋନିରେ ଝୁଲାଇଥିବା ଖେଳାଳିଙ୍କୁ ଆଜୀବନ ବାସନ୍ଦ କରିବାକୁ ଶାସ୍ତ୍ରୀଙ୍କ ଆହ୍ୱାନ

ପୃଷ୍ଠା-୭

**ଅଭିନନ୍ଦନ**

ପବିତ୍ର ପଣାସଂକ୍ରାନ୍ତି, ହନୁମାନ ଜୟନ୍ତୀ ଏବଂ ଓଡ଼ିଆ ନବବର୍ଷ ଅବସରରେ 'ଓଡ଼ିଶା ସଂଦେଶ' ତା'ର ସମସ୍ତ ପାଠକ/ପାଠିକା, ଲେଖକ/ଲେଖିକା, ବିଜ୍ଞାପନଦାତା, ଏଜେଣ୍ଟ, ବିତରକ ଓ ଶୁଭେଚ୍ଛୁ ବନ୍ଧୁମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି । -ସଂପାଦକ-



# ମନ୍ତ୍ରିମଣ୍ଡଳ ଅଦଳବଦଳ ଖୁବ୍‌ଶୀଘ୍ର,ରିପୋର୍ଟ କାର୍ଡ ମାଗିଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,(ସଂଦେଶ ବ୍ୟୁରୋ): ଆସନ୍ତା ମାସ ୨୯ରେ ନବୀନ ସରକାରଙ୍କ ୫ମ ପାଳିକୁ ତିନି ବର୍ଷ ପୂରିବ। ଅନେକ ମନ୍ତ୍ରୀ ବିବାଦ ଘେରକୁ ଆସିଥିଲେ ମଧ୍ୟ ସେମାନଙ୍କର ପଦବି ଆଜି ପର୍ଯ୍ୟନ୍ତ ସୁରକ୍ଷିତ ରହିଛି। ପୂର୍ବରୁ ଦୁଇ ତିନି ବର୍ଷରେ ନବୀନ ମନ୍ତ୍ରିମଣ୍ଡଳ ଅଦଳବଦଳ କରିବାର ନଜିର୍ ଥିବାରୁ ଖୁବ୍‌ଶୀଘ୍ର ଏହି ଅଦଳବଦଳ ହେବ ବୋଲି ଚ଼ର୍ଚ୍ଚା ଆରମ୍ଭ ହୋଇଛି।

ପ୍ରାୟ ପାଞ୍ଚ ବର୍ଷ ପରେ ବିଜେଡି ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏଭଳି ପୁରୁଣା "ଷ୍ଟ୍ରାଟେଜି" ଆପଣାଇବାକୁ ଯାଉଛନ୍ତି ଷାଠିଏ ଦଶକରେ ଜାତୀୟ ରାଜନୀତିକୁ ହଲଚ଼ଲ କରିଥିବା 'କାମରାଜ ପ୍ଲାନ' ଭଳି ନବୀନ ବାବୁ ପୁଣି ଥରେ ତାଙ୍କ ମନ୍ତ୍ରିମଣ୍ଡଳରେ ଆଠରୁ ଦଶ ମନ୍ତ୍ରୀଙ୍କ ପରୋକ୍ଷ ମୁଣ୍ଡକାଟ କରିବାକୁ ଯୋଜନା କରିଛନ୍ତି । ଭିତିରିଆ ସୂତ୍ରରୁ ମିଳିଥିବା ସୂଚ଼ନାନୁସାରେ ହିଟ ଲିଷ୍ଟରେ ଥିବା ମନ୍ତ୍ରୀମାନେ ସ୍ୱଇଚ୍ଛରେ

## ଟେନ୍‌ସନ୍‌ରେ ଆଠରୁ ଦଶ ମନ୍ତ୍ରୀ

ଇସ୍ତଫା ଦେବେ । ଏନେଇ ଗୁପ୍ତରେ ଚ଼ାଲିଛି ମନ୍ତ୍ରଣା ଓ ତାଲିକା ଓ ସମ୍ଭବତଃ ମଇ ପ୍ରଥମ ବା ଦ୍ୱିତୀୟ ସାପ୍ତାହ ସୁଦ୍ଧା ନୂଆ ମନ୍ତ୍ରିମଣ୍ଡଳ ସଦସ୍ୟମାନେ ଶପଥ ନେବେ । ମୁଣ୍ଡକାଟ ପାଇଁ ଛଅଟି "ମାନ ଦଣ୍ଡ" ସ୍ଥିର ହୋଇଛି । ପ୍ରଥମତଃ ଯେଉଁ ମନ୍ତ୍ରୀଙ୍କ 'ଇଣ୍ଟିଗ୍ରିଟି ଡାଉଟଫୁଲ' ଥିବ, ଯେଉଁ ମନ୍ତ୍ରୀଙ୍କ କାର୍ଯ୍ୟ ଦକ୍ଷତା ଭଲ ନ ଥିବ, ଯେଉଁ ମନ୍ତ୍ରୀ କିଛି 'ଘୋଟଲା'ରେ ସାମିଲ ଥିବେ, ଯେଉଁ ମନ୍ତ୍ରୀ ଅଳିଆ କାର୍ଯ୍ୟରେ ସାମିଲ ଥାଇ ବିବାଦୀୟ ହୋଇଥିବେ, ଯେଉଁ ମନ୍ତ୍ରୀ ଦଳ ପାଇଁ ବାରମ୍ବାର ସମସ୍ୟା ସୃଷ୍ଟି କରୁଥିବେ, ପଞ୍ଚାୟତ, ପୌର ନିର୍ବାଚ଼ନରେ ଦକ୍ଷତା ପ୍ରତିପାଦନ କରିନଥିବେ ।

ଏସବୁ ଥିବା ମନ୍ତ୍ରୀଙ୍କ ମୁଣ୍ଡ ଛେଦନ ହେବ ଓ ଅର୍ଥାତ ଏବେ ୧୦ ନୁହେଁ ଅଧିକ ମନ୍ତ୍ରୀ ବିଭିନ୍ନ ବିବାଦରେ ଛନ୍ଦି ହୋଇଛନ୍ତି ଓ ଏମାନେ ଯିବା ପ୍ରାୟ ନିଶ୍ଚିତ ଓ ସେହି ମନ୍ତ୍ରୀମାନେ କିଏ କିଏ ?

ଉକ୍ତ ବିବାଦୀୟ ମନ୍ତ୍ରୀମାନଙ୍କ ନାଁ ପ୍ରାୟ ସମସ୍ତେ ଜାଣି ପାରୁଥିବେ ଓ ତାହା ପ୍ରକାଶ କରିବାର କିଛି ଆବଶ୍ୟକତା ନାହିଁ । ତାହା ପରେ ପ୍ରକାଶ କରାଯିବ । ଏକା ଥରେ ଏତେ ସଂଖ୍ୟାରେ ମନ୍ତ୍ରୀ ଇସ୍ତଫା ଦେବା ପ୍ରସଙ୍ଗ ଚ଼ର୍ଚ୍ଚିତ ଘଟଣା ହୋଇଥିଲେ ହେଁ ତାହା ନୂଆ ଘଟଣା ନୁହେଁ ଓ ୨୦୧୭ ମସିହା ମଇ ୬ରେ ନବୀନ ବାବୁଙ୍କ କୋଡିଏ ଜଣିଆ ମନ୍ତ୍ରୀପରିଷଦରୁ ଏମିତି ୧୦ ଜଣ ମନ୍ତ୍ରୀ ଇସ୍ତଫା ଦେଇ ରାଜନୀତିକୁ ସରଗରମ କରିଥିଲେ। ସେହି ଇସ୍ତଫା ଦେଇଥିବା ମନ୍ତ୍ରୀମାନେ ଥିଲେ :-ଦେବୀ ପ୍ରସାଦ ମିଶ୍ର, ଅରୁଣ ସାହୁ, ସଞ୍ଜୟ କୁମାର ଦାସବର୍ମା, ପ୍ରଦୀପ କୁମାର ପାଣିଗ୍ରାହୀ, ସୁଦାମ ମାରାଣ୍ଡି, ପ୍ରଣବ ପ୍ରକାଶ ଦାସ, ପୁଷ୍ପେନ୍ଦ୍ର ସିଂଦେଓ, ଲାଲ ବିହାରୀ ହିମିରିକା । ତେବେ ସ୍ୱଇଛାରେ ମନ୍ତ୍ରୀ ଇସ୍ତଫା ଦେବାର ଗୋଟିଏ ଦିନ ପରେ ନିରଞ୍ଜନ ପୂଜାରୀ ଓଡ଼ିଶା ବିଧାନସଭାର ନୂଆ ବାଚ଼ସ୍ପତି ହୋଇଥିଲେ । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ମନ୍ତ୍ରୀ ପଦରୁ ଇସ୍ତଫା ଦେଇଥିବା ୫ ନେତାଙ୍କୁ ବିଭିନ୍ନ ଜିଲ୍ଲା ଦାୟିତ୍ୱ ମିଳିଥିଲା । ସଞ୍ଜୟ ଦାସବର୍ମାଙ୍କୁ ବିଜେଡି ସାଧାରଣ ସମ୍ପାଦକ କରାଯାଇ ନବରଙ୍ଗପୁର ଓ ରାୟଗଡା ଜିଲ୍ଲାର ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତି ମିଳିଥିଲାବେଳେ ଅରୁଣ ସାହୁ(ସାଧାରଣ ସମ୍ପାଦକ)ଙ୍କୁ ମୟୁରଭଞ୍ଜ, ପ୍ରଣବ ପ୍ରକାଶ ଦାସ (ସାଧାରଣ ସମ୍ପାଦକ)ଙ୍କୁ ମାଲକାନଗିରି ଓ କୋରାପୁଟ, ପ୍ରଦୀପ ପାଣିଗ୍ରାହୀ(ସାଧାରଣ ସମ୍ପାଦକ)ଙ୍କୁ ଗଜପତି ଏବଂ ଦଳର ଉପସଭାପତି ଦେବୀ ପ୍ରସାଦ ମିଶ୍ରଙ୍କୁ ସମ୍ବଲପୁର ଜିଲ୍ଲା ପର୍ଯ୍ୟବେକ୍ଷକ ଦାୟିତ୍ୱ ମିଳିଥିଲା ।



ଇତିମଧ୍ୟରେ ମୁଖ୍ୟମନ୍ତ୍ରୀ ସବୁ ମନ୍ତ୍ରୀଙ୍କର ରିପୋର୍ଟ କାର୍ଡ ମାଗିଛନ୍ତି। ଫଳରେ ମନ୍ତ୍ରିମଣ୍ଡଳରେ ଶୀଘ୍ର ଅଦଳବଦଳ ହୋଇପାରେ ବୋଲି କୁହାଯାଉଛି। ପୂର୍ବରୁ ମୁଖ୍ୟମନ୍ତ୍ରୀ ଏହିଭଳି ମନ୍ତ୍ରୀମାନଙ୍କର ରିପୋର୍ଟ କାର୍ଡ ମାଗିବା ସହ ମନ୍ତ୍ରୀମାନଙ୍କ ସହ ବ୍ୟକ୍ତିଗତ ଭାବେ ଆଲୋଚ଼ନା କରିବା ପରେ ମନ୍ତ୍ରିମଣ୍ଡଳ ଅଦଳବଦଳ କରିଥିଲେ। ତେଣୁ ଏବେ ସେହି ସମାନ ତରିକା ଆପଣାଇବେ ବୋଲି କୁହାଯାଉଛି। ମିଳିଥିବା ସୂଚ଼ନା ଅନୁଯାୟୀ, ଏହି ରିପୋର୍ଟ କାର୍ଡରେ ମନ୍ତ୍ରୀମାନେ ସେମାନଙ୍କ ବିଭାଗର ବିଭିନ୍ନ ଜନକଲ୍ୟାଣକାରୀ ଯୋଜନାକୁ କେତେ ସଫଳତାର ସହ ଲୋକଙ୍କ ପାଖରେ ପହଞ୍ଚାଇଛନ୍ତି, ସେମାନଙ୍କ ବିଭାଗର କେଉଁ ଯୋଜନା ଅଧିକ ଫଳପ୍ରଦ ହୋଇଛି, ଆଗାମୀ ଦିନରେ କ'ଣ କରିବାକୁ ଯୋଜନା କରିଛନ୍ତି ସେନେଇ ବିସ୍ତୃତ ରିପୋର୍ଟ ଦେବେ। ଏପରିକି ମୁଖ୍ୟମନ୍ତ୍ରୀ ମନ୍ତ୍ରୀମାନଙ୍କୁ ଜଣ ଜଣ କରି ଡାକି ଆଲୋଚ଼ନା କରିବେ ବୋଲି କୁହାଯାଉଛି।

ଆଉ ଏକ ସୂତ୍ରରୁ ମିଳିଥିବା ସୂଚ଼ନା ଅନୁଯାୟୀ, ଏବେ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚ଼ନ ଓ ପୌର ନିର୍ବାଚ଼ନ ଶେଷ ହୋଇଥିବାରୁ ଦଳ ଏବେ ୨୦୨୪ ସାଧାରଣ ନିର୍ବାଚ଼ନକୁ ଫୋକସ୍ କରୁଛି। ତେଣୁ ଦଳର ସଂଗଠନ ଯେଉଁ ସବୁ ଜିଲ୍ଲାରେ ଦୁର୍ବଳ ଅଛି ସେଠାରେ ଭଲ ପ୍ରଦର୍ଶନ କରିବାକୁ ଦଳର ଯୁବ ଓ ➲ପୃଷ୍ଠା-୭ ଦେଖନ୍ତୁ

## ମାହାଙ୍ଗାରେ ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟିତ
## ମହିଳାଙ୍କ ବିକାଶ ପାଇଁ ପ୍ରତାପଙ୍କ ଆହ୍ୱାନ




ମାହାଙ୍ଗା,(ସଂଦେଶ ବ୍ୟୁରୋ): ମାହାଙ୍ଗା ନିର୍ବାଚନ ମଣ୍ଡଳୀର ଜଳେଶ୍ୱରପୁର ପଞ୍ଚାୟତରେ ମହିଳାମାନଙ୍କ ବିକାଶ ପାଇଁ ମିଶନ ଶକ୍ତିର ନବନିର୍ମିତ ସଭାଗୃହକୁ ପଞ୍ଚାୟତରାଜ ଓ ଆଇନମନ୍ତ୍ରୀ ପ୍ରତାପ ଜେନା ଉଦ୍‌ଘାଟିତ କରି ଗ୍ରାମାଞ୍ଚଳରେ ମହିଳାମାନଙ୍କ ବିକାଶ କ୍ଷେତ୍ରରେ ମିଶନଶକ୍ତି ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି ବୋଲି ମତ ଦେଇଥିଲେ । ଜବାହରଲାଲ ନେହେରୁ ମହାବିଦ୍ୟାଳୟ କୁଆଁପାଳଠାରେ ନବ ନିର୍ମିତ ଗୃହର ଉଦ୍‌ଘାଟନ କରିବା ସହିତ କଲେଜ ପରିସରରେ ଜଗନ୍ନାଥ କ୍ୟାନେସର ଫାଉଣ୍ଡେସନ ମୁମ୍ବାଇ ପକ୍ଷରୁ ଏକ ମାଗଣା କର୍କଟରୋଗ ନିରୁପଣ ଶିବିରକୁ ମନ୍ତ୍ରୀ ପ୍ରତାପ ଜେନା ପରିଦର୍ଶନ କରିଥିଲେ । ଏହି ଶିବିରରେ ମାହାଙ୍ଗାର ବିଭିନ୍ନ ପଞ୍ଚାୟତରୁ ଆସିଥିବା ପୁରୁଷ ଓ ମହିଳାମାନେ ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ । ଅପରାହ୍ନରେ ମନ୍ତ୍ରୀ ଶ୍ରୀ ଜେନା ଚମ୍ପତିପୁରସ୍ଥିତ ସରକାରୀ ହୋମିଓପାଥିକ ଚିକିତ୍ସାଳୟର ଶୁଭ ଉଦ୍‌ଘାଟନ କରିବା ସହିତ ୨୪ ନଂ ଡ୍ରେନେଜ୍ କଟ୍ ଉପରେ ପୋଡାମରାଇ (ଜିରା) ପାଇକରାପୁର ଗ୍ରାମ ପଞ୍ଚାୟତର ଏକ ନୂତନ ସେତୁର ➲ପୃଷ୍ଠା-୭ ଦେଖନ୍ତୁ

## ସମ୍ବିତ୍ - ପିନାକୀ ଟୁଇଟ୍ ଯୁଦ୍ଧ



ଭୁବନେଶ୍ୱର ,(ସଂଦେଶ ବ୍ୟୁରୋ): ପୁରୀର ଉନ୍ନତି ପାଇଁ ରାଜ୍ୟ ସରକାର ଯେତେସବୁ କାର୍ଯ୍ୟ କରୁଛନ୍ତି ତାକୁ ବିଜେପିର ସାଂସଦ ହୁଅନ୍ତୁ ବା ସାଂସଦ ପ୍ରାର୍ଥୀ ହୁଅନ୍ତୁ ବିରୋଧ କରି ପୁରୀ ସାଂସଦଙ୍କୁ ଟାର୍ଗେଟ୍ କରୁଛନ୍ତି । ଏଇ ନିକଟରେ ପୁରୀ ବେଢ଼ା ପରିକ୍ରମା ନିର୍ମାଣକୁ ନେଇ ପିନାକୀ ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀଙ୍କ ମଧ୍ୟରେ ବାକ୍‌ଯୁଦ୍ଧ ହୋଇଥିଲା ବେଳେ ପୁରୀସ୍ଥିତ ଶ୍ରୀଜଗନ୍ନାଥ ମେଡିକାଲ କଲେଜ ଏବଂ ହସ୍ପିଟାଲ ଉଦଘାଟନ ପୂର୍ବରୁ ସମ୍ବିତ୍- ପିନାକୀଙ୍କ ଟ୍ୱିଟ୍ ଯୁଦ୍ଧ ଆରମ୍ଭ ହୋଇଯାଇଛି । ସୂଚନାଯୋଗ୍ୟ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପୁରୀସ୍ଥିତ ଶ୍ରୀଜଗନ୍ନାଥ ମେଡିକାଲ କଲେଜ ଏବଂ ହସ୍ପିଟାଲକୁ ଉଦ୍‌ଘାଟନ କରିବେ। ଏଥିପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ହୋଇଛି। ହେଲେ ଉଦ୍‌ଘାଟନୀ ପର୍ବ ପୂର୍ବରୁ ନୂଆ ବିବାଦ ଦେଖାଦେଇଛି। ଏହି କାର୍ଯ୍ୟକ୍ରମ ସମ୍ପର୍କରେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟକୁ ଅବଗତ କରାନଯିବା ନେଇ ବିଜେପି ନେତା ସମ୍ବିତ୍ ପାତ୍ର ଟୁଇଟ୍ କରିଥିବା ବେଳେ ଏହାର ଜବାବ ଦେଇ ପୁରୀ ସାଂସଦ ପିନାକୀ ମିଶ୍ର ଟୁଇଟ୍ କରିଛନ୍ତି ଯେ ପ୍ରୋଟୋକଲ୍ ଅନୁଯାୟୀ ରାଜ୍ୟ ସରକାର କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କୁ ନିମନ୍ତ୍ରଣ କରିଛନ୍ତି।

ଶ୍ରୀ ପାତ୍ର ଟୁଇଟ୍ କରିଛନ୍ତି ଯେ ପୁରୀ ମେଡିକାଲ କଲେଜ ପାଇଁ ଖର୍ଚ୍ଚ ହେଉଥିବା ପ୍ରାୟ ୧୮୯କୋଟିରୁ ୬୦% ➲ପୃଷ୍ଠା-୭ ଦେଖନ୍ତୁ

**କେନ୍ଦ୍ର କ୍ୟାବିନେଟରେ ୨୦୨୪ ସୁଦ୍ଧା ଦେଶରେ ପୃଷ୍ଟିକର ଚ଼ାଉଳ ବିତରଣ ନିଷ୍ପତ୍ତି ପ୍ରସଙ୍ଗ**

## ଓଡିଶା ସମେତ ଦେଶରେ ଅପପୃଷ୍ଟିକୁ ନିୟନ୍ତ୍ରଣ କରିବାରେ ସହାୟକ ହେବ : ଧର୍ମେନ୍ଦ୍ର



ନୂଆଦିଲ୍ଲୀ/ଭୁବନେଶ୍ୱର ,(ସଂଦେଶ ବ୍ୟୁରୋ): ୨୦୨୪ ସୁଦ୍ଧା ଦେଶରେ ପୃଷ୍ଟିକର ଚ଼ାଉଳ ବିତରଣ କରିବା ପାଇଁ କେନ୍ଦ୍ର କ୍ୟାବିନେଟର ନିଷ୍ପତି ସ୍ୱାଗତଯୋଗ୍ୟ ଏବଂ ଏହି ନିର୍ଣ୍ଣୟ ଓଡିଶା ସମେତ ଦେଶରେ ଅପପୃଷ୍ଟିକୁ ନିୟନ୍ତ୍ରଣ କରିବାରେ ସହାୟକ ହେବ ବୋଲି କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଶ୍ରୀ ପ୍ରଧାନ କ୍ୟାବିନେଟର ଏହି ନିଷ୍ପତି ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଧନ୍ୟବାଦ ଦେଇଛନ୍ତି । ସେ କହିଛନ୍ତି ଯେ ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନା (ଏନଏଫଏସଏ), ସମନ୍ୱିତ ଶିଶୁ ବିକାଶ ଯୋଜନା(ଆଇସିଡିଏସ), ପିଏମ ପୋଷଣ ଏବଂ ମୋଦି ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ଗୁଡିକରେ ଏହି ପୃଷ୍ଟିଯୁକ୍ତ ଚ଼ାଉଳ ବଣ୍ଟନ କରାଯିବ । ଏଥିପାଇଁ ଭାରତ ସରକାର ସମସ୍ତ ଅର୍ଥ ତଥା ବାର୍ଷିକ ପ୍ରାୟ ୨ ହଜାର ୭୦୦ କୋଟି ଟଙ୍କା ଖର୍ଚ୍ଚ ବହନ କରିବେ । ମହିଳା ଏବଂ ଶିଶୁଙ୍କ ସ୍ୱାସ୍ଥ୍ୟର ବିକାଶ ଉପରେ ବିଶେଷ ଗୁରୁତ୍ୱ ଦେବା ତଥା ଏକ ସୁସ୍ଥ ଭାରତ ସୁନିଶ୍ଚିତ କରିବା ଦିଗରେ ପ୍ରଧାନମନ୍ତ୍ରୀ ପ୍ରତିବଦ୍ଧତା ରହିଛି ବୋଲି ସେ କହିଛନ୍ତି । ସେହିପରି ପ୍ରଧାନମନ୍ତ୍ରୀ ମୋଦି ୨ ହଜାର କୋଟି ଟଙ୍କା ବ୍ୟୟରେ ଅଟଳ ଇନୋଭେସନ ମିଶନକୁ ୨୦୨୩ ମାର୍ଚ୍ଚ ମାସ ପର୍ଯ୍ୟନ୍ତ ସମ୍ପ୍ରସାରଣ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି । ଶିକ୍ଷାନୁଷ୍ଠାନରେ ୧୦ ହଜାର ଅଟଳ ଟିଙ୍କରିଂ ଲ୍ୟାବ, ୧୦୧ ଅଟଳ ଇନକ୍ୟୁବେସନ ସେଂଟର, ୫୦ ଅଟଳ କମ୍ୟୁନିଟି ଇନୋଭେସନ ସେଂଟର ପ୍ରତିଷ୍ଠା କରାଯିବାର ଲକ୍ଷ୍ୟ ରଖାଯାଇଛି । ସେହିପରି ଅଟଳ ନ୍ୟୁ ଇଣ୍ଡିଆ ଚ଼୍ୟାଲେଞ୍ଜ ମାଧ୍ୟମରେ ୨୦୦ ଷ୍ଟାଟଅପକୁ ସହଯୋଗ କରାଯିବାର ଯୋଜନା ରହିଛି । ଏହି ପଦକ୍ଷେପ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଉଦ୍ୟମିତା ଓ ନବସୃଜନର ଭାବନାକୁ ପ୍ରୋତ୍ସାହନ ଦେବ ବୋଲି ଶ୍ରୀ ପ୍ରଧାନ ଟ୍ୱିଟ୍ କରିଛନ୍ତି ।

# ଶପଥ ନେଲେ ମେୟର ଏବଂ କର୍ପୋରେଟର



ଭୁବନେଶ୍ୱର,(ସଂଦେଶ ବ୍ୟୁରୋ): ରାଜ୍ୟ ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶ କ୍ରମେ ନିକଟରେ ଭୁବନେଶ୍ୱର ମହାନଗର ନିଗମାଂଚଳ ପାଇଁ ନବ ନିର୍ବାଚିତ ମେୟର ଏବଂ କର୍ପୋରେଟରଙ୍କର ଶପଥ ପାଠ ସହିତ ଡ଼େପୁଟି ମେୟର ପଦ ପାଇଁ ନିର୍ବାଚନ ପ୍ରକିୟା ସମାପ୍ତ ହୋଇଅଛି। ବିଧିବଦ୍ଧ ଭାବେ ବି ଏମ୍ ସି ର ସଭାଗୃହରେ ଏହି ଶପଥ ପାଠ କରାଇଥିଲେ ଡ଼ାଇରେକ୍ଟର ମ୍ୟୁନିସିପାଲ୍ ଆଡ଼ମିନିଷ୍ଟ୍ରେସନ୍ ଶ୍ରୀ ସଂଗ୍ରାମଜିତ୍ ନାୟକ। ପ୍ରଥମେ ମେୟର ପଦବୀ ପାଇଁ ଶ୍ରୀମତୀ ସୁଲୋଚନା ଦାସଙ୍କ ଶପଥ ପାଠ ପରେ ସମସ୍ତ ଉପସ୍ଥିତ ନିର୍ବାଚିତ କର୍ପୋରେଟର ମାନଙ୍କ ଶପଥ ପାଠ କରାଇଥିଲେ ଶ୍ରୀ ନାୟକ। ଶପଥ ପାଠ ପରେ କମିଶନର ଶ୍ରୀ ସଂଜୟ କୁମାର ସିଂହ ମାନ୍ୟବର ମେୟରଙ୍କୁ ଫୁଲତୋଡ଼ା ଦେଇ ସ୍ୱାଗତ କରିଥିଲେ। ଏହାପରେ ମାନ୍ୟବର ମେୟରଙ୍କୁ ନିଜସ୍ୱ ଦପ୍ତରକୁ ସ୍ୱାଗତ କରାଯାଇଥିଲା। ଏଠାରେ ଜନସାଧାରଣ ଏବଂ ବି ଏମ୍ ସି ର ପଦାଧିକାରୀ ଏବଂ କର୍ମଚରୀମାନେ ତାଙ୍କୁ ସ୍ୱାଗତ ସନ୍ଦେଶ ଦେଇଥିଲେ। କାର୍ଯ୍ୟକ୍ରମ ଅନୁଯାୟୀ ଡ଼େପୁଟି ମେୟର ପଦ ପାଇଁ ପ୍ରାର୍ଥୀପତ୍ର ଆହ୍ୱାନ କରାଯାଇଥିଲା। ଏଥିରେ ଜଣେ ମାତ୍ର ପ୍ରାର୍ଥି ୱାର୍ଡ଼ ନଂ-୨୨ ର କର୍ପୋରେଟର ଶ୍ରୀମତୀ ମଞ୍ଜୁଲତା କହଁର ପ୍ରାର୍ଥିପତ୍ର ଦାଖଲ କରିଥିଲେ। ଦାଖଲ ସମୟ ମଧ୍ୟରେ ଆଉ କୌଣସି ପ୍ରାର୍ଥି ପ୍ରାର୍ଥିପତ୍ର ଦେଇନଥିଲେ। ତେଣୁ ପର୍ଯ୍ୟାୟ କ୍ରମେ ଏହି ନିର୍ବାଚନ ସମୟ ଅବଧି ଶେଷ ହେବାପରେ ମଞ୍ଜୁଲତା କହଁରଙ୍କୁ ଡ଼େପୁଟି ମେୟର ଭାବେ ଘୋଷଣା କରାଯାଇଥିଲା। ଏହାପରେ ଡ଼େପୁଟି ମେୟରଙ୍କୁ ନିଜସ୍ୱ ଦପ୍ତରରେ ଆସନ ଗ୍ରହଣ କରିବା ପାଇଁ ବିଧିବଦ୍ଧ ବ୍ୟବସ୍ଥା କରାଯାଇଥିଲା। ସମସ୍ତ କର୍ପୋରେଟର, ପ୍ରଶାସନିକ ଅଧିକାରୀ, ସମସ୍ତ ବିଧାୟକ, ସାଂସଦ, ବି ଏମ୍ ସି ଅଧିକାରୀ ଏବଂ କର୍ମଚରୀ ତଥା ମହାନଗର ନିଗମାଂଚଳର ସମସ୍ତ ନାଗରିକଙ୍କ ସହଯୋଗରେ ଏହି ସହରକୁ ବିଶ୍ୱ ସମୁଦାୟ ସମ୍ମୁଖରେ ଅଧିକରୁ ଅଧିକ ପ୍ରତିଷ୍ଠିତ କରିବା ପାଇଁ ମୁଁ ପ୍ରତିବଦ୍ଧ ବୋଲି କହିଛନ୍ତି ମାନ୍ୟବର ମେୟର ସୁଲୋଚନା ଦାସ। ➲ପୃଷ୍ଠା-୭ ଦେଖନ୍ତୁ

## ଡେପୁଟି ମେୟର ହେଲେ ମଞ୍ଜୁଲତା କହଁର



ଭୁବନେଶ୍ୱର,(ସଂଦେଶ ବ୍ୟୁରୋ): ଭୁବନେଶ୍ୱର ମହାନଗର ନିଗମର ଡେପୁଟି ମେୟର ହେଲେ ମଞ୍ଜୁଲତା କହଁର । ୨୨ ନମ୍ବର ୱାର୍ଡର ମହିଳା କର୍ପୋରେଟର ମଞ୍ଜୁଲତା କହଁର ଏବେ ଭୁବନେଶ୍ୱର ମହାନଗର ନିଗମର ଡେପୁଟୀ ମେୟର ଭାର ମଧ୍ୟ ସମ୍ଭାଳିବେ । ସେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚ଼ିତ ହୋଇଛନ୍ତି । ୬୭ ୱାର୍ଡ ବିଶିଷ୍ଟ ଭୁବନେଶ୍ୱର ମହାନଗର ନିଗମରେ ବିଜେଡି ୪୮ଟି ୱାର୍ଡରେ ଜିତିଥିବା ବେଳେ ବିଜେପି ୧୦ ଓ ସ୍ୱାଧୀନ ପ୍ରାର୍ଥୀ ୯ଟିରେ ବିଜୟୀ ହୋଇଥିଲେ।

ସୂଚ଼ନାଯୋଗ୍ୟ ଯେ, ଏଥର ତିନି ମହାନଗର ନିଗମରେ କଟକ, ଭୁବନେଶ୍ୱର ଓ ବ୍ରହ୍ମପୁରରେ ବିଜେଡି ବାଜିମାତ୍ କରିଛି। ସବୁଠି ବିଜେଡି ପ୍ରାର୍ଥୀ ମେୟର ଓ ଡେପୁଟି ମେୟର ଭାବେ ନିର୍ବାଚ଼ିତ ହୋଇଛନ୍ତି। ଗତକାଲି ଇ ବିବେକ ରେଡ୍ଡି ବ୍ରହ୍ମପୁର ମହାନଗର ନିଗମର ଡେପୁଟି ମେୟର ଭାବେ ନିର୍ବାଚ଼ିତ ହୋଇଥିଲେ। ଏହା ପୂର୍ବରୁ କଟକରେ ଜଗତପୁର ବାଲିସାହି ବସ୍ତିରେ ୪୯ ନମ୍ବର ୱାର୍ଡର ଦମୟନ୍ତୀ ମାଝୀ ଡେପୁଟି ମେୟର ଭାବେ ନିର୍ବାଚ଼ିତ ହୋଇଥିଲେ ।

## ଷୋଡଶ ତୋଷାଳି ଜାତୀୟ ହସ୍ତଶିଳ୍ପ ମେଳା ଉଦ୍‌ଯାପିତ

# ଶିଳ୍ପୀ, କଳାକାର ଓ ବୁଣାକାରଙ୍କୁ ଧନ୍ୟବାଦ: ସଚିବ



ଭୁବନେଶ୍ୱର,(ସଂଦେଶ ବ୍ୟୁରୋ): ଗତ ମାର୍ଚ୍ଚ ୨୮ରୁ ଆରମ୍ଭ ହୋଇଥିବା ଷୋଡଶ ତୋଷାଳି ଜାତୀୟ ହସ୍ତଶିଳ୍ପ ମେଳା ଇତିମଧ୍ୟରେ ଉଦଯାପିତ ହୋଇଯାଇଛି। ଜନତା ମଇଦାନଠାରେ ଅନୁଷ୍ଠିତ ଉଦଯାପନୀ ପର୍ବରେ ଉଦ୍‌ବୋଧନ ଦେଇ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗର କମିଶନର ତଥା ଶାସନ ସଚିବ ଶୁଭ ଶର୍ମା ତୋଷାଳି ମେଳାରେ ଯୋଗଦେଇଥିବା ଶିଳ୍ପୀ, କଳାକାର, ବୁଣାକାର, କାରିଗରମାନଙ୍କୁ ଧନ୍ୟବାଦ ଦେଇଥିଲେ। ଏହି ମେଳାର ସଫଳତା ନିମନ୍ତେ ନିରନ୍ତର ଉଦ୍ୟମ କରିଥିବା ସମସ୍ତ କର୍ମଚାରୀ, ଅଧିକାରୀ ଓ ବିଭିନ୍ନ ସହଯୋଗୀ ସଂସ୍ଥାମାନଙ୍କୁ ଧନ୍ୟବାଦ ଜଣାଇଥିଲେ। ପ୍ରଖ୍ୟାତ ଓଡ଼ିଶୀ ନୃତ୍ୟଶିଳ୍ପୀ ପଦ୍ମଶ୍ରୀ ଇଲିଆନ୍ ସିତାରିଷ୍ଟିଙ୍କ ଓଡ଼ିଶୀ ନୃତ୍ୟ ଉଦଯାପନୀ ସନ୍ଧ୍ୟାରୁ ସରସ ଓ ସୁନ୍ଦର ଭାବରେ ଗଢିତୋଳିଥିଲା ତଥା ଦର୍ଶକମାନେ ମନଭରି ଓଡ଼ିଶୀ ନୃତ୍ୟକୁ ଉପଭୋଗ କରିଥିଲେ। ଅନ୍ୟାନ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟରେ ନୃତ୍ୟଶାଳା, କଟକର କଳାକାରମାନଙ୍କ ଦ୍ୱାରା ଓଡ଼ିଶୀ ନୃତ୍ୟ ଓ ଲୋକନୃତ୍ୟ, ଶ୍ରୀଧରନାଥ ପରମାଣିକ ଲୋକକଳା, ପରିଷଦ, ବ୍ରହ୍ମଗିରିର କଳାକାରମାନଙ୍କ ଦ୍ୱାରା ଧୁଡୁକି ପରିବେଷଣ କରାଯାଇଥିଲା। କଳାଜୀବୀ, ବରଗଡର କଳାକାରମାନେ ସମ୍ବଲପୁରୀ ନୃତ୍ୟ ପରିବେଷଣ କରିଥିଲେ। ଆଜି ତୋଷାଳୀ ଜାତୀୟ ହସ୍ତଶିଳ୍ପ ମେଳାର ଉଦ୍‌ଯାପନୀ ଦିବସରେ ଜନତା ମଇଦାନାରେ ପ୍ରବଳ ଗହଳି ହୋଇଥିଲା। ପରିଦର୍ଶକମାନେ ନିଜ ମନପସନ୍ଦର ହସ୍ତତନ୍ତ ଓ ହସ୍ତଶିଳ୍ପ ସାମଗ୍ରୀର କିଣାକିଣି କରିବା ସହିତ ବିଭିନ୍ନ ସୁସ୍ୱାଦୁ ଖାଦ୍ୟର ମଜା ଉଠାଇଥିଲେ। ମେଳା ସରୁଥିବାରୁ ନିଜର ମନପସନ୍ଦର ଜିନିଷସବୁ କିଣାକିଣି କରିନେବାକୁ ପରିଦର୍ଶକମାନଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ପରିଲକ୍ଷିତ ହୋଇଥିଲା। ୧୪ ଦିନ ଧରି ଚାଲିଥିବା ଏହି ମେଳାରେ ପ୍ରାୟ ୪୨୦ଟି ଷ୍ଟଲରେ ବିଭିନ୍ନ ହସ୍ତତନ୍ତ ଓ ହସ୍ତଶିଳ୍ପ ସାମଗ୍ରୀ ପ୍ରଦର୍ଶିତ ଓ ବିକ୍ରୟ ହୋଇଛି। ୩୦ଟି ଫୁଡ୍ ଷ୍ଟଲରେ ବିଭିନ୍ନ ପ୍ରକାରର ପାରମ୍ପରିକ ତଥା ସୁସ୍ୱାଦୁ ଆମିଷ ଏବଂ ନିରାମିଷ ଖାଦ୍ୟ ପରିବେଷଣ କରାଯାଇଥିଲ। ଓଡ଼ିଶା ସମେତ ୨୪ଟି ରାଜ୍ୟ ଏହି ମେଳାରେ ଯୋଗଦାନ କରିଛନ୍ତି। ଚଳିତ ବର୍ଷ ଏହି ମେଳାରେ ପ୍ରାୟ ୧୬କୋଟିରୁ ଉର୍ଦ୍ଧ୍ୱ ଟଙ୍କାର କାରବାର ହୋଇଛି।

# ନୀଳଗିରି ଥାନା ଅଧିକାରୀଙ୍କୁ ତୁରନ୍ତ ଗିରଫ କରାଯାଉ




ଭୁବନେଶ୍ୱର,(ସଂଦେଶ ବ୍ୟୁରୋ): ସାମ୍ବାଦିକ ସୁରକ୍ଷା ଆଇନ୍ ଲାଗୁ ନହେବାରୁ ସାମ୍ବାଦିକଙ୍କ ଉପରେ ଏପରି ଜୁଲମ ଦିନକୁ ଦିନ ବୃଦ୍ଧି ପାଉଛି। ନୀଳଗିରି ପୋଲିସର ଅମାନବିୟ କାର୍ଯ୍ୟ ପୁଣି ଜଣେ ସାମ୍ବାଦିକଙ୍କ ପ୍ରତି ଆତଙ୍କବାଦୀ ଭଳି ବ୍ୟବହାର ହାତରେ କଡି ଗୋଡରେ ବେଢି ପକାଇ ଡାକ୍ତରଖାନାରେ ରଖିବାକୁ ନେଇ ବିଭିନ୍ନ ମହଲରୁ ନିନ୍ଦା କରାଯାଇଛି। ଏହି ଘଟଣାକୁ ନେଇ ରାଜଧାନୀରେ ସାମ୍ବାଦିକ ମିଳିତ ମଂଚ ପକ୍ଷରୁ ବିକ୍ଷୋଭ କରାଯାଇଛି। ବିଭିନ୍ନ ବର୍ଗର ସାମ୍ବାଦିକମାନେ ଏକଜୁଟ୍ ହୋଇ ଘଟଣାର ଦୃଢ ପ୍ରତିବାଦ କରିଥିଲେ। ଆତଙ୍କବାଦୀ କିମ୍ବା ପେସାଦାର ଅପରାଧି ପରି ଜଣେ ସାମ୍ବାଦିକଙ୍କ ଗୋଡରେ ବେଢି ପକାଇଥିବା ନୀଳଗିରି ଥାନା ଅଧିକାରୀଙ୍କୁ ବହିଷ୍କାର ସହ ତାଙ୍କ ବିରୁଦ୍ଧରେ ଦୃଷ୍ଟାନ୍ତମୂଳକ ପଦକ୍ଷେପ ନେବାକୁ ଦାବି କରାଯାଇଛି। ଏଥି ସହ ସାମ୍ବାଦିକ ସୁରକ୍ଷା ଆଇନ୍ ଲାଗୁ କରିବାକୁ ସରକାରଙ୍କ ପାଖରେ ଦାବି କରାଯାଇଛି। ସାମ୍ବାଦିକ ମିଳିତ ମଂଚର ଆବାହକ ଲିଙ୍ଗରାଜ ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ବିକ୍ଷୋଭରେ ରାମଚଣ୍ଡି ପ୍ରସାଦ ରଣସିଂହ, ପ୍ରସନ୍ନ କୁମାର ମହାନ୍ତି, ଆଲ୍ଲା ରାୟ, ବିଦ୍ୟାଧର ବାରିକ୍, ମୌସୁମୀ ମହାନ୍ତି, ଅପୂର୍ବ ରଞ୍ଜନ ପଣ୍ଡା, ଚନ୍ଦନ ପାଇକରାୟ, କିଶନ କୁମାର ବରାଇ, ଚିନ୍ମୟ ମହାପାତ୍ର, ଦେବଦତ ପାତ୍ର, ସୋମ୍ୟଜିତ ସିହ୍ନା, କପିଳେନ୍ଦ୍ର ପ୍ରଧାନ, ନବୀନ ଚନ୍ଦ୍ର ଦାସ, ଅଜୟ ପଣ୍ଡା, ଓଁକାର ମହାନ୍ତି, ବିକାଶ ଦାସ, ସରିତଦିପ୍ ଶତପଥି ଓ ବହୁ ସାମ୍ବାଦିକ ସାମିଲ ହୋଇଥିଲେ।

# ବ୍ରହ୍ମପୁର ଡେପୁଟି ମେୟର ହେଲେ ଇଂ ବିବେକ ରେଡ୍ଡୀ



ବ୍ରହ୍ମପୁର, (ସଂଦେଶ ବ୍ୟୁରୋ): ବ୍ରହ୍ମପୁର ଡେପୁଟି ମେୟର ପଦବୀ ପାଇଁ ପରୋକ୍ଷ ନିର୍ବାଚନ ପ୍ରକ୍ରିୟା ଶେଷ ହୋଇଛି । ବ୍ରହ୍ମପୁର ଡେପୁଟି ମେୟର ଭାବରେ ନିର୍ବାଚିତ ହୋଇଛନ୍ତି ବିଜେଡିର ଇ.ବିବେକ ରେଡ୍ଡୀ । ୪୨ ନମ୍ବର ୱାର୍ଡର କର୍ପୋରେଟର ବିବେକ ୩୪ ଖଣ୍ଡ ଭୋଟ ପାଇ ଡେପୁଟି ମେୟର ପଦବୀ ବାଜି ମାରି ନେଇଛନ୍ତି । ଗଞ୍ଜାମ ଜିଲ୍ଲା ବିଜେଡି ସଭାପତି ଡ. ରମେଶଚନ୍ଦ୍ର ପଟ୍ଟନାୟକ ଚ୍ୟାଉ ପଟ୍ଟନାୟକ ତାଙ୍କ ନାଁ ଘୋଷଣା କରିଛନ୍ତି । ଏହା ପରେ ବ୍ରହ୍ମପୁର କର୍ପୋରେଟର ଓ ମେୟରଙ୍କ ଶପଥ ପାଠ ଆରମ୍ଭ ଆରମ୍ଭ ହୋଇଛି । ନବନିର୍ବାଚିତ ସଂଘମିତ୍ରା ଦଳେଇ ପ୍ରଥମେ ବ୍ରହ୍ମପୁର ମେୟର ଭାବରେ ଶପଥ ନେଇଛନ୍ତି । ବ୍ରହ୍ମପୁର ମହାନଗର ନିଗମରେ ବିଜେଡି ୪୨ଟି ୱାର୍ଡରୁ ବିଜେଡି ୩୦ଟିରେ ବିଜୟ ଲାଭ କରିଛି । ଏହା ପଛକୁ ବିଜେପି ୭ଟି ଆସନ ୱାର୍ଡ ଏବଂ କଂଗ୍ରେସ ମାତ୍ର ଗୋଟିଏ ୱାର୍ଡରେ ବିଜୟ ଲାଭ କରିଛି ।

# ଲାୟନ୍ସ କ୍ଲବ ନୟାପଲ୍ଲୀର ନୂତନ କର୍ମକର୍ତ୍ତା ଚୟନ



ଭୁବନେଶ୍ୱର, (ସଂଦେଶ ବ୍ୟୁରୋ): ଲାୟନ୍ସ କ୍ଲବ ଭୁବନେଶ୍ୱର ନୟାପଲ୍ଲୀର ୨୦୨୨-୨୩ ବର୍ଷ ପାଇଁ ନୂଆପଲ୍ଲୀସ୍ଥିତ ଲାୟନ୍ସ ଭବନରେ ନୂତନ କର୍ମକର୍ତ୍ତା ଚୟନ ପ୍ରକ୍ରିୟା ଶେଷ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଅନୁଷ୍ଠିତ ଏକ ସାଧାରଣ ସଭାରେ ଅନେକ ଲାୟନ ସଭ୍ୟଙ୍କ ଗହଣରେ ଲାୟନ ଟି. ରବି କୁମାର ପାତ୍ର ସଭାପତି, ଲାୟନ ଭାରତୀ ପଟ୍ଟନାୟକ ସମ୍ପାଦିକା, ଲାୟନ ଦେବସ୍ମିତା ମିଶ୍ର କୋଷାଧ୍ୟକ୍ଷ ଭାବେ ଚୟନ ହୋଇଛନ୍ତି। ଉକ୍ତ ବ୍ୟକ୍ତିମାନେ ସେମାନଙ୍କର ପ୍ରଶିକ୍ଷଣ ପାଇଁ ଚଳିତମାସ ୩୦ ତାରିଖରେ କଲିକତାସ୍ଥିତ ସୋନାର ବଙ୍ଗଳାଠାରେ ଶତାଧିକ ସଭ୍ୟଙ୍କ ସହିତ ସାମିଲ୍ ହେବେ ଓ ଆଗାମୀ ବର୍ଷ ପାଇଁ ସମାଜସେବାରେ ନିଜକୁ ନିୟୋଜିତ କରିବେ।

## ଭିଜିଲାନ୍ସ ଇତିହାସରେ ରେକର୍ଡ

# ଘରୁ ମିଳୁଛି କୋଟି କୋଟି ଟଙ୍କା



ଗଞ୍ଜାମ ,(ସଂଦେଶ ବ୍ୟୁରୋ): କ୍ଷୁଦ୍ର ଜଳସେଚନ ବିଭାଗର ସହକାରୀ ଯନ୍ତ୍ରୀ କାର୍ତ୍ତିକେଶ୍ୱର ରାଉଳଙ୍କର ଘରୁ ନଗଦ ୨ କୋଟି ଟଙ୍କା ଜବତ କଲା ଭିଜିଲାନ୍ସ। ଟଙ୍କା ଗଣିବା ପାଇଁ ମେସିନ ବ୍ୟବହାର କରିଛି ଭିଜିଲାନ୍ସ। କାର୍ତ୍ତିକେଶ୍ୱର ରାଉଳ ଓ ତାଙ୍କ ଦ୍ୱିତୀୟ ପତ୍ନୀଙ୍କ ଠାରୁ ମିଳିଛି ଏହି ନଗଦ ଟଙ୍କା। ଗତକାଲି ତାଙ୍କ ଠାରୁ ୨ କୋଟି ୭୬ ଲକ୍ଷ ଟଙ୍କାର ସମ୍ପତ୍ତି ଠାବ କରିଥିଲା ଭିଜିଲାନ୍ସ। ଆୟ ବର୍ହିଭୁତ ସମ୍ପତ୍ତି ଠୁଳ ଅଭିଯୋଗରେ ଭିଜିଲାନ୍ସ ଚଢ଼ାଉ କରି ଠାବ କରିଛି ଏହି ସମ୍ପତ୍ତି।ଗଞ୍ଜାମ ଭଞ୍ଜନଗର କ୍ଷୁଦ୍ର ଜଳସେଚନ ବିଭାଗର ସହକାରୀ ଯନ୍ତ୍ରୀ କାର୍ତ୍ତିକେଶ୍ୱର ରାଉଳ। ଖୋର୍ଦ୍ଧା ଓ ଗଞ୍ଜାମ ଜିଲ୍ଲାର ୬ ଟି ସ୍ଥାନରେ ଏକ କାଳୀନ ଚଢ଼ାଉ କରିଥିଲା ଭିଜିଲାନ୍ସ। ଭୁବନେଶ୍ୱରରେ ଦୁଇଟି ଫ୍ଲାଟ ଓ ଅନ୍ୟ ଏକ ଦୁଇ ମହଲା ଘର। ବ୍ୟାଙ୍କ ଓ ଇନ୍ସୁରାନ୍ସ ଜମା ୩୭ ଲକ୍ଷ ୨୩ ହଜାର ଟଙ୍କାର ରହିଛି। କାର୍ତ୍ତିକେଶ୍ୱରଙ୍କର ରହିଛି ୭ ଟି ପ୍ଲଟ। ସେଥିମଧ୍ୟରୁ ଭୁବନେଶ୍ୱର ପ୍ରାଇମ ଲୋକେସନରେ ଦୁଇଟି ପ୍ଲଟ। ସହକାରୀ ଯନ୍ତ୍ରୀଙ୍କ ଘରୁ ଗତକାଲି ମିଳିଥିଲା ନଗଦ ୨ ଲକ୍ଷ ୫୦ ହଜାର ୮୮୦ ଟଙ୍କା। ଭଞ୍ଜନଗର ସରକାରୀ କ୍ୱାଟର ଓ ଭୁବନେଶ୍ୱର ତୁଷ୍ଟି ରେସିଡେନସିଆଲ ଫ୍ଲାଟରୁ ମିଳିଛି ଏହି ନଗଦ ଟଙ୍କା। ଚଢ଼ାଉରେ ସାମିଲ ଥିଲେ ୫ ଡିଏସପି, ୧୧ ଇନିସ୍ପେକ୍ଟରଙ୍କ ସମେତ ଭିଜିଲାନ୍ସର ଅନ୍ୟ କର୍ମଚାରୀ।

## କୁବେର ଯନ୍ତ୍ରୀଙ୍କ ଦ୍ୱିତୀୟ ପତ୍ନୀ ଗିରଫ

ଭଞ୍ଜନଗର,(ସଂଦେଶ ବ୍ୟୁରୋ):ଭଞ୍ଜନଗର କ୍ଷୁଦ୍ର ଜଳସେଚନ ଡିଭିଜନର ସହକାରୀ ଯନ୍ତ୍ରୀ କାର୍ତ୍ତିକେଶ୍ୱର ରାଉଳଙ୍କ ଦ୍ୱିତୀୟ ପତ୍ନୀ ଗିରଫ। ଦ୍ୱିତୀୟ ସ୍ତ୍ରୀ କଳ୍ପନା ପ୍ରଧାନଙ୍କୁ ବାନ୍ଧିଲା ଭିଜିଲାନ୍ସ ଟିମ। ପୂର୍ବରୁ କଳ୍ପନାଙ୍କ ଘରୁ ୨ କୋଟି ୫୦ ହଜାର ଟଙ୍କା ଜବତ ହୋଇଥିବା ବେଳେ ଆଜି ତାଙ୍କ ଭଉଣୀଙ୍କ ଘରୁ ୧ କୋଟି ୪୧ ଲକ୍ଷ ଜବତ ହୋଇଥିଲା । ଏହା ପରେ ଭିଜିଲାନ୍ସ କାର୍ତ୍ତିକେଶ୍ୱରଙ୍କ ଦ୍ୱିତୀୟ ପତ୍ନୀ (କଳ୍ପନା), ଶାଳି ଓ ପୁତୁରାଙ୍କୁ ଅଟକ ରଖି ପଚରାଉଚରା କରିଥିଲା। ଏମିତିକି ଏହି ତିନି ଜଣଙ୍କୁ କାର୍ତ୍ତିକେଶ୍ୱର ସହ ମୁହାଁମୁହିଁ ବସାଇ ଜେରା କରିଥିଲେ ଭିଜିଲାନ୍ସ ଅଧିକାରୀ।



ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଭିଜିଲାନ୍ସ ରେଡ୍ ବେଳେ କର୍ତ୍ତିକେଶ୍ୱରଙ୍କର ମୋଟ୍ ୩ କୋଟି ୪୧ ଲକ୍ଷରୁ ଅଧିକ ଟଙ୍କା ଜବତ ହୋଇଥିଲା । ଏହା ସହ ୩୬୦ ଗ୍ରାମ୍ ସୁନା ଓ ଏକ କିଲୋରୁ ଅଧିକ ରୁପା ମଧ୍ୟ ଜବତ ହୋଥିଲା ।

## ବଲାଙ୍ଗୀର ଜିଲ୍ଲା ପୂର୍ବତନ ସଭାପତି ଭକ୍ତବନ୍ଧୁ ନାୟକଙ୍କ ଅକାଳ ବିୟୋଗରେ ରାଜ୍ୟ ବିଜେପିର ଶୋକ



ବଲାଙ୍ଗୀର ,(ସଂଦେଶ ବ୍ୟୁରୋ): ବଲାଙ୍ଗୀର ଜିଲ୍ଲା ବିଜେପିର ପୂର୍ବତନ ସଭାପତି ତଥା ପୂର୍ବତନ ପାଟଣାଗଡ ବ୍ଲକ ଅଧ୍ୟକ୍ଷ ଭକ୍ତବନ୍ଧୁ ନାୟକଙ୍କ ଅକାଳ ବିୟୋଗରେ ରାଜ୍ୟ ସଭାପତି ଶ୍ରୀ ସମୀର ମହାନ୍ତି, ବିରୋଧୀ ଦଳ ନେତା ଶ୍ରୀ ପ୍ରଦୀପ ନାଏକ, ପୂର୍ବତନ ରାଜ୍ୟ ସଭାପତି ଶ୍ରୀ କେ.ଭି.ସିଂହଦେଓଙ୍କ ସମେତ ବହୁ ନେତୃବୃନ୍ଦ ଗଭୀର ଶୋକ ବ୍ୟକ୍ତ କରିଛନ୍ତି । ଶାନ୍ତ ଏବଂ ଅମାୟିକ ବ୍ୟକ୍ତି ଭାବେ ପରିଚିତ ଦକ୍ଷ ଓ ପ୍ରଭାବଶାଳୀ ରାଜନୀତିଜ୍ଞ ସ୍ୱର୍ଗତଃ ନାୟକଙ୍କ ବିୟୋଗ ବଲାଙ୍ଗୀର ଜିଲ୍ଲାବାସୀଙ୍କ ସମେତ ପାର୍ଟି ପାଇଁ ଅପୁରଣୀୟ କ୍ଷତି। ସ୍ୱର୍ଗତଃ ନାୟକଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିବା ସହିତ ଏଭଳି ଦୁଖଦଃ ସମୟରେ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ଅସୀମ ଧର୍ଯ୍ୟ ପ୍ରଦାନ କରିବା ପାଇଁ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ବିଜେପି ନେତୃବୃନ୍ଦ ପ୍ରାର୍ଥନା କରିଛନ୍ତି ।

# ସାମ୍ବାଦିକଙ୍କୁ ହସପିଟାଲରେ ବେଡି ପକାଇବା ଘଟଣାରେ ବଦଳିଲେ ଆଇଆଇସି



ଭୁବନେଶ୍ୱର, (ସଂଦେଶ ବ୍ୟୁରୋ): ବାଲେଶ୍ୱର ଜିଲ୍ଲା ନୀଳଗିରିରେ ଜଣେ ସାମ୍ବାଦିକଙ୍କୁ ମିଛ କେସରେ ଫସାଇ ହସ୍ପିଟାଲରେ ବେଡ଼ି ପକାଇବା ଘଟଣାରେ ଆଇଆଇସିଙ୍କ ବଦଳି କରା ଯାଇଥିବା ଜଣା ପଡିଛି । ନୀଳଗିରି ଥାନା ଆଇଆଇସି ଦ୍ରୌପଦୀ ଦାସଙ୍କୁ ଅନ୍ୟସ୍ଥାନକୁ ବଦଳି କରାଯାଇଛି । ତାଙ୍କ ସହିତ ମାମଲାର ତଦନ୍ତକାରୀ ଅଧିକାରୀ ଏସ୍‌ଆଇ ସୁବର୍ଣ୍ଣା ବେହେରାଙ୍କୁ ମଧ ବଦଳି କରାଯାଇଛି । ଉଭୟଙ୍କୁ ବାଲେଶ୍ୱର ମୁଖ୍ୟାଳୟକୁ ବଦଳି କରାଯଇଥିବା ଜଣା ପଡିଛି। ସେହିପରି, ବାଲେଶ୍ୱର ଜିଲ୍ଲା ନୀଳଗିରିରେ ଜଣେ ସାମ୍ବାଦିକଙ୍କୁ ଗିରଫ କରି ହସ୍ପିଟାଲରେ ବେଡ଼ି ପକାଇବା ଘଟଣାରେ ରାଜ୍ୟ ମାନବିକ ଅଧିକାର କମିଶନ ନିଜ ଆଡୁ ରିପୋର୍ଟ ମାଗିଛନ୍ତି । ୧୫ ଦିନ ଭିତରେ ରିପୋର୍ଟ ଦେବା ଲାଗି କମିଶନ ପୂର୍ବାଂଚଳ ଆଇଜିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

# ବିଜେପି କୃଷକ ମୋର୍ଚ୍ଚା ଜିଲ୍ଲା ପ୍ରଭାରୀଙ୍କ ନାମ ଘୋଷଣା

ଭୁବନେଶ୍ୱର,(ସଂଦେଶ ବ୍ୟୁରୋ): ଭାରତୀୟ ଜନତା ପାର୍ଟି ରାଜ୍ୟ ସଭାପତି ସମୀର ମହାନ୍ତିଙ୍କ ଅନୁମୋଦନ କ୍ରମେ କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ପ୍ରଦୀପ ପୁରୋହିତ ବିଭିନ୍ନ ଜିଲ୍ଲା ପାଇଁ ପ୍ରଭାରୀଙ୍କ ନାମ ଘୋଷଣା ହୋଇଛି । ଅନୁଗୁଳ - ରାମଚନ୍ଦ୍ର ପାତ୍ର; ବାଲେଶ୍ୱର – ସରୋଜ ମଲ୍ଲିକ; ବରଗଡ – ମନୋରଞ୍ଜନ ଦାସ; ଭଦ୍ରକ – ଶ୍ରୀଧର ସାହୁ; ବଲାଙ୍ଗୀର – ବିଶ୍ୱଜିତ୍ ସ୍ୱାଇଁ; ବୌଦ୍ଧ - ଚନ୍ଦ୍ରଶେଖର ପଣ୍ଡା; କଟକ ସହର- ପ୍ରଶାନ୍ତ ଗଡ୍ଡିଆ; କଟକ ସଦର – ଶ୍ରୀରଞ୍ଜନ ମଙ୍ଗରାଜ; ଦେବଗଡ- କିଶୋର ସୁତାର; ଢେଙ୍କାନାଳ – ହୃଷିକେଶ ଜେନା; ଗଜପତି – ଭଗବାନ ପଣ୍ଡା; ଗଞ୍ଜାମ - ପ୍ରଦୀପ ସାହୁ; ଘୁମୁସର – ରାଜେଶ କୁମାର ସାହୁ; ଜଗତସିଂହପୁର - ଦର୍ଯ୍ୟୋଧନ ସାହୁ; ଯାଜପୁର – ତୁଷାର ଚକ୍ରବର୍ତୀ; ଝାରସୁଗୁଡା – ଉପାଧ୍ୟାୟ ପାଣିଗ୍ରାହୀ; କଳାହାଣ୍ଡି – ଲକ୍ଷ୍ମଣ ବାଗ୍ ଯାଦବ; କନ୍ଧମାଳ – ସୁନୀଲ ପ୍ରଧାନ; କେନ୍ଦ୍ରାପଡା – ସତ୍ୟବାଦୀ ଚଇନି; କେନ୍ଦୁଝର – ତ୍ରିପୁରା ଦେହୁରୀ; ଖୋର୍ଦ୍ଧା – ହିତେଶ୍ ମହାପାତ୍ର; କୋରାପୁଟ – ଶ୍ରୀକାନ୍ତ ହୋତା; ମାଲକାନଗିରି – ବିପଦ ଭଂଜନ ଦାସ; ମୟୁରଭଞ୍ଜ (ରାଇରଙ୍ଗପୁର ଓ ବାରିପଦା) – ରାଧାକାନ୍ତ ମହନ୍ତ; ନବରଙ୍ଗପୁର – ଦେବ ପ୍ରସାଦ ସିଂହଦେଓ; ନୟାଗଡ – କାମାକ୍ଷା ପ୍ରସାଦ ପ୍ରଧାନ; ନୂଆପଡା – ଗୋବର୍ଦ୍ଧନ ଅଗ୍ରୱାଲ୍; ପୁରୀ – ସନ୍ତୋଷ ପ୍ରଧାନ; ସମ୍ବଲପୁର – କୈଳାସ ଚନ୍ଦ୍ର ରଥ; ସୁବର୍ଣ୍ଣପୁର – ସୂର୍ଯ୍ୟ ନାରାୟଣ ମହାପାତ୍ର; ସୁନ୍ଦରଗଡ – ଶ୍ରୀକୃଷ୍ଣ ପରିଡା; ସୁନ୍ଦରଗଡ (ବଣାଇ) – କୈଳାସ ଚନ୍ଦ୍ର ରାଉତ; ସୁନ୍ଦରଗଡ (ପାନପୋଷ) - ପ୍ରଦୀପ କୁମାର ମହନ୍ତଙ୍କ ନାମ ଘୋଷଣା କରାଯାଇଛି ବୋଲି କୃଷକମୋର୍ଚ୍ଚା ରାଜ୍ୟ ସଭାପତି ଶ୍ରୀ ପୁରୋହିତ ସୂଚନା ଦେଇଛନ୍ତି ।

## 'ସହାୟ' ପକ୍ଷରୁ ରକ୍ତଦାନ ଶିବିର

# ୧୭୦ ୟୁନିଟ୍ ରକ୍ତ ସଂଗ୍ରହ

ଭୁବନେଶ୍ୱର, (ସଂଦେଶ ବ୍ୟୁରୋ): ଗତ ୯ ତାରିଖରେ ନାଇଜର, ଭୁବନେଶ୍ୱରଠାରେ 'ଜରିୟା' ଓ 'ସହାୟ' ଭୁବନେଶ୍ୱରରର ମିଳିତ ଆନୁକୂଲ୍ୟରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଦରିୟାର ସଭାପତି ଶ୍ରୀତାଶରଣ ମିଶ୍ର ଓ ସଂଯୋଜକ ଗାୟତ୍ରୀ କେ .ଓ ଅନ୍ୟ ସ୍ୱେଚ୍ଛାସେବୀମାନେ ଉକ୍ତ ଶିବିରକୁ ପରିଚାଳନା କରିଥିଲେ। ଉକ୍ତ ଶିବିରରେ ସହାୟର ସଂପାଦକ କୈଳାଶ ଚନ୍ଦ୍ର ଷଡ଼ଙ୍ଗୀ ଓ ସ୍ୱେଚ୍ଛାସେବୀମାନେ ଯୋଗ ଦେଇଥିଲେ। ଉକ୍ତ ରକ୍ତଦାନ ଶିବିରରେ ରାଜଧାନୀ ମୁଖ୍ୟ ଚିକିତ୍ସାଳୟର ରକ୍ତଭଣ୍ଡାରର ଡାକ୍ତର ଓ ସହକର୍ମୀମାନେ ଯୋଗ ଦେଇ ୧୭୦ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା । ଜରିୟା ସ୍ୱେଚ୍ଛାସେବୀ ଓ ନାଇଜରର ଛାତ୍ରଛାତ୍ରୀମାନେ ରକ୍ତଦାନ କରିଥିଲେ ।




ସହାୟର ରବିନାରାୟଣ ନାଗ ଯୋଗ ଦେଇଥିଲେ ।

# କୋଭିଡ୍-୧୯ରେ ମୃତକଙ୍କ ନିମନ୍ତେ ୫୦ ହଜାର ଟଙ୍କାର ସହାୟତା ରାଶି ମଇ ୨୮ ଆବେଦନର ଶେଷ ତାରିଖ

ଭୁବନେଶ୍ୱର ,(ସଂଦେଶ ବ୍ୟୁରୋ):କୋଭିଡ୍-୧୯ରେ ମୃତ୍ୟୁ ପାଇଁ ବିପର୍ଯ୍ୟାୟ ମୁକାବିଲା ପାଣ୍ଠିରୁ ୫୦ ହଜାର ଟଙ୍କା ଅନୁକମ୍ପାମୂଳକ ସହାୟତା ରାଶି ମୃତକଙ୍କ ନିକଟତମ ସମ୍ପର୍କୀୟଙ୍କୁ ଯୋଗାଇ ଦିଆଯାଉଛି। ଯେଉଁ ବ୍ୟକ୍ତିମାନେ ୨୦୨୨ ମାର୍ଚ୍ଚ ୨୦ ତାରିଖ କିମ୍ବା ତାହା ପୂର୍ବରୁ କୋଭିଡ-୧୯ରେ ମୃତ୍ୟୁବରଣ କରିଛନ୍ତି ଏବଂ ସେମାନଙ୍କ ନିକଟତମ ସମ୍ପର୍କୀୟମାନେ ଯଦି ଏହି ସହାୟତା ରାଶି ପାଇନାହାନ୍ତି ସେମାନେ ଆବେଦନ ପତ୍ର/ଦରଖାସ୍ତ ଓ ଆବଶ୍ୟକୀୟ ଦସ୍ତାବିଜ ସହିତ ଜିଲ୍ଲାପାଳଙ୍କୁ ଅଫଲାଇନ୍ କିମ୍ବା ଅନ୍‌ଲାଇନରେ http:// caps.odisha.gov.in ୱେବସାଇଟ ଜରିଆରେ ଆସନ୍ତା ୬୦ ଦିନ ଅର୍ଥାତ୍ ୨୦୨୨ ମଇ ୨୮ ତାରିଖ ମଧ୍ୟରେ ଆବେଦନ କରିପାରିବେ। ଯଦି କୌଣସି ବ୍ୟକ୍ତି ୨୦୨୨ ମାର୍ଚ୍ଚ ୨୦ ତାରିଖ ପରେ ମୃତ୍ୟୁବରଣ କରିଛନ୍ତି କିମ୍ବା ଯଦି କେହି ଭବିଷ୍ୟତରେ କୋଭିଡ-୧୯ରେ ମୃତ୍ୟୁବରଣ କରନ୍ତି ତେବେ ତାଙ୍କ ଆତ୍ମୀୟସ୍ୱଜନ କୋଭିଡ-୧୯ ମୃତ୍ୟୁ ସହାୟତା ରାଶି ନିମନ୍ତେ ମୃତ୍ୟୁ ଘଟିଥିବା ଦିନଟାରୁ ୯୦ ଦିନ ମଧ୍ୟରେ ଆବେଦନ ପତ୍ର/ଦରଖାସ୍ତ ଓ ଆବଶ୍ୟକୀୟ ଦସ୍ତାବିଜ୍ ସହିତ ଜିଲ୍ଲାପାଳଙ୍କ ଅଫଲାଇନ୍ କିମ୍ବା ଅନଲାଇନରେ http:// caps.odisha.gov.in ୱେବସାଇଟ୍ ଜରିଆରେ ଆବେଦନ କରିପାରିବେ। କୌଣସି ଅସୁବିଧା କିମ୍ବା ଦୁରାବସ୍ଥା ପାଇଁ ସୁପ୍ରିମକୋର୍ଟଙ୍କ ଦ୍ୱାରା ଉପରୋକ୍ତ ଧାର୍ଯ୍ୟ ସମୟସୀମା ମଧ୍ୟରେ ଯଦି କୌଣସି ଆବେଦନକାରୀ ଏହି ସହାୟତା ନିମନ୍ତେ ଆବେଦନ କରିବାରେ ବିଫଳ ହୁଅନ୍ତି ତେବେ ସେମାନେ ପ୍ରତ୍ୟେକ ଜିଲ୍ଲାରେ ଗଠନ କରାଯାଇଥିବା Grievance Redressal Committee ମାଧ୍ୟମରେ ଆବେଦନ କରିପାରିବେ। ପ୍ରତ୍ୟେକ Grievance Redressal Committee ଆବେଦନକାରୀଙ୍କ ତଥ୍ୟ ଆଧାରରେ ଅବାଶ୍ୟକୀୟ ଯାଂଚ ଏବଂ ତଦନ୍ତ କରି ଉପଯୁକ୍ତ ପଦକ୍ଷେପ ନେବେ। କୋଭିଡ-୧୯ରେ ମୃତ୍ୟୁବରଣ କରିଥିବା ବ୍ୟକ୍ତିଙ୍କ ଆତ୍ମୀୟସ୍ୱଜନଙ୍କୁ ଆବେଦନ କରିବାର ୩୦ ଦିନ ମଧ୍ୟରେ ଏହି ଅନୁକମ୍ପାମୂଳକ ସହାୟତା ରାଶି ପ୍ରଦାନ କରାଯିବ। ଆବଶ୍ୟକ ସ୍ଥଳେ ଜନସାଧାରଣ ଦେୟମୁକ୍ତ ସଂଯୋଗ ହେଲପଲାଇନ୍ ନମ୍ବର ୧୫୫୩୫କୁ ଯୋଗାଯୋଗ କରି ସହାୟତା ନେଇପାରିବେ ବୋଲି ସ୍ୱତନ୍ତ୍ର ରିଲିଫ୍ କମିଶନର ଓ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଜଣାଇଛନ୍ତି।

ଓଡ଼ିଶା ସନ୍ଦେଶ
ଭୁବନେଶ୍ୱର, ଅପ୍ରେଲ୍ ୧୧-୧୭,୨୦୨୨



# ସିଏମସିରେ ନବନିର୍ବାଚିତ ମେୟର ଓ କର୍ପୋରେଟରଙ୍କ ପଦ ଓ ଗୋପନୀୟତାର ଶପଥ ଗ୍ରହଣ




କଟକ,(ସଂଦେଶ ବ୍ୟୁରୋ): କଟକ ଜିଲ୍ଲାର ୨ଟି ବିଜ୍ଞପିତ ଅଞ୍ଚଳ ଗୋଟିଏ ପୌରାଞ୍ଚଳ ଓ ଗୋଟିଏ ମହାନଗର ନିଗମରେ ଆଜି ନବ ନିର୍ବାଚିତ କର୍ମକର୍ତ୍ତାଙ୍କ ଶପଥଗ୍ରହଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏଥି ସହିତ ବିଜ୍ଞପିତ ଅଞ୍ଚଳ ଓ ପୌରପରିଷଦ ସମେତ କଟକ ମହାନଗର ନିଗମରେ ଅଧ୍ୟକ୍ଷ ଏବଂ ମେୟରଙ୍କ ଶପଥ ଗ୍ରହଣ କରିଛନ୍ତି । କଟକ ମହାନଗର ନିଗମ ପକ୍ଷରୁ ସ୍ଥାନୀୟ ସହିଦ ଭବନରେ ଏହି ଶପଥପାଠ ଉତ୍ସବ କରାଯାଇଥିବା ବେଳେ ମେୟର ଭାବେ ସୁବାସ ସିଂହ ଓ ସମସ୍ତ ୱାର୍ଡର ନିର୍ବାଚିକ କର୍ପୋରେଟରମାନେ ଶପଥପାଠ କରିଥିଲେ । ଗଣତନ୍ତ୍ରକୁ ସୁଦୃଢ ,ସମୃଦ୍ଧ ଓ ପରିପୁଷ୍ଟ କରିବା ନିମନ୍ତେ ନିର୍ବାଚନ ପକ୍ରିୟା ଅପରିହାର୍ଯ୍ୟ । ଏହା ମାଧ୍ୟମରେ ଜନସାଧାରଣ ସେମାନଙ୍କ ଆଶା ଆକାଂକ୍ଷାକୁ ପୂରଣ କରିଥାନ୍ତି । ନିର୍ବାଚିତ ପ୍ରତିନିଧିମାନେ ସମ୍ପୃକ୍ତ ଅଞ୍ଚଳର ଆବଶ୍ୟକତାକୁ ପୂରଣ କରିବା ପାଇଁ ଏଥିପାଇଁ ଉଦ୍ଦିଷ୍ଟ ଉପଯୁକ୍ତସ୍ତରରେ ପ୍ରତିପାଦିତ କରି ଏହାକୁ ଅନୁମୋଦିତ କରାଇଥାନ୍ତି ।

ଆଜି ସିଏମସି ନବନିର୍ବାଚିତ ମେୟର ଶ୍ରୀ ସିଂହ, ପଦ ଓ ଗୋପନୀୟତାର ଶପଥ ଗ୍ରହଣ କରିଥିବାବେଳେ ମହାନଗର ନିଗମର ସମସ୍ତ କର୍ପ ?ରେଟର ଶପଥ ଗ୍ରହଣ କରିଥିଲେ । ରାଜ୍ୟ ଗୃହ ଓ ନଗରଉନ୍ନୟନ ବିଭାଗ ପୌର ପ୍ରଶାସନ ନିର୍ଦ୍ଦେଶକ ସଂଗ୍ରାମଜିତ ନାୟକ ନବନିର୍ବାଚିତ ମେୟର ଓ କର୍ପୋରେଟର ମାନଙ୍କୁ ଶପଥ ପାଠ କରାଇଥିଲେ । ଶପଥ ଗ୍ରହଣ ଉତ୍ସବରେ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ଭବାନୀ ଶଙ୍କର ଚୟନୀ, କଟକ ଉନ୍ନୟନ କର୍ତ୍ତୃପକ୍ଷ ଅଧ୍ୟକ୍ଷ ତଥା ପ୍ରଶାସକ କଟକ ମହାନଗର ନିଗମ ଅନିଲ କୁମାର ସାମଲ ଅଧ୍ୟକ୍ଷ, ସିଏମସି କମିଶନର ଅନନ୍ୟା ଦାସ ପ୍ରମୁଖ ଯୋଗଦେଇ ନିର୍ବାଚିତ ପ୍ରତିନିଧିମାନେ ଜନସାଧାରଣଙ୍କ ସମସ୍ୟାର ସମାଧାନ ଦିଗରେ ବିହିତ ପଦକ୍ଷେପ ଗ୍ରହଣ ପୂର୍ବକ କଟକ ସହରକୁ ଏକ ନୂତନ ରୂପରେଖ ଦେବେବୋଲି ଆଶାପ୍ରକାଶ କରିଥିଲେ ।

କଟକର ୫୯ଟି ୱାର୍ଡ ମଧ୍ୟରୁ ୩୮ଟି ବିଜେଡି ହାତକୁ ଯାଇଥିବାବେଳେ ଦୁଇ ବିରୋଧୀ ଦଳ କଂଗ୍ରେସ ୮ ଓ ବିଜେପିର ୭ ସହ ସ୍ୱାଧୀନ ପ୍ରାର୍ଥୀ ୬ଟି ୱାର୍ଡ ହାତେଇ ଥିଲେ । ଏହି ସମସ୍ତ ବିଜୟୀମାନଙ୍କୁ ନେଇ ଗୁରୁବାର ଶପଥ ପାଠ କରାଯାଇ ଥିଲା ।

# ଆୟୁଷ୍ମାନ ଭାରତ ଯୋଜନାକୁ ରାଜ୍ୟରେ ତୁରନ୍ତ କାର୍ଯ୍ୟକାରୀ କରାଯାଉ : ସମୀର



ଭୁବନେଶ୍ୱର,(ସଂଦେଶ ବ୍ୟୁରୋ): ମୋଦି ସରକାର ଶାସନ କ୍ଷମତାକୁ ଆସିବା ପରେ ସ୍ୱାସ୍ଥ୍ୟ କ୍ଷେତ୍ର ଓ ସ୍ୱାସ୍ଥ୍ୟ ଭିତିଭୂମି ବିକାଶ ପାଇଁ ଅନେକ କାର୍ଯ୍ୟ କରିଛନ୍ତି । ମହାମାରୀ କରୋନା ସଂକଟ କାଳରେ ବିକଶିତ ରାଷ୍ଟ୍ରଠାରୁ ଆରମ୍ଭ କରି ଗରୀବ ରାଷ୍ଟ୍ରକୁ ମୋଦି ସରକାର କୋଭିଡ ଟୀକା ଓ ଔଷଧଠାରୁ ଆରମ୍ଭ କରି ଅନ୍ୟାନ୍ୟ ସ୍ୱାସ୍ଥ୍ୟଭିତିକ ସାମଗ୍ରୀ ପ୍ରଦାନ କରି ଭାରତ ବର୍ଷର ସୁନାମ ଆଣିଛନ୍ତି । କେନ୍ଦ୍ର ସରକାର ଦେଶବାସୀଙ୍କ ସ୍ୱାସ୍ଥ୍ୟକୁ ଗୁରୁତ୍ୱ ଦେଇ ମିଶନ ମୋଡରେ ଆରମ୍ଭ କରିଥିବା "ୱାନ ନେସନ, ୱାନ ହେଲଥ୍" କାର୍ଯ୍ୟକ୍ରମ ଅନ୍ତର୍ଗତ ୨୦୧୮ରେ ଆୟୁଷ୍ମାନ ଯୋଜନା ଆରମ୍ଭ କରିଥିଲେ । ଏହି ଯୋଜନାରେ ସାଧାରଣ ଲୋକଟି ଶସ୍ତା ଓ ସୁବିଧାରେ ନିଜ ରାଜ୍ୟ ସମେତ ଦେଶର ଅନ୍ୟ ରାଜ୍ୟରେ ମଧ୍ୟ ସହଜରେ ଚିକିତ୍ସିତ ପାଇପାରିବ । ସେହିପରି ଶସ୍ତାରେ ସମସ୍ତଙ୍କୁ ଔଷଧ ଯୋଗାଇବା ପାଇଁ ଦେଶବ୍ୟାପୀ ପ୍ରଧାନମନ୍ତ୍ରୀ ଜନଔଷଧି ଯୋଜନାରେ ଦେଶର ବିଭିନ୍ନ ସ୍ଥାନରେ ଔଷଧ ଦୋକାନ ଖୋଲାଯାଇଛି ଏବଂ ଏହା ଦ୍ୱାରା ଗରୀବରୁ ଗରୀବ ଲୋକମାନେ ବିଭିନ୍ନ ଦୁରାରୋଗ ପାଇଁ ମଧ୍ୟ ଶସ୍ତାରେ ଔଷଧ କିଣିପାରୁଥିବାରୁ ଯଶସ୍ୱୀ ପ୍ରଧାନମନ୍ତ୍ରୀ ନିହାତି ଭାବେ ଧନ୍ୟବାଦର ପାତ୍ର । ମିଶନ ଇନ୍ଦ୍ରଧନୁଷରେ ବର୍ତ୍ତମାନ ସୁଦ୍ଧା ୩.୮୬ କୋଟି ଶିଶୁ ଏବଂ ୯୬.୮ ଲକ୍ଷ ଗର୍ଭବତୀ ମହିଳାଙ୍କୁ ମାଗଣା ଟୀକାକରଣ କରାଯାଇଛି । ୧୮୫ କୋଟିରୁ ଉର୍ଦ୍ଧ୍ୱ ଡୋଜ୍ କୋଭିଡ୍ ଟୀକାକରଣ ସରିଛି । ୨୦୨୫ ମସିହା ସୁଦ୍ଧା ଟିବି ମୁକ୍ତ ଭାରତ ଲକ୍ଷ୍ୟ ରଖିଛନ୍ତି ମୋଦି ସରକାର । ଅପର ପକ୍ଷରେ ଓଡିଶା ସରକାରଙ୍କ ଆନ୍ତରିକତା ଓ ପ୍ରୋତ୍ସାହନ ଅଭାବ କାରଣରୁ ଏହି ସ୍ୱାସ୍ଥ୍ୟଭିତିକ ଯୋଜନାର ସୁଫଳ ପାଇବାରୁ ବଂଚିତ ହେଉଛନ୍ତି ଓଡିଶାବାସୀ ବୋଲି ରାଜ୍ୟ ସଭାପତି ଶ୍ରୀ ସମୀର ମହାନ୍ତି କହିଛନ୍ତି ।

ନିକଟରେ ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ମହାନ୍ତି କହିଛନ୍ତି ଯେ, ଆୟୁଷ୍ମାନ ଯୋଜନାରେ ୧୩.୪୪କୋଟି ପରିବାର ତଥା ୬୫କୋଟି ହିତାଧିକାରୀ ଉପକୃତ ହୋଇଛନ୍ତି । ନ୍ୟାସନାଲ ଡିଜିଟାଲ ହେଲଥମିଶନ ଗତ ୨୦୨୦ ଅଗଷ୍ଟ ୧୫ତାରିଖରେ ମୋଦୀ ଶୁଭାରମ୍ଭ କରିଥିଲେ । ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ (ପିଏମ-ଜିଏୱାଇ) ଅନ୍ତର୍ଗତ ୧୬,୦୮୫ ଡାକ୍ତରଖାନାକୁ ତାଲିକାଭୁକ୍ତ କରାଯାଇଛି ଏବଂ ୧୦କୋଟିରୁ ଅଧିକ ଲୋକଙ୍କୁ ଇ-କାର୍ଡ ପ୍ରଦାନ କରାଯାଇଛି । ଏବେ ୧୭,୧୫୦ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର କାର୍ଯ୍ୟ କରୁଛି । ପଶ୍ଚିମବଙ୍ଗ, ତେଲେଙ୍ଗାନା, ଓଡ଼ିଶା, ଦିଲ୍ଲୀ ୪ଟି ରାଜ୍ୟ ଆୟୁଷ୍ମାନ ଯୋଜନାକୁ ସ୍ଥାନୀୟ ସରକାର ନିଜ ନିଜ ରାଜ୍ୟରେ କାର୍ଯ୍ୟକାରୀ କରିନାହାନ୍ତି । ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ (ପିଏମ-ଜିଏୱାଇ) ଅନ୍ତର୍ଗତ ୧୬,୦୮୫ ଡାକ୍ତରଖାନାକୁ ତାଲିକାଭୁକ୍ତ କରାଯାଇଛି ଏବଂ ୧୦କୋଟିରୁ ଅଧିକ ଲୋକଙ୍କୁ ଇ-କାର୍ଡ ପ୍ରଦାନ କରାଯାଇଛି । ଏ ସମସ୍ତ ସୁବିଧା ପାଇବାରୁ ଓଡିଶାବାସୀ ବଂଚିତ ହୋଇଛନ୍ତି ବୋଲି ଶ୍ରୀ ମହାନ୍ତି କହିଛନ୍ତି ।

# ସିଏମସି ଡେପୁଟି ମେୟର ହେଲେ ଦମୟନ୍ତୀ ମାଝି



କଟକ, (ସଂଦେଶ ବ୍ୟୁରୋ): କଟକ ମହାନଗର ନିଗମ (ସିଏମସି)ର ଡେପୁଟି ମେୟର ଭାବେ ନିର୍ବାଚିତ ହୋଇଛନ୍ତି ଦମୟନ୍ତୀ ମାଝି । ନିର୍ବାଚନରେ ବିଜୟ ଲାଭ କରିବା ପରେ ଦମୟନ୍ତୀ ନିଜ ପ୍ରତିକ୍ରିୟାରେ କହିଛନ୍ତି ଯେ, ମୋ ଉପରେ ଭରସା କରିଥିବାରୁ ପ୍ରଥମେ ମୁଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଧନ୍ୟବାଦ ଜଣାଉଛି । କଟକ ସହରର ବିଭିନ୍ନ ସମସ୍ୟାର ସମାଧାନ ପାଇଁ ପାରୁ ପର୍ଯ୍ୟନ୍ତ ଉଦ୍ୟମ କରିବି । ମୁଁ ବସ୍ତିରେ ରହିଛି, କଷ୍ଟ ଓ ସମସ୍ୟାକୁ ଅତି ନିକଟରୁ ଦେଖିଛି । ତେଣୁ ଏସବୁର ସମାଧାନ କରିବାକୁ ଚେଷ୍ଟା କରିବି । ରାଜନୀତିରେ ନୂଆ କରି ପାଦ ଦେଇଛି, ଏବେ ବହୁତ କିଛି ଶିଖିବାକୁ ବାକି ଅଛି ।

## ଡିଜିଙ୍କୁ ଦାବି ଜଣାଇଲା ଉତ୍କଳ ସାମ୍ବାଦିକ ସଂଘ

# ହାବିଲଦାର ନୁହେଁ, ଥାନା ଅଧିକାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ହେଉ



ଭୁବନେଶ୍ୱର,(ସଂଦେଶ ବ୍ୟୁରୋ): ନୀଳଗିରିରେ ସାମ୍ବାଦିକ ଲୋକନାଥ ଦଳେଇଙ୍କୁ ଆକ୍ରୋଶମୂଳକ ଗିରଫ ଓ ନିର୍ଯ୍ୟାତନା ସହ ଅମାନବୀୟ ବ୍ୟବହାରକୁ ନେଇ ଉତ୍କଳ ସାମ୍ବାଦିକ ସଂଘର ଏକ ପ୍ରତିନିଧି ମଣ୍ଡଳୀ ପୋଲିସ୍ ଡ଼ିଜି ଅନିଲ୍ କୁମାର ବଂଶଲଙ୍କୁ ଭେଟି ପ୍ରତିବାଦ ଜଣାଇଛି । ଉତ୍କଳ ସାମ୍ବାଦିକ ସଂଘର ରାଜ୍ୟ ସଭାପତି ବିଭୂତି ଭୂଷଣ କରଙ୍କ ନେତୃତ୍ୱରେ ଭୁବନେଶ୍ୱର ସାମ୍ବାଦିକ ସଂଘର ସଭାପତି ପ୍ରତାପ ଚନ୍ଦ୍ର ପ୍ରଧାନ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଲିଙ୍ଗରାଜ ସାହୁ, ଜିତେନ୍ଦ୍ର କୁମାର ମହାନ୍ତି, ସତ୍ୟଜିତ ସେଣ ପ୍ରମୁଖ ଡ଼ିଜିଙ୍କ ସହ ଆଲୋଚନା କାଳରେ କହିଥିଲେ କି, ସାମ୍ବାଦିକ ଶ୍ରୀ ଦଳେଇଙ୍କୁ ଚିକିତ୍ସାଧିନ ଅବସ୍ଥାରେ ଗୋଡ଼ରେ ବେଡ଼ି ବନ୍ଧାଯିବା ଘଟଣାରେ କାର୍ଯ୍ୟରତ ହାବିଲଦାରଙ୍କୁ ନିଲମ୍ବନ କରାଯିବା ଯଥାର୍ଥ ନୁହେଁ । ବିନା କୌଣସି ଉପରିସ୍ଥ ଅଧିକାରୀଙ୍କ ନିର୍ଦ୍ଦେଶରେ ଏପରି ବେଆଇନ୍ କାର୍ଯ୍ୟ ହାବିଲଦାର ସମ୍ପାଦିତ କରିପାରିବେ ନାହିଁ । ନିଜ ପ୍ରତିକ୍ରିୟାରେ ଡିଜି କହିଥିଲେ ଯେ, ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ ପାଇଁ ଡ଼ିଏସ୍‌ପିଙ୍କୁ ଦାୟିତ୍ୱ ଦିଆଯାଇଛି । ପ୍ରାଥମିକ ପର୍ଯ୍ୟାୟରେ ଏହି ଘଟଣାରେ ହାବିଲଦାରଙ୍କୁ ନିଲମ୍ବନ କରାଯାଇଛି । ତଦନ୍ତ ରିପୋର୍ଟ ଆସିବା ପରେ ଦୋଷୀ ଅଧିକାରୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଶ୍ରୀ ବଂଶଲ ପ୍ରତିଶ୍ରୁତି ଦେଇଥିଲେ । ଅପରପକ୍ଷରେ ସଂଘ ତରଫରୁ ଚେତାବନୀ ଦିଆଯାଇଛି କି, ଯଦି ସମ୍ପୃକ୍ତ ଥାନା ଅଧିକାରୀଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ପୂର୍ବକ ଯଥାଶୀଘ୍ର ନିଲମ୍ବନ କରାନଯାଏ, ତେବେ ରାଜ୍ୟବ୍ୟାପୀ ସଂଘ ପକ୍ଷରୁ ଦୃଢ ଆନ୍ଦୋଳନ ଗଢିଉଠିବ । ଏଠାରେ ପ୍ରକାଶଯୋଗ୍ୟ ଯେ, ଆଜି ସମଗ୍ର ରାଜ୍ୟରେ ସଂଘର ବିଭିନ୍ନ ଜିଲ୍ଲା ଶାଖା ପକ୍ଷରୁ ଥାନା ଅଧିକାରୀଙ୍କ ବିରୁଦ୍ଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଦାବି କରି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରାଯାଇଛି ।

# ରାଜ୍ୟସ୍ତରୀୟ ବିଶ୍ୱ ସ୍ୱାସ୍ଥ୍ୟ ଦିବସ ପାଳିତ




ଭୁବନେଶ୍ୱର, (ସଂଦେଶ ବ୍ୟୁରୋ): ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଗୀତଗୋବିନ୍ଦ ସଦନ ଠାରେ ବିଶ୍ୱ ସ୍ୱାସ୍ଥ୍ୟ ଦିବସ ୨୦୨୨ ପାଳିତ ହୋଇଯାଇଛି । ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ସ୍ୱତନ୍ତ୍ର ସଚିବ ଡା. ଅଜିତ୍ କୁମାର ମହାନ୍ତି ଏହି ସମାରୋହରେ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ଦ୍ରୁତ ଗତିରେ ଅବକ୍ଷୟ ହେଉଥିବା ଆମ ପୃଥିବୀର ଜୈବବିବିଧତାର ସୁରକ୍ଷା ନିମନ୍ତେ ପ୍ରତ୍ୟେକ ସ୍ତରରେ ନିଷ୍ଠାପର ଉଦ୍ୟମ ଲୋଡା ବୋଲି ମତ ପ୍ରକାଶ କରିଛନ୍ତି । 'ଆମ ପୃଥିବୀ- ଆମ ସ୍ୱାସ୍ଥ୍ୟ' ଶୀର୍ଷକ ଏହି ରାଜ୍ୟ ସ୍ତରୀୟ ସମାରୋହରେ ଅନ୍ୟତମ ସମ୍ମାନିତ ଅତିଥି ଭାବରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସ୍ୱତନ୍ତ୍ର ସଚିବ (ମେଡିକାଲ ସର୍ଭିସେସ୍) ଡା. ଦୀନବନ୍ଧୁ ପଣ୍ଡା, ଭାରତ ସରକାରଙ୍କ ବରିଷ୍ଠ ଆଂଚଳିକ ନିର୍ଦ୍ଦେଶକ, ଡା. ଏସ୍.କେ. କର, ନିର୍ଦ୍ଦେଶକ ସ୍ୱାସ୍ଥ୍ୟ ସେବା ଡା. ବିଜୟ କୁମାର ମହାପାତ୍ର, କିମ୍ସର ଉପ-କୁଳପତି ଡା.ସି.ବି.କେ. ମହାନ୍ତି, ନିର୍ଦ୍ଦେଶକ ଆୟୁଷ, ଡ଼ା. ଭୂମେଶ ବେହେରା, ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ, ଓଡିଶା ଶାଖା ପ୍ରତିନିଧି ଡା. ନିହାର ରାୟ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ପ୍ରତିଷ୍ଠାନର ନିର୍ଦ୍ଦେଶକ ଡା. ଅମରେନ୍ଦ୍ରନାଥ ମହାନ୍ତି ଅଂଶଗ୍ରହଣ କରି ବିଶ୍ୱ ସ୍ୱାସ୍ଥ୍ୟ ଦିବସ ୨୦୨୨ ଏବଂ ଏ ବର୍ଷର ବାର୍ତାର ଯଥାର୍ଥ କାର୍ଯ୍ୟାନ୍ୱୟନ ଉପରେ ଆଲୋକପାତ କରିଥିଲେ ।

ରାଜ୍ୟସ୍ତରୀୟ ବିଶ୍ୱ ସ୍ୱାସ୍ଥ୍ୟ ଦିବସର ଦ୍ୱିତୀୟ ଭାଗରେ ଆୟୋଜିତ ବିଷୟିକ ଅଧିବେଶନରେ ଭାରତୀୟ ପାଣିପାଗ ବିଭାଗର ଆଂଚଳିକ ପ୍ରତିଷ୍ଠାନର ନିର୍ଦ୍ଦେଶକ ତଥା ମୁଖ୍ୟ ବୈଜ୍ଞାନିକ ଡା. ହବିବୁର ରେହମାନ୍ ବିଶ୍ୱାସ, ଆଇଆଇପିଏଚ୍ ନିର୍ଦ୍ଦେଶକ ଡା. ଶ୍ରୀଧର କଦମ୍, ନିର୍ଦ୍ଦେଶକ ଜନସ୍ୱାସ୍ଥ୍ୟ ଡା. ନିରଞ୍ଜନ ମିଶ୍ର ଓ ୟୁନିସେଫ୍ ପ୍ରତିନିଧି ଡା. ମୀନା ସୋମ୍ ପ୍ରମୁଖ ଅଂଶଗ୍ରହଣ କରି ଜଳବାୟୁ ପରିବର୍ତନ, ମନୁଷ୍ୟ ଜୀବନ ଉପରେ କି କି ନକରାତ୍ମକ ପ୍ରଭାବ ପକାଉଛି ଓ ଏହାକୁ ନିୟନ୍ତ୍ରଣ କରିବା ନିମନ୍ତେ ଆବଶ୍ୟକ ପଦକ୍ଷେପ ସମ୍ପର୍କରେ ସବିଶେଷ ଆଲୋଚନା କରିଥିଲେ । ଓଡ଼ିଶା ସ୍ୱାସ୍ଥ୍ୟ ସେବା ନିର୍ଦ୍ଦେଶକ, ଡା. ବିଜୟ କୁମାର ମହାପାତ୍ର ଏହି ବୈଷୟିକ ଅଧିବେଶନର ସାରାଂଶ ଆଲୋଚନା କରିଥିଲାବେଳେ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ପ୍ରତିଷ୍ଠାନର ଅତିରିକ୍ତ ନିର୍ଦ୍ଦେଶକ ଡା. ପ୍ରଦୀପ କୁମାର ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ ।

## ସାବରମତୀରୁ ବୀରଭୂମି ଯାତ୍ରା

# କଂଗ୍ରେସର ସ୍ୱାଧିନତା ଗୌରବ ଯାତ୍ରାରେ ଓଡ଼ିଶା କଂଗ୍ରେସ ସେବାଦଳ କର୍ମୀ

ଭୁବନେଶ୍ୱର ,(ସଂଦେଶ ବ୍ୟୁରୋ): ନିଖିଳ ଭାରତ କଂଗ୍ରେସ କମିଟି ପକ୍ଷରୁ ସ୍ୱାଧୀନତାର ୭୫ବର୍ଷ ପାଳନ ଅବସରରେ ଏକ ୫୮ ଦିନିଆ "ସ୍ୱାଧୀନତା ଗୌରବ ଯାତ୍ରା" ଗତ ୬ ତାରିଖ ଦିନ ଗୁଜୁରାଟର ସାବରମତୀ ଆଶ୍ରମରୁ ବାହାରିଛି । ୫୮ ଦିନର ଏହି ଯାତ୍ରା ଗୁଜୁରାଟ, ରାଜସ୍ଥାନ ଓ ହରିୟାନା ରାଜ୍ୟ ଦେଇ ଜୁନ ୧ ତାରିଖ ଦିନ ଦିଲ୍ଲୀର ଭାରତ ରତ୍ନ ରାଜୀବ ଗାନ୍ଧୀଙ୍କ ସମାଧି ସ୍ଥଳ ବୀରଭୂମି ଠାରେ



ପହଂଚିବ । ପଦଯାତ୍ରୀମାନେ ୧ ହଜାର ୧ଶହ କିଲୋମିଟର ପଥ ଯାତ୍ରା କରିବେ । ସାରା ଭାରତବର୍ଷରୁ ୭୫୦ ସେବାଦଳ କର୍ମୀ ଏହି ଯାତ୍ରାରେ ସାମିଲ ହୋଇଛନ୍ତି ବୋଲି ଓଡ଼ିଶା ପ୍ରଦେଶ କଂଗ୍ରେସ ସେବାଦଳର ମୁଖ୍ୟ ସଂଗଠକ ଡ. ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ରଙ୍କ ସୂତ୍ରରୁ ପ୍ରକାଶ ।

# ତୈଳ ଓ ଗ୍ୟାସ ଦର ପ୍ରତିବାଦରେ କଂଗ୍ରେସର ଧାରଣା



ଭୁବନେଶ୍ୱର,(ସଂଦେଶ ବ୍ୟୁରୋ): କେନ୍ଦ୍ର ବିଜେପି ସରକାର ପେଟ୍ରୋଲ, ଡିଜେଲ, ଗ୍ୟାସ, ପିଏନଜି ଓ ସିଏନଜି ଦର ବାରମ୍ବାର ବଢ଼ାଇ ଭାରତର ଜନ ସାଧାରଣଙ୍କୁ ଧୋକା ଦେଇଛନ୍ତି । ତେଲ ଦର ବୃଦ୍ଧି ଜନସାଧାରଣଙ୍କର ନିତିଦିନିଆ ଜୀବନ ଜୀବିକା ଉପରେ ସିଧାସଳଖ ପ୍ରଭାବ ପଡୁଛି । ଜନସାଧାରଣଙ୍କୁ ଏ ସଂପର୍କରେ ସଚେତନ କରି ବିଜେପି ସରକାରଙ୍କର ମନମୁଖି ଶାସନ ବ୍ୟବସ୍ଥା ବିରୋଧରେ ସ୍ୱର ଉତୋଳନ କରିବାପାଇଁ ଅଖିଳ ଭାରତ କଂଗ୍ରେସ କମିଟି ଅଧ୍ୟକ୍ଷା ଶ୍ରୀମତୀ ସୋନିଆ ଗାନ୍ଧୀଙ୍କ ନିର୍ଦ୍ଦେଶକ୍ରମେ "ମହଙ୍ଗାଇ ମୁକ୍ତ ଧାରଣା ଓ ପଦଯାତ୍ରା"କାର୍ଯ୍ୟକ୍ରମ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ଓ ଭୁବନେଶ୍ୱର ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ରାଜଭବନ ସମ୍ମୁଖରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଶ୍ରୀ ନିରଞ୍ଜନ ପଟ୍ଟନାୟକ ଉଦ୍‌ବୋଧନ ଦେଇ କହିଲେଯେ ଦେଶରେ ଆଚ୍ଛେଦିନର ସ୍ୱପ୍ନ ଦେଖାଇ ଶାସନକୁ ଆସିଥିବା ବିଜେପି ସରକାର ଲୋକଙ୍କୁ ଭୁଆଁ ବୁଲାଇ ଚାଲିଛନ୍ତି । ତେଲ ଓ ଗ୍ୟାସ ଦର ବାରମ୍ବାର ବଢ଼ିବାରୁ ଜନସାଧାରଣ ଅତିଷ୍ଠ ହୋଇପଡ଼ିଲେଣି । କେନ୍ଦ୍ର ଓ ରାଜ୍ୟ ସରକାର ତୈଳ ଉପରୁ ଏକ୍ସାଇଜି ଡ୍ୟୁଟି ଓ ଭ୍ୟାଟ ହ୍ରାସ ନକରିବାରୁ ତେଲ ଦର କ୍ରମାଗତ ରାଜ୍ୟରେ ବଢ଼ିଚାଲିଛି । ଜନସାଧାରଣଙ୍କ ସ୍ୱାର୍ଥ ଦୃଷ୍ଟିରୁ ତେଲ ଦର ନକମିବା ପର୍ଯ୍ୟନ୍ତ କଂଗ୍ରେସ ଦଳ ପକ୍ଷରୁ ଆନ୍ଦୋଳନ ଜାରି ରହିବ ବୋଲି ଶ୍ରୀ ପଟ୍ଟନାୟକ କହିଥିଲେ ।

ଉଦ୍‌ବୋଧନ ଦେଇ ପୂର୍ବତନ ପିସିସି ସଭାପତି ଶ୍ରୀ ଶରତ ପଟ୍ଟନାୟକ, ଜୟଦେବ ଜେନା, ବରିଷ୍ଠ କଂଗ୍ରେସ ନେତା ରାମଚନ୍ଦ୍ର ଖୁଂଟିଆ, ବିଧାୟକ ସୁରେଶ କୁମାର ରାଉତରାୟ, ଜଗନ୍ନାଥ ପଟ୍ଟନାୟକ, ଅନନ୍ତ ପ୍ରସାଦ ସେଠୀ, ଶିବାନନ୍ଦ ରାୟ, ଚିନ୍ମୟ ସୁନ୍ଦର ଦାସ, ବିସ୍ମୟ ମହାପାତ୍ର, ସୁଦର୍ଶନ ଦାସ, ବିଶ୍ୱଜିତ ଦାଶ, ମନୋରଞ୍ଜନ ଦାଶ, ରଜନୀ ମହାନ୍ତି, ହଳଧର ସେଠୀ, ପଦ୍ମାକର ଗୁରୁ, ମଧୁସ୍ମିତା ଆଚାର୍ଯ୍ୟ, ଅଶୋକ ଦାସ, ସତ୍ୟବ୍ରତ ନାୟକ, ଅମିତା ବିଶ୍ୱାଳ, ବିଶ୍ୱଭୂଷଣ ମହାପାତ୍ର, ଅଜୟ ସାମଲ, ଇତିଶ୍ରୀ ମଲ୍ଲିକ ପ୍ରମୁଖ କହିଲେ ଯେ କଂଗ୍ରେସ ଶାସନ ସମୟରେ ଆର୍ନ୍ତଜାତୀୟ ବଜାରରେ ଅଶୋଧିତ ତୈଳଦର ବ୍ୟାରେଲ ପ୍ରତି ୧୨୧ ରୁ ୧୩୮ ଡଲାର ରହିଛି ।

# ରାଜ୍ୟରେ ଜଳସେଚନ କାର୍ଯ୍ୟ ଆଗେଇ ନେବା ପାଇଁ ସରକାର କାର୍ଯ୍ୟ କରନ୍ତୁ : ଦିଲୀପ



ଭୁବନେଶ୍ୱର, (ସଂଦେଶ ବ୍ୟୁରୋ): ଗ୍ରୀଷ୍ମ ଋତୁ ଆରମ୍ଭରୁ ଓଡ଼ିଶାର ପ୍ରତ୍ୟେକ ଜିଲ୍ଲାରେ ବର୍ତମାନ ଜଳ ସମସ୍ୟା ଦେଖାଦେଉଛି । ରାଜ୍ୟର ସବୁ ନଦୀ, ନାଳ ଏକ ପ୍ରକାର ଶୁଷ୍କ ହେବାରୁ ଲୋକମାନେ ପିଇବା ପାଣି ଓ ଚାଷ ପାଇଁ ବହୁ ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି । ନଦୀ, ନାଳ, କେନାଲରେ ପାଣିର ସ୍ତର କମିବାରେ ଲାଗିଛି । ଚାଷ, ପିଇବା ପାଣି, ଜୀବଜନ୍ତୁ ଏବେ ପାଣି ପାଇଁ ହାହାକାର ଦେଖାଦେଉଛି । ୨୨ବର୍ଷ ଶାସନ କ୍ଷମତାରେ ରହି ମଧ୍ୟ ଜଳ ସଂରକ୍ଷଣ ବ୍ୟବସ୍ଥାରେ ଫେଲ ହୋଇଥିବା ନବୀନ ସରକାର ରାଜ୍ୟରେ ସାମାନ୍ୟ କେନାଲଟିଏ ମଧ୍ୟ ନିର୍ମାଣ କରିବାରେ ବିଫଳ ହୋଇଛନ୍ତି । ରାଜ୍ୟରେ ୩୫% ଜମି ଜଳସେଚନ ନାଁରେ ବିଜେଡି ସରକାର ପ୍ରହେଳିକା କରିଆସୁଛନ୍ତି । ୨୦୦୩ରୁ ଫାଇଲ ଚାଷ ଆରମ୍ଭ କରି ୨୦୦୬ରେ ରାଜ୍ୟପାଳଙ୍କ ଭାଷଣରେ ପ୍ରତି ବ୍ଲକରେ ଅତି କମ୍‌ରେ ୩୫% ଜଳସେଚନ କଥା କହିଥିଲେ ନବୀନ ସରକାର । ଆଜି ୨୦୨୨ରେ ମଧ୍ୟ ରାଜ୍ୟରେ ଜଳସେଚନ କେବଳ କାଗଜ କଲମରେ ସେହି ୩୫%ରେ ଅଟକି ଯାଇଛି । ଏପରିକି କେତେ ଜମି ଜଳସେଚିତ ହୋଇଛି, ତାହାର ତଥ୍ୟ ମଧ୍ୟ ରାଜ୍ୟ ସରକାରଙ୍କ ନିକଟରେ ନାହିଁ । ମୋଦି ସରକାର ଖୋଲା ହାତରେ ଆର୍ଥିକ ଅନୁଦାନ ପ୍ରଦାନ କରୁଥିବା ସତ୍ୱେ ଚାଷୀବିରୋଧୀ ରାଜ୍ୟ ସରକାରଙ୍କ ଆନ୍ତରିକତା ଅଭାବ କାରଣରୁ ରାଜ୍ୟରେ ଜଳସେଚନ କାର୍ଯ୍ୟ ଆଗେଇ ପାରୁନାହିଁ । ରାଜ୍ୟ ସରକାର ବାଧକ ସାଜିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ବିଜେପି ଗଣମାଧ୍ୟମ ମୁଖ୍ୟ ଦିଲ୍ଲୀପ ମଲ୍ଲିକ ଅଭିଯୋଗ ଆଣିଛନ୍ତି ।

କେନ୍ଦ୍ର ସରକାର ଚାଷୀଙ୍କ ପାଇଁ ଓଡିଶା ରାଜ୍ୟକୁ ଜଳ ସେଚନ ପ୍ରକଳ୍ପ ବାବଦରେ ୮୪୩କୋଟି ଟଙ୍କା ଦେଇଥିଲେ । କିନ୍ତୁ ଅପାରଗ ବିଜେଡି ସରକାର ଚାଷୀକୁଳର ସ୍ୱାର୍ଥ ପାଇଁ ଏହି ଟଙ୍କାକୁ ବିନିଯୋଗ କରିବାରେ ବିଫଳ କାରଣରୁ ଶେଷରେ ଟଙ୍କା ଫେରିଗଲା ବୋଲି ସଦ୍ୟ ପ୍ରକାଶିତ ସିଏଜି ରିପୋର୍ଟରେ ଉଲ୍ଲେଖ ହୋଇଛି ।

# ଚଳିତବର୍ଷର ଜାନକୀ ବଲ୍ଲଭ ସ୍ମୃତି ସମ୍ମାନ ପାଇବେ ମଞ୍ଜୁ ମହାନ୍ତି, ପ୍ରଭାକର ସ୍ୱାଇଁ ଓ ଅଶୋକ ପଣ୍ଡା





ଭୁବନେଶ୍ୱର, (ସଂଦେଶ ବ୍ୟୁରୋ): ଓଡ଼ିଶାର ଅନନ୍ୟ ବରପୁତ୍ର, ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଆସାମର ପୂର୍ବତନ ରାଜ୍ୟପାଳ ସ୍ୱର୍ଗତ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ସ୍ମୃତିରେ ପୂର୍ବବର୍ଷ ମାନଙ୍କ ଭଳି ଚଳିତବର୍ଷ ସମାଜସେବା, ଭାଷା ସାହିତ୍ୟ ଓ ସାମ୍ବାଦିକତା କ୍ଷେତ୍ରରେ ଜୀବନବ୍ୟାପୀ ସାଧନା ପାଇଁ ସମ୍ବର୍ଦ୍ଧିତ ହେବାକୁ ଥିବା ପ୍ରତିଭା ମାନଙ୍କ ନାମ ପୂର୍ବତନ କୁଳପତି ଡଃ ବିମଳେନ୍ଦୁ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କମିଟି ନିମ୍ନମତେ ଘୋଷଣା କରିଛନ୍ତି । ରାଜ୍ୟସ୍ତରୀୟ ଜାନକୀ ବଲ୍ଲଭ ସ୍ମୃତି କମିଟିର ସାଧାରଣ ସମ୍ପାଦକ ଡଃ ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ର ଏକ ପ୍ରେସ୍ ବିଜ୍ଞପ୍ତିରେ ଜଣାଇଛନ୍ତି ଯେ, ସମାଜସେବା କ୍ଷେତ୍ରରେ ଛାତ୍ର ଜୀବନରୁ ନିଜକୁ ସମର୍ପିତ କରିଥିବା, ପୁରୀ ଜିଲ୍ଲାର ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଶ୍ରୀମତୀ ମଞ୍ଜୁ ମହାନ୍ତି, ଭାଷା ସାହିତ୍ୟ କ୍ଷେତ୍ରରେ ଜୀବନବ୍ୟାପୀ କାର୍ଯ୍ୟ କରିଥିବା, କଟକ ଶାରଳା ସାହିତ୍ୟ ସଂସଦର ସଭାପତି ଇଂ ପ୍ରଭାକର ସ୍ୱାଇଁ ଏବଂ ସାମ୍ବାଦିକତା କ୍ଷେତ୍ରରେ ଜୀବନବ୍ୟାପୀ ସାଧନା ପାଇଁ ଟାଇମ୍ସ ଅଫ୍ ଇଣ୍ଡିଆର ପୂର୍ବତନ ସହ ସମ୍ପାଦକ ତଥା ପ୍ରଭାବଶାଳୀ ବକ୍ତା ରୋଟାରିୟାନ ଅଶୋକ ପଣ୍ଡାଙ୍କୁ ଆସନ୍ତା ୨୧ ତାରିଖ ସନ୍ଧ୍ୟା ୬ ଘଟିକା ସମୟରେ ସ୍ୱର୍ଗତ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ୭ମ ବାର୍ଷିକ ଶ୍ରାଦ୍ଧଉତ୍ସବରେ ସମ୍ବର୍ଦ୍ଧିତ କରାଯିବ ।



ମନୋଜବଂ
ମାରୁତତୁଲ୍ୟବେଗଂ
ଜିତେନ୍ଦ୍ରିୟଂ ବୁଦ୍ଧିମତାଂ
ବରିଷ୍ଠମ୍ ।
ତ୍ୱଜଂ ବାନରଯୁଥମୁଖ୍ୟଂ
ଶ୍ରୀରାମଦୂତଂ ଶରଣଂ
ପ୍ରପଦ୍ୟେ ॥

ସମ୍ପାଦକୀୟ

## ମାଗଣା ଯୋଜନା: ଶ୍ରୀଲଙ୍କା ପରିସ୍ଥିତି ହେବନି ତ ?

କେତେକ ରାଜ୍ୟ ସରକାରଙ୍କ ମାଗଣା ଯୋଜନା ତଥା ଜନସାଧାରଣଙ୍କୁ ମାଗଣାରେ ସୁବିଧା ବଂଟନ ନେଇ ନିକଟରେ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଆହୁତ ନବମ ସଚିବସ୍ତରୀୟ ବୈଠକ ଅବସରରେ କେତେକ ବରିଷ୍ଠ ପ୍ରଶାସକ ଦେଇଥିବା ଚେତାବନୀ ନିଶ୍ଚିତ ଭାବେ ଗୁରୁତ୍ୱ ବହନ କରୁଛି । ସେମାନେ ଦର୍ଶାଉଛନ୍ତି ଯେ, ରାଜ୍ୟ ସରକାରମାନେ ଯେଉଁଳି 'ମାଗଣା ଯୋଜନା' କରୁଛନ୍ତି, ତାହାର ପ୍ରଭାବରେ ଋଣଭାର ବଢ଼ିବାର ବଢ଼ିବା ସହ ଶ୍ରୀଲଙ୍କାରେ ଏବେ ଯେଉଁଳି ଆର୍ଥୀକ ସଂକଟ ତଥା ଦେବାଳିଆ ପରିସ୍ଥିତି ସୃଷ୍ଟି ହୋଇଛି, ଦେଶରେ ସେହିଭଳି ଅବସ୍ଥା ସୃଷ୍ଟି ହୋଇପାରେ ବୋଲି ଚେତାବନୀ ଦେଇଛନ୍ତି । କହିବା ବାହୁଲ୍ୟ ଯେ, ଲୋକପ୍ରିୟତା ପାଇଁ ଶ୍ରୀଲଙ୍କା ସରକାର କ୍ରମାଗତ ଟିକସ ହ୍ରାସ କରିବା ସହ କେତେକ ଅପରିମାଣଦର୍ଶୀ ଯୋଜନା ପାଇଁ ଋଣଭାରରେ ବୁଡ଼ି ରହିବା ଯୋଗୁଁ ଏବେ ନାହିଁ ନଥିବା ଦୁର୍ଦ୍ଦିନର ସମ୍ମୁଖୀନ ହୋଇଛି । ବରିଷ୍ଠ ପ୍ରଶାସନମାନେ ନିର୍ଦ୍ଦିଷ୍ଟ ଭାବେ ପାଂଚଟି ରାଜ୍ୟ ତଥା ପଞ୍ଜାବ, ଦିଲ୍ଲୀ, ତେଲେଙ୍ଗାନା, ପଶ୍ଚିମବଙ୍ଗ, ଏବଂ ଆନ୍ଧ୍ରପ୍ରଦେଶର ନାମ ଉଲ୍ଲେଖ କରିଛନ୍ତି । ଏହା ସତ୍ୟ ଯେ, ଆମ ଦେଶରେ କ୍ଷମତା ପାଇଁ ରାଜନୈତିକ ଦଳଗୁଡ଼ିକ ଏବେ ମାଗଣା ଯୋଜନାକୁ ନିର୍ବାଚନ ସମୟରେ ମୁଖ୍ୟ ଆୟୁଦ୍ଧ ଭାବେ ଗ୍ରହଣ କରି ନେଇଛନ୍ତି । ଦେଶରେ ସ୍ୱଳ୍ପ ଆୟକାରୀ ଭୋଟଦାତା ଏବଂ କେତେକ ପ୍ରଭାବଶାଳୀ ସ୍ୱାର୍ଥନ୍ୱେଷୀ ଗୋଷ୍ଠୀଙ୍କ ସମର୍ଥନ ପାଇବା ପାଇଁ 'ମାଗଣା ଯୋଜନା' ସବୁଠାରୁ ସହଜ ପନ୍ଥା ଭାବେ ରାଜନୈତିକ ନେତା ଏବଂ ରାଜନୈତିକ ଦଳଗୁଡ଼ିକ ଗ୍ରହଣ କରିନେଇଛନ୍ତି । ନିର୍ବାଚନ ସମୟ ଆସିଲେ, ରାଜନୈତିକ ଦଳଗୁଡ଼ିକ ମାଗଣା ଯୋଜନା ସମ୍ପର୍କରେ ଇସ୍ତାହାରରେ ଘୋଷଣା କରିଥାନ୍ତି । ଅନ୍ୟପକ୍ଷରେ ନିର୍ବାଚନ ବେଳେ ଭୋଟଦାତାଙ୍କ ମାଗଣାରେ ଟଙ୍କା ପଇସା ଠାରୁ ଆରମ୍ଭ କରି ବିଭିନ୍ନ ସାମଗ୍ରୀ ପାଇବା ଏବେ ମାନସିକତା ହୋଇଯାଇଛି । ନୋଟ ବଦଳରେ ଭୋଟ ଭୋଟଦାତାର ମାନସିକତା ହୋଇଯାଇଥିବାବେଳେ ଏହାକୁ ଦୃଷ୍ଟିରେ ରଖି ରାଜନୈତିକ ଦଳଗୁଡ଼ିକ ବା କ୍ଷମତାସୀନ ସରକାର ବହୁ ମାଗଣା ଯୋଜନା ଘୋଷଣା କରିଥାନ୍ତି । ମାଗଣାରେ ବିଦ୍ୟୁତ, ପାନୀୟ ଜଳ ଯୋଗାଣ, ପ୍ରତ୍ୟେକ ମହିଳାଙ୍କୁ ମାସିକ ୧୦୦୦ଟଙ୍କା ଭତ୍ତା, ଝିଅମାନଙ୍କୁ ମାଗଣା ସ୍କୁଟି, ଟାବଲେଟ, ସ୍ମାଟଫୋନ, ମାଗଣା ଗ୍ୟାସ ସିଲିଣ୍ଡର, ମାଗଣା ରାସନ ଯୋଗାଣ ଇତ୍ୟାଦି ଘୋଷଣା କରିଛନ୍ତି । କେବଳ ଦିଲ୍ଲୀ, ପଞ୍ଜାବ, ପଶ୍ଚିମବଙ୍ଗ, ତେଲେଙ୍ଗାନା, ଆନ୍ଧ୍ରପ୍ରଦେଶ ସରକାର ନୁହଁନ୍ତି, ଦେଶର ସମସ୍ତ ରାଜ୍ୟର ସରକାର, ଏପରିକି କେନ୍ଦ୍ର ସରକାର ଲୋକପ୍ରିୟତା ଓ ଭୋଟ ବ୍ୟାଙ୍କ ସୃଷ୍ଟି ପାଇଁ ମାଗଣା ଯୋଜନା ମାନ କାର୍ଯ୍ୟକାରୀ କରିଛନ୍ତି । ଯାହାର ପ୍ରଭାବ ରାଜକୋଷ ଉପରେ ସିଧାସଳଖ ପଡ଼ିଛି ଏବଂ ରାଜ୍ୟ ଓ ଦେଶର ଋଣଭାର ବଢ଼ି ବଢ଼ି ଚାଲିଛି । ଏହା ସତ୍ୟ ଯେ, ଲୋକପ୍ରିୟ ଯୋଜନା ଥରେ ଆରମ୍ଭ ହୋଇଗଲେ, ତାକୁ ସରକାର ବନ୍ଦ କରିବା କଷ୍ଟକର ହୋଇଥାଏ । ଯେଉଁ ସରକାର ଏଭଳି ଲୋକପ୍ରିୟ ଯୋଜନାକୁ ବନ୍ଦ କରିବାକୁ ନିଷ୍ପତି ନେଇଥାନ୍ତି, ପରବର୍ତୀ ନିର୍ବାଚନରେ ସରକାର କ୍ଷମତା ହରାଇବାର ବହୁ ଉଦାହରଣ ଆମ ଦେଶରେ ରହିଛି । ଏହାର କାରଣ ହେଉଛି, ଲୋକଙ୍କ ଭିତରେ ଏକ ମାଗଣା ଖିଆ ମାନସିକତା ସୃଷ୍ଟି ହୋଇଥାଏ । ମାଗଣା ଯୋଜନା ସଂଖ୍ୟା ଯେପରି ଦେଶରେ ବଢ଼ିଚାଲିଛି, ଏହାର କୁପ୍ରଭାବ ରାଜକୋଷ ଏବଂ ଅର୍ଥନୀତି ଉପରେ ସିଧାସଳଖ ପଡୁଥିବା ବେଳେ ଜନସାଧାରଣ ଏବଂ ଆଗାମୀ ପିଢ଼ି ଉପରେ ପରୋକ୍ଷ ଭାବେ ପଡୁଛି । ଏଭଳି ଯୋଜନା ପାଇଁ ଋଣ କରିବା ବ୍ୟତୀତ ଅନ୍ୟ ପନ୍ଥା ନାହିଁ । ବିଭିନ୍ନ ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କ ଋଣ ଭାର ଏବେ ବଢ଼ି ଚାଲିଛି । ରିପୋର୍ଟରେ କୁହାଯାଇଛି ଯେ, ଜନ୍ମ ହେବା ପିଲା ମୁଣ୍ଡ ଉପରେ ୩୦ ହଜାର ଟଙ୍କାର ଋଣ ବୋଝ ରହିଛି । ଉଲ୍ଲେଖଯୋଗ୍ୟ ଗତ ନିର୍ବାଚନରେ ଉତରପ୍ରଦେଶରେ ବିଜେପି ଏବଂ ପଞ୍ଜାବରେ ଆମ ଆଦମୀ ପାର୍ଟି ଯେଉଁ ସବୁ ମାଗଣା ଯୋଜନା ଘୋଷଣା କରିଛନ୍ତି, ତାହା କେବଳ ଋଣ ବୋଝ ବଢ଼ାଇବ ।

## ନୀତିବାଣୀ

ଯେଉଁ ପରମପୁରୁଷ ଭଗବାନ ମାଆ ଯଶୋଦା ଓ ନନ୍ଦ ମହାରାଜଙ୍କ ପୁତ୍ର ରୂପେ ପରିଚିତ, ସେ ଏତେ ପୂର୍ଣ୍ଣଭାବରେ ଯୋଗୀ ଓ ଜ୍ଞାନୀମାନଙ୍କ ପାଖରେ ପ୍ରକାଶିତ ହୋଇ ନାହାନ୍ତି । କିନ୍ତୁ ସେ ତାଙ୍କର ଭକ୍ତମାନଙ୍କ ପକ୍ଷରେ ଅତ୍ୟନ୍ତ ସୁଲଭ । ଆନନ୍ଦର ସରୋବର ହିସାବରେ ସେ ଯୋଗୀ ଓ ଜ୍ଞାନୀମାନଙ୍କ ପାଖରେ ଆଦୃତ ହୁଅନ୍ତି ନାହିଁ ।

ପୁଅକୁ ବାନ୍ଧି ମାଆ ଯଶୋଦା ଗୃହକର୍ମରେ ଲାଗିଗଲେ । ଉଦୁଖଳରେ ବନ୍ଧାହୋଇ ଶ୍ରୀକୃଷ୍ଣ ତାଙ୍କ ସମ୍ମୁଖରେ ଥିବା ଦୁଇଟି ଅର୍ଜୁନ ଗଛକୁ ଦେଖିଲେ । ଆନନ୍ଦର ସରୋବର ଭଗବାନ୍ ଶ୍ରୀକୃଷ୍ଣ ମନେ ମନେ ଭାବିଲେ, 'ମାଆ ଯଶୋଦା ପ୍ରଥମେ ମୋତେ ଯଥେଷ୍ଟ ପରିମାଣରେ ଦୁଧ ନପିଆଇ ଛାଡ଼ିଦେଲେ, ସେଥିପାଇଁ ମୁଁ ଦଧିଭାଣ୍ଡ ଭାଙ୍ଗି ପକାଇଲିଏବଂ ମାଙ୍କଡ଼ମାନଙ୍କୁ ଲହୁଣୀ ବାଣ୍ଟିଦେଲି । ବର୍ତ୍ତମାନ ମାଆ ମୋତେ ଉଦୁଖଳରେ ବାନ୍ଧି ପକାଇଛନ୍ତି, ତେବେ ମୁଁ ବର୍ତ୍ତମାନ ପୂର୍ବାପେକ୍ଷା ଅଧିକ ଦୁଷ୍ଟାମି ପ୍ରଦର୍ଶନ କରିବି ।' ଏପରି ଚିନ୍ତାକରି ସେ ସମ୍ମୁଖରେ ଥିବା ଦୀର୍ଘକାୟ ଅର୍ଜୁନ ବୃକ୍ଷ ଦୁଇଟିକୁ ଓପାଡ଼ି ପକାଇବାକୁ ଇଚ୍ଛାକଲେ ।ଏ ଅର୍ଜୁନ ବୃକ୍ଷ ଦୁଇଟି ପଛରେ ଏକ ଇତିହାସ ଅଛି । ସେମାନଙ୍କର ପୂର୍ବ ଜନ୍ମରେ ସେମାନେ କୁବେରର ଦୁଇପୁଅ-ନଳକୁବେର ଓ ମଣିଗ୍ରୀବ ରୂପରେ ଜନ୍ମ ହୋଇଥିଲେ । ସୌଭାଗ୍ୟବଶତଃ ସେମାନେ ଭଗବାନଙ୍କ ଦୃଷ୍ଟିପଥକୁ ଆସିଲେ । ପୂର୍ବଜନ୍ମରେ ସେମାନେ ନିଶାରେ ଭୋଳ ହୋଇ ନାରଦଙ୍କ ପ୍ରତି ଅବହେଳା ପ୍ରଦର୍ଶନ କରିଥିବା ଯୋଗୁ ନାରଦ ମହର୍ଷି ସେମାନଙ୍କୁ ଅଭିଶାପ ଦେଇଥିଲେ । ଏ ଅଭିଶାପ, ଆଶୀର୍ବାଦରେ ପରିଣତ ହେଲା । ପରବର୍ତ୍ତି ଅଧ୍ୟାୟରେ ଏକଥା ବର୍ଣ୍ଣନା କରାଯିବ ।

# ରାଜଧାନୀରେ ବସ୍ତିର ଇତିବୃତ୍ତି

**ସୁବାଷ କୁମାର ତାରଣିଆଁ**
କଣ୍ଟି, ବାହାରଣା, ବାଲିକୁଦା, ଜଗତସିଂହପୁର
ମୋ : ୮୩୨୮୮୪୦୨୧୪





ରାଜଧାନୀ ଭୁବନେଶ୍ୱର ଏବେ ଓଡ଼ିଶାବାସୀଙ୍କ ପ୍ରମୁଖ ବ୍ୟବସାୟିକ ପେଣ୍ଠସ୍ଥଳୀ ପାଲଟିଛି । ସେଥିପାଇଁ ପ୍ରତିବର୍ଷ ଭୁବନେଶ୍ୱରରେ ଲୋକସଂଖ୍ୟା ହୁ ହୁ ହୋଇ ବୃଦ୍ଧି ପାଇବାରେ ଲାଗିଛି । ଏକ ତଥ୍ୟରୁ ଜଣାପଡିଛି ଯେ, ୨୦୧୯ ମସିହାରେ ଭୁବନେଶ୍ୱରରେ ଲୋକସଂଖ୍ୟା ୧୧ ଲକ୍ଷ ୩୧ ହଜାର ଥିବାବେଳେ ୨୦୨୦ରେ ୧୧ ଲକ୍ଷ ୬୩ ହଜାର, ୨୦୨୧ରେ ୧୧ ଲକ୍ଷ ୯୪ ହଜାର ଏବଂ ୨୦୨୨ରେ ଏହା ୧୨ ଲକ୍ଷ ୨୬ ହଜାରକୁ ବୃଦ୍ଧି ପାଇଛି । ଏବେ ଭୁବନେଶ୍ୱର ସ୍ମାର୍ଟସିଟିରେ ପରିଣତ ହେବାକୁ ଯାଉଛି । ଏଥିପାଇଁ ସମସ୍ତ ପ୍ରସ୍ତୁତି ପର୍ବ ମଧ୍ୟ ଶେଷ ସୋପାନରେ ପହଞ୍ଚିଛି । ରାସ୍ତାର ପ୍ରଶସ୍ତିକରଣ ଓ ସୌନ୍ଦର୍ଯ୍ୟକରଣ, ବସ୍ତି ଉଚ୍ଛେଦ ଅଭିଯାନ ଜାରି ରହିଛି । ଭୁବନେଶ୍ୱର ଓଡ଼ିଶାର ରାଜଧାନୀ ମାନ୍ୟତା ପାଇବା ପୂର୍ବରୁ ଏହି ସହର ଘଞ୍ଚ ଜଙ୍ଗଲରେ ପରିଣତ ଥିଲା, ଲୋକସଂଖ୍ୟା ମଧ୍ୟ କମ୍ ଥିଲା । ଲୋକମାନେ ଦିନରେ ଯିବାକୁ ଭୟ କରୁଥିଲେ । ସେତେବେଳେ ରାଜଧାନୀରେ ବସ୍ତି ମଧ୍ୟ ନଥିଲା କି ବର୍ତ୍ତମାନ ଭଳି ଏତେ ସଂଖ୍ୟକ ଘର ନଥିଲା । କାଁ ଭାଁ ଯେଉଁଠି ଘର ଥିଲା, ସେହି ଘରୁ ଚୋରି ମଧ୍ୟ ହେଉଥିଲା । ବାଧ୍ୟ ହୋଇ ଘର ମାଲିକମାନେ ଚୋର ଦାଉରୁ ରକ୍ଷା ପାଇବା ପାଇଁ ଭୁବନେଶ୍ୱରକୁ ଆସୁଥିବା ଲୋକମାନଙ୍କୁ ମାଗଣାରେ ଭଡ଼ାରେ ରଖୁଥିଲେ । ହେଲେ ୧୯୪୮ ମସିହା ଏପ୍ରିଲ ମାସ ୧୩ ତାରିଖରେ ଭୁବନେଶ୍ୱର ଓଡ଼ିଶାର ରାଜଧାନୀ ମାନ୍ୟତା ପାଇବା ପରେ ଏହାର ରୂପରେଖ ବଦଳି ଯାଇଛି ଓ ପରବର୍ତ୍ତୀ ସମୟରେ ଭାରତରେ ଭୁବନେଶ୍ୱର ଏକ ପ୍ରମୁଖ ସହର ଭାବେ ପରିଗଣିତ ହୋଇଛି । ଏବେ ଭୁବନେଶ୍ୱରରେ ଗୋଟେ ଘରଭଡ଼ା ନେଇ ରହିବାକୁ ହେଲେ ସାରା ସହର ବୁଲିଆସିଲେ ମଧ୍ୟ ଘରଭଡ଼ା ମିଳିବା କଷ୍ଟସାଧ୍ୟ ହୋଇପଡ଼ିଛି ।

ଭୁବନେଶ୍ୱର ରାଜଧାନୀର ମାନ୍ୟତା ପାଇବାର ବହୁବର୍ଷ ପୂର୍ବରୁ ଜଣେ ଇଞ୍ଜିନୟଙ୍କର ଭୁବନେଶ୍ୱରକୁ ବଦଳି ହୋଇଥିଲା । ସେ ଭୁବନେଶ୍ୱରରେ ଯୋଗଦେବା ପରେ ତାଙ୍କୁ ଏକ ସରକାରୀ ଘର ମଧ୍ୟ ମିଳିଗଲା ଏବଂ ସେ ନିଜର ପରିବାର ସହିତ ସେହି ସରକାରୀ ଘରେ ରହିଲେ । ନିଜ ସରକାରୀ ଘରେ ରୋଷେଇବାସ ତଥା ଅନ୍ୟାନ୍ୟ ଘରୋଇ କାମ କରିବା ପାଇଁ ଇଞ୍ଜିନିୟର ଜଣଙ୍କ ନିଜ ଗାଁରୁ ଜଣେ ସ୍ତ୍ରୀଲୋକଙ୍କୁ ସାଙ୍ଗରେ ଆଣିଲେ ଏବଂ ସ୍ତ୍ରୀ ଲୋକଟି ରହିବା ପାଇଁ ସରକାରୀ ଘର ନିକଟରେ ଥିବା ଏକ ବିସ୍ତୀର୍ଣ୍ଣ ପଡ଼ିଆରେ ଗୋଟିଏ କୁଡ଼ିଆ ଘର ତିଆରି କଲେ । ସ୍ତ୍ରୀ ଲୋକଟି ଦିନରେ ଇଞ୍ଜିନିୟରଙ୍କ ଘରେ କାମ କରେ ଏବଂ ରାତିରେ ସେହି କୁଡ଼ିଆ ଘରେ ବିଶ୍ରାମ ନିଏ । ସ୍ତ୍ରୀଲୋକଟି କୁଡ଼ିଆ ଘରେ ଏକୁଟିଆ ଅସୁରକ୍ଷିତ ମନେ କରିବାରୁ ନିଜ ସ୍ୱାମୀଙ୍କ ସହିତ ସେହି କୁଡ଼ିଆ ଘରେ ରହିବା ପାଇଁ ଇଞ୍ଜିନିୟରବାବୁଙ୍କୁ ଅନୁରୋଧ କଲେ । ସ୍ତ୍ରୀ ଲୋକଟିର ଅନୁରୋଧ ରକ୍ଷା କରି ତାଙ୍କ ସ୍ୱାମୀଙ୍କୁ ମଧ୍ୟ ଭୁବନେଶ୍ୱରକୁ ନେଇଆସିଲେ । ସ୍ୱାମୀ ସ୍ତ୍ରୀ କିଛିଦିନ ରହିବା ପରେ, ତାଙ୍କ ସ୍ୱାମୀ ଜଣେ ଗୋପାଳକ ହୋଇଥିବାରୁ ଗାଁରୁ ଦୁଇଟି ଗାଈ ଭୁବନେଶ୍ୱର ଆଣିଲେ ଏବଂ କୁଡ଼ିଆ ଘର ପାଖକୁ ଲାଗି ଆଉ ଏକ ଘର ତିଆରି କଲେ । ସେହି ଘରେ ଗାଈ ଦୁଇଟିକୁ ରଖିଲେ । ସକାଳେ ଏବଂ ସନ୍ଧ୍ୟାରେ ଗୋପାଳକ ଜଣକ ଇଞ୍ଜିନିୟରଙ୍କ ଘରେ କ୍ଷୀର ଦେବା ସହିତ ପାଖ ସରକାରୀ ଘରେ ରହୁଥିବା ଲୋକମାନଙ୍କୁ ମଧ୍ୟ କ୍ଷୀର ଦେବା ଆରମ୍ଭ କଲେ । ଘରୋଇ ଗାଈ ଏବଂ ଦେଶୀ କ୍ଷୀର ହୋଇଥିବାରୁ, ରାଜଧାନୀର ବହୁ ଇଞ୍ଜିନିୟର, ଅଫିସର ଓ ଧନୀ ଘରର ଲୋକମାନେ ଗୋପାଳଙ୍କ ଠାରୁ କ୍ଷୀର ନେବା ପାଇଁ ଆଗ୍ରହ ପ୍ରକାଶ କଲେ । ଏହାର କିଛିଦିନ ପରେ ଗୋପାଳକ ଜଣକ ଗାଁରୁ ଆଉ ଚାରୋଟି ଗାଈ ଆଣିଲେ ଏବଂ ଗାଈଗୁଡ଼ିକର ଦେଖାଶୁଣା କରିବା ପାଇଁ ଗାଁରୁ ତାଙ୍କ ଦୁଇଭାଇଙ୍କୁ ମଧ୍ୟ ସାଙ୍ଗରେ ଆଣିଲେ । ସେମାନଙ୍କ ରହିବା ପାଇଁ ସେଠାରେ ଆଉ ଦୁଇଟି ଘର ମଧ୍ୟ ତିଆରି କଲେ । ଗୋପାଳକ ଏବଂ ତାଙ୍କ ଭାଇମାନେ ସେଠାରେ ରହି କ୍ଷୀର ବ୍ୟବସାୟ ଆରମ୍ଭ କଲେ ଏବଂ ରାଜଧାନୀର ବିଭିନ୍ନ ଅଞ୍ଚଳ ବୁଲି ସରକାରୀ ବାସଭବନ ଏବଂ ସ୍ଥାନୀୟ ଲୋକମାନଙ୍କ ଘରେ କ୍ଷୀର ଦେବା ଆରମ୍ଭ କଲେ । ଧୀରେ ଧୀରେ ରାଜଧାନୀରେ ଲୋକସଂଖ୍ୟା ବଢ଼ିବାକୁ ଲାଗିଲା । ସେହି ଅନୁପାତରେ ଗୋପାଳକ ଜଣଙ୍କ କ୍ଷୀର ଯୋଗାଇ ପାରିଲେ ନାହିଁ । ତାଙ୍କ କୁଡ଼ିଆ ଘର ନିକଟରେ ସକାଳେ ଓ ସନ୍ଧ୍ୟାରେ କ୍ଷୀର ନେବା ପାଇଁ ଲୋକ ଲମ୍ବା ଧାଡ଼ି ଲଗିଲା । ବାଧ୍ୟ ହୋଇ ଗୋପାଳକ ଜଣଙ୍କ ତାଙ୍କ ଦୁଇଶଳା ଓ ଶଳାଭାଉଜଙ୍କୁ ଭୁବନେଶ୍ୱର ନେଇ ଆସିଲେ ଏବଂ ସାଙ୍ଗରେ ଆଉ ୫ଟି ଗାଈ ମଧ୍ୟ ଆଣିଲେ । ସେମାନଙ୍କ ପାଇଁ ମଧ୍ୟ ଘରର ବନ୍ଦୋବସ୍ତ କରାଗଲା ଏବଂ ସେଠାରେ ଏକ ଛୋଟ ବସ୍ତି ଗଢ଼ିଉଠିଲା । ସେହି ବସ୍ତିରେ ସେମାନେ ରହି କ୍ଷୀର ବ୍ୟବସାୟ ଆରମ୍ଭ କଲେ । ଏହାର କିଛି ବର୍ଷ ପରେ ଇଞ୍ଜିନିୟର ବାବୁ ଜଣଙ୍କ ଚାକିରୀରୁ ଅବସର ନେଲେ ଓ ସରକାରୀ ବାସଭବନଟିକୁ ଛାଡ଼ି ଅନ୍ୟତ୍ର ଚାଲିଗଲେ ଏବଂ ଆଉ ଜଣେ ନୂଆ ଅଫିସର ତାଙ୍କ ପରିବାର ସହିତ ସେହି ସରକାରୀ ଘରେ ରହିଲେ । ମାତ୍ର ଗୋପାଳକ ମାନଙ୍କର ଛୋଟ ବସ୍ତିଟି ସେହିଠାରେ ହିଁ ରହିଥିଲା । ଧୀରେ ଧୀରେ ସେ ଅଞ୍ଚଳଟି ଗୋପାଳକ ମାନଙ୍କର ଏକ ଛୋଟ ସାମ୍ରାଜ୍ୟରେ ପରିଣତ ହେଲା ଏବଂ ରାଜଧାନୀରେ ବସ୍ତିର ମୂଳଦୁଆ ପ୍ରତିଷ୍ଠା ହେଲା ।

ସେହିପରି ଆଉ ଜଣେ ପ୍ରଶାସନିକ ଅଧିକାରୀ ଭୁବନେଶ୍ୱରେ ନିଜର ନୂତନ ଗୃହ ନିର୍ମାଣ କରୁଥିବା ସମୟରେ କିଛି ଶ୍ରମିକ ଶ୍ରେଣୀର ଲୋକ ତାଙ୍କ ଗୃହ କାର୍ଯ୍ୟରେ ନିୟୋଜିତ ଥିଲେ । ପ୍ରଶାସନିକ ଅଧିକାରୀ ଜଣକ ସରଳ ଓ ମେଳାପୀ ପ୍ରକୃତିର ଥିବାରୁ ଗୃହ କାର୍ଯ୍ୟରେ ନିୟୋଜିତ ଥିବା ଦୁଇଜଣ ଶ୍ରମିକ ପ୍ରଶାସନିକ ଅଧିକାରୀଙ୍କ ସହିତ ଘନିଷ୍ଠତା ବୃଦ୍ଧି ପାଇଥିଲା । ସରକାରୀ ଜାଗାଟିଏ ହାତେଇବା ପାଇଁ ସେମାନେ ଧାର୍ଯ୍ୟ ସମୟ ଠାରୁ ଢେର ଅଧିକ ସମୟ ପ୍ରଶାସନିକ ଗୃହ କାର୍ଯ୍ୟରେ ନିଜକୁ ନିୟୋଜିତ କରୁଥିଲେ । ଗୃହକାର୍ଯ୍ୟ ଶେଷ ହେବା ପରେ ଧୂର୍ତ୍ତ ଶ୍ରମିକ ଦୁଇଜଣ ପ୍ରଶାସନିକ ଅଧିକାରୀଙ୍କ ଜରିଆରେ ଭୁବନେଶ୍ୱରରେ ଦୁଇଟି ସରକାରୀ ଜାଗାକୁ ନିଜ ନିଜ ନାମରେ କରାଇ ନେଇଥିଲେ । ପରବର୍ତ୍ତୀ ସମୟରେ ଶ୍ରମିକ ଦୁଇଜଣ ନିଜ ଜାଗାରେ ଘରକରି ନିଜେ ରହିଲେ ଏବଂ ଭଡ଼ାରେ ମଧ୍ୟ ଲଗାଇଲେ । ଏହିପରି ଭାବରେ ଭୁବନେଶ୍ୱରରେ ବସ୍ତିସଂଖ୍ୟା ଏବଂ ବେସରକାରୀ ଘର ସଂଖ୍ୟା ବୃଦ୍ଧି ପାଇଲା । ଅର୍ଥ ରୋଜଗାର ଅନ୍ୱେଷଣରେ ଭୁବନେଶ୍ୱରକୁ ଆସୁଥିବା ଲୋକମାନେ କିଛିଦିନ ବେସରକାରୀ ଘରେ ଭଡ଼ାରେ ରିହଲା ପରେ ସେମାନେ ଖାଲି ପଡ଼ିଥିବା ସରକାରୀ ଜାଗାକୁ ଅକ୍ତିଆର କରି ଖଣ୍ଡିଏ ଖଣ୍ଡିଏ ଘର କରିବା ଫଳରେ ବସ୍ତି ସଂଖ୍ୟାରେ ବୃଦ୍ଧି ଘଟିଲଶ । ସରକାରୀ ତଥ୍ୟ ଅନୁସାରେ ବର୍ତ୍ତମାନ ସୁଦ୍ଧା ଭୁବନେଶ୍ୱରେ ୪୩୬ଟି ବସ୍ତି ଥିବାବେଳେ ବେସରକାରୀ ଭାବେ ଏହା ୫୪୦କୁ ବୃଦ୍ଧି ପାଇଛି । ସେହିପରି ଭୁବନେଶ୍ୱରର ରାସ୍ତାକଡ଼ରେ ଥିବା ଅଧିକାଂଶ ଦୋକାନ ସରକାରୀ ଜମିରେ ନିର୍ମିତ । ରାଜଧାନୀରେ ମାତ୍ରାଧିକ ବସ୍ତିସଂଖ୍ୟା ବୃଦ୍ଧି ପାଉଥିବାରୁ ରାଜଧାନୀବାସୀ ଓ ରାଜ୍ୟ ସରକାର ବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାରଙ୍କ ତରଫରୁ କମ୍ ଜାଗାରେ ବହୁତଳ ବିଶିଷ୍ଟ ଅଟ୍ଟାଳିକା ନିର୍ମାଣ କରି ସେଥିରେ ବସ୍ତିବାସିନ୍ଦାମାନଙ୍କୁ ଥଇଥାନ କରିବାକୁ ଯୋଜନା ପ୍ରସ୍ତୁତ କରି ବସ୍ତିଗୁଡ଼ିକ ଉଚ୍ଛେଦ କରିବାକୁ ଯାଉଛନ୍ତି, ସେତେବେଳେ ବସ୍ତିବାସିନ୍ଦାମାନେ ବସ୍ତି ଉଚ୍ଛେଦକୁ ବିରୋଧ କରୁଛନ୍ତି ଏବଂ ଉଚ୍ଛେଦକାରୀଙ୍କୁ ଆକ୍ରମଣ କରିବାକୁ ମଧ୍ୟ ପଛାଉ ନାହାଁନ୍ତି । ଫଳରେ ଅପ୍ରୀତିକର ସୃଷ୍ଟି ହେଉଛି । ଏସବୁ ସତ୍ତ୍ୱେ ବସ୍ତିବାସିନ୍ଦାଙ୍କ ଦାବିକୁ ସହୃଦୟତାର ସହିତ ଗ୍ରହଣ କରି ରାଜଧାନୀ ଭୁବନେଶ୍ୱର ସମେତ କଟକ, ବ୍ରହ୍ମପୁର, ସମ୍ବଲପୁର ଓ ରାଉରକେଲାରେ ରହୁଥିବା ବସ୍ତିବାସିନ୍ଦାଙ୍କୁ ୩୦ ବର୍ଗଫୁଟ ଜମି ଯୋଗାଇ ଦେବା ପାଇଁ ରାଜ୍ୟ ସରକାର ଘୋଷଣା କରିଛନ୍ତି । ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଉକ୍ତ ଇଞ୍ଜିନିୟରଜଣଙ୍କ ନିଜ ଘରେ କାମ କରିବାକୁ ଆଣିଥିବା ସ୍ତ୍ରୀଲୋକଟିକୁ ଯଦି ସେହି ପଡ଼ିଆରେ ଘର କରି ରହିବାକୁ ସୁଯୋଗ ଦେଇନଥାନ୍ତେ, ତେବେ ହୁଏତ ଭୁବନେଶ୍ୱରରେ ବସ୍ତିଗୁଡ଼ିକ ଜନ୍ମ ନେଇନଥାନ୍ତା କି ଲୋକମାନେ ସରକାରୀ ଜାଗାରେ ଘର କରି ସ୍ଥାୟୀ ଜମି ପଟ୍ଟା ପାଇଁ ସରକାରଙ୍କ ନିକଟରେ ଦାବି କରିନଥାନ୍ତେ । ବର୍ତ୍ତମାନ ଯେଉଁ ହାରରେ ଭୁବନେଶ୍ୱରରେ ବସ୍ତିସଂଖ୍ୟା ବୃଦ୍ଧି ପାଉଛି, ଆଗାମୀ ୨୦ ବର୍ଷ ମଧ୍ୟରେ ଭୁବନେଶ୍ୱର କେବଳ ବସ୍ତିମୟ ହୋଇଉଠିବ । ଭୁବନେଶ୍ୱରରେ ଘରଭଡ଼ା ନେଇ ରହିବା ପାଇଁ ସାଧାରଣ ଲୋକଙ୍କ ପାଇଁ ସ୍ୱପ୍ନ ପାଲଟିଯିବ, ଏଥିରେ ସନ୍ଦେହ ନାହିଁ ।

# ପ୍ରତ୍ୟକ୍ଷ ନିର୍ବାଚନ ସ୍ୱାଗତଯୋଗ୍ୟ; କିନ୍ତୁ ଅନାସ୍ଥା ରହିବା ଜରୁରୀ

**(ଶ୍ରୀ ବୁଦ୍ଧରାମ ସାହୁ)**
ଖାରବେଳ ନଗର, ଭୁବନେଶ୍ୱର
ମୋ : ୯୪୩୭୧୭୯୦୪୭



କାଉନସିଲ୍ ଗଢ଼ା ହେବାର ଦୁଇବର୍ଷ ପରେ ଅନାସ୍ଥା ପ୍ରସ୍ତାବ ଜରିଆରେ ପୌରାଧ୍ୟକ୍ଷଙ୍କୁ କ୍ଷମତାଚ୍ୟୁତ କରିବାର ଆଇନ୍ ଥିବାରୁ ବିଭିନ୍ନ ଦଳ ଏହାକୁ କିପରି ଭାବେ ଆବଶ୍ୟକ ପଡ଼ିଲେ ଗୋଟିଚ୍ଛଳନା କରିପାରିବେ, ତାହା ସେତେବେଳର ପରିସ୍ଥିତି ହିଁ ସ୍ପଷ୍ଟ କରିବ । ତେଣୁ ଏବେଠାରୁ ପୌରାଧ୍ୟକ୍ଷମାନେ କାଉନସିଲରଙ୍କୁ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ସହଯୋଗ କରିବା ସହ ସନ୍ତୁଷ୍ଟ କରି ରଖିବା ନିହାତି ଜରୁରୀ । ଅନାସ୍ଥା ପ୍ରସ୍ତାବ ଆଗତରେ ଦଳ ବଦଳର କୌଣସି ଆବଶ୍ୟକତା ନଥାଏ, କାରଣ ଭୋଟ ଦେବାର ଅଧିକାର ସମସ୍ତଙ୍କର ସମାନ ଭାବେ ରହିଛି, ଯାହା ସରକାରୀ ଭାବେ ଗୋପନୀୟତା ରକ୍ଷା କରାଯାଇଥାଏ ।

ଚଳିତ ନିର୍ବାଚନରେ ୧୦୫ଟି ପୌରାଞ୍ଚଳ ମଧ୍ୟରୁ ୭୫ଟି ବି.ଜ.ଦ. ୧୬ଟିରେ ବିଜେପି ଓ ୭ଟିରେ କଂଗ୍ରେସ ସହିତ ୯ଟିରେ ସ୍ୱାଧୀନ ପ୍ରାର୍ଥୀ ପୌରାଧ୍ୟକ୍ଷ ନିର୍ବାଚିତ ହୋଇଛନ୍ତି । ଅନ୍ୟୁନ ୩୦ଟି ପୌରାଞ୍ଚଳରେ ଗୋଟିଏ ଦଳ ସଂଖ୍ୟାଧିକ କାଉନ୍ସିଲର ହାସଲ କରିବା ସ୍ଥଳେ ଅନ୍ୟ ଦଳ ସେଠାରେ ପୌରାଧ୍ୟକ୍ଷ ନିର୍ବାଚିତ ହୋଇଛନ୍ତି । ତେଣୁ ଅନାସ୍ଥାକୁ କୌଣସି ଦଳ କିମ୍ବା ସ୍ଥାନୀୟ ବିଧାୟକ ଅଣଦେଖା କରିପାରିବେ ନାହିଁ । କାରଣ କାଉନସିଲ ଗଢ଼ା ହେବାର ୨ବର୍ଷ ପରେ ଅର୍ଥାତ୍ ୨୦୨୪ ଅପ୍ରେଲ ଓ ମେ ମାସର ଅନାସ୍ଥା ସାଙ୍ଗକୁ ବିଧାନସଭା ନିର୍ବାଚନ ହେବାର ସମ୍ଭାବନା ଥିବାରୁ ପ୍ରତ୍ୟେକ ଦଳ ଏହାକୁ ତତ୍ପରତା ସହିତ ସମ୍ପାଦନ କରିବାକୁ ଚେଷ୍ଟା କରିବେ ।

ପୌରାଞ୍ଚଳ ଭୋଟରଙ୍କ ଦ୍ୱାରା ପ୍ରତ୍ୟକ୍ଷ ନିର୍ବାଚନରେ ଅଧ୍ୟକ୍ଷ ନିର୍ବାଚନ ହେବା ଏହା ପ୍ରଥମ ନୁହଁ । ପ୍ରାୟ ୩୦ ବର୍ଷ ତଳେ ସ୍ୱର୍ଗତ ବିଜୁ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ଥିଲାବେଳେ ଏଭଳି ସିଧାଳସଳଖ ନିର୍ବାଚନ ପ୍ରକ୍ରିୟା ଆରମ୍ଭ କରିଥିଲେ ଏବଂ ତାଙ୍କ ଶାସନ କାଳରେ ରାଜ୍ୟରେ ଏକ ତୃତୀୟାଂଶ ମହିଳା ସଂରକ୍ଷଣ ଏବଂ ତାହା ଅଧ୍ୟକ୍ଷ ଓ ମେମ୍ବର ନିର୍ବାଚନରେ ମଧ୍ୟ ଲାଗୁ କରାଯାଇଥିଲା । ଏହା ସେ ସମୟର ଏକ ଐତିହାସିକ ଆଇନ୍ ଭାବେ ପରିଗଣିତ ହୋଇଥିଲା, ଯାହାକୁ ଭାରତର ଆଉ କୌଣସି ରାଜ୍ୟ ସରକାର ଲାଗୁ କରିନଥିଲେ । କିନ୍ତୁ ରାଜ୍ୟର ପରବର୍ତ୍ତୀ ସରକାର ମହିଳା ସଂରକ୍ଷଣ ରଖିଲେ ସିନା କିନ୍ତୁ ସିଧାସଳଖ ପୌରାଧ୍ୟକ୍ଷ ନିର୍ବାଚନ ବାତିଲ କରି କର୍ପୋରେଟର କିମ୍ବା କାଉନସିଲରଙ୍କ ପରୋକ୍ଷ ନିର୍ବାଚନକୁ କାଏମ ରଖିଲେ ।

**ପୌରାଧ୍ୟକ୍ଷମାନେ କାଉନସିଲରଙ୍କୁ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ସହଯୋଗ କରିବା ସହ ସନ୍ତୁଷ୍ଟ କରି ରଖିବା ନିହାତି ଜରୁରୀ । ଅନାସ୍ଥା ପ୍ରସ୍ତାବ ଆଗତରେ ଦଳ ବଦଳର କୌଣସି ଆବଶ୍ୟକତା ନଥାଏ, କାରଣ ଭୋଟ ଦେବାର ଅଧିକାର ସମସ୍ତଙ୍କର ସମାନ ଭାବେ ରହିଛି, ଯାହା ସରକାରୀ ଭାବେ ଗୋପନୀୟତା ରକ୍ଷା କରାଯାଇଥାଏ ।**

ପ୍ରତ୍ୟକ୍ଷ ଭାବରେ ମେୟର କିମ୍ବା ପୌରାଧ୍ୟକ୍ଷ ନିର୍ବାଚନ ହେଲେ, ସହରର ସମସ୍ତ ସମସ୍ୟା ସମାଧାନ ହୋଇଯିବ ତାହା ଭାବିବା ଉଚିତ୍ ନୁହେଁ । କାରଣ ସେଥିପାଇଁ ଅଧ୍ୟକ୍ଷଙ୍କ ହାତରେ ଅଧିକ କ୍ଷମତା ସହିତ ତାହାକୁ ସ୍ୱୟଂଶାସିତ କରି ଅଧିକ ଦାୟିତ୍ୱ ପ୍ରଦାନର ଆବଶ୍ୟକତା ରହିଛି । ୭୩ତମ ସମ୍ବିଧାନ ସଂଶୋଧନ ଅନୁଯାୟୀ ସମ୍ବିଧାନର ଦ୍ୱାଦଶ ପରିଚ୍ଛେଦରେ ୧୮ଟି ଦାୟିତ୍ୱ ପୌରସଂସ୍ଥା କିମ୍ବା ମହାନଗର ନିଗମକୁ ହସ୍ତାନ୍ତର କରିବାର ପ୍ରସ୍ତାବ ଥିଲା । କିନ୍ତୁ ୧୯୯୫ରେ ପ୍ରଥମ ମହାନଗର ନିଗମ ଭୁବନେଶ୍ୱରକୁ କରାଗଲା ବେଳେ ମାତ୍ର ୫ଟି ବିଷୟକୁ ମହାନଗର ନିଗମ ପରିସରଭୁକ୍ତ କରାଯାଇଥିଲା । ଶୁଣାଯାଏ ଯେ, ରାଜ୍ୟ ସରକାର ତାଙ୍କ ଅଧିନରେ ଥିବା ବିଭିନ୍ନ ବିଭାଗର ଦାୟିତ୍ୱ ବି.ଏମ୍.ସି.କୁ ହସ୍ତାନ୍ତର କରିବା ପାଇଁ ତତ୍ପରତା ସହିତ ପଦକ୍ଷେପ ନେଉଛନ୍ତି ।

ସିଧାସଳଖ ବା ପ୍ରତ୍ୟକ୍ଷ ମେୟର କିମ୍ବା ପୌରାଧ୍ୟକ୍ଷ ନର୍ବାଚନ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ । କିନ୍ତୁ ତାହା ଦ୍ୱାରା ସହରବାସୀ କେତେଦୂର ସୁଯୋଗ ପାଇବ ତାହା ବିଚରସାପେକ୍ଷ । ଅନାସ୍ଥା ପ୍ରସ୍ତାବ ପ୍ରତ୍ୟେକ ଲୋକପ୍ରତିନିଧି ସଂସ୍ଥାରେ ଅଛି । ରାଜ୍ୟ ବିଧାନସଭା, ବିଧାନ ପରିଷଦ, ଲୋକସଭା ଏବଂ ରାଜ୍ୟସଭାରେ ମଧ୍ୟ ମୁଖ୍ୟମନ୍ତ୍ରୀ, ପ୍ରଧାନମନ୍ତ୍ରୀ ପ୍ରମୁଖଙ୍କୁ ଅନାସ୍ଥା ପ୍ରସ୍ତାବ ଜରିଆରେ ପଦଚ୍ୟୁତ କରାଯାଇ ପାରିବାର ନଜିର ରହିଛି ।

ପୌର ଆଇନ ଅନୁସାରେ ପୌରାଞ୍ଚଳର କାର୍ଯ୍ୟକାଳ ପାଞ୍ଚବର୍ଷ, ଦୁଇବର୍ଷ ପରେ ଅନାସ୍ଥା ପ୍ରସ୍ତାବ ବଳରେ ପୌରାଧ୍ୟକ୍ଷ କିମ୍ବା ମେୟର ପଦଚ୍ୟୁତ ହେଲେ ସେମାନେ ପରିଷଦରୁ ସମ୍ପୂର୍ଣ୍ଣ ଭାବେ ବିତାଡ଼ିତ ହୁଅନ୍ତି । କିନ୍ତୁ କାଉନସିଲର କିମ୍ବା କର୍ପୋରେଟରମାନେ ପରିଷଦକୁ ୫ ବର୍ଷ ପୁରାପୁରି ଉପଭୋଗ କରିବା ସହିତ ୱାର୍ଡ଼ର ଉନ୍ନୟନ କାର୍ଯ୍ୟରେ ନିଜକୁ ସାମିଲ କରିବାରେ କୌଣସି ପ୍ରତିବନ୍ଧକ ନଥାଏ । ନିର୍ବାଚିତ ମେୟର କ୍ଷମତାଚ୍ୟୁତ ହେଲେ ଉପାଧ୍ୟକ୍ଷ କିମ୍ବା ଡେ଼ପୁଟି ମେୟର କାର୍ଯ୍ୟକାରୀ ଅଧ୍ୟକ୍ଷ ଭାବେ କ୍ଷମତାସୀନ ହୁଅନ୍ତି । ତାହାର କିଛିଦିନ ପରେ କାଉନସିଲର ବା କର୍ପୋରେଟରଙ୍କ ଦ୍ୱାରା ପୌରାଧ୍ୟକ୍ଷ କିମ୍ବା ମେୟର ନିର୍ବାଚନ କରାଯାଇଥାଏ ।

# ଶେଷ ହେଲା ସଂସଦର ବଜେଟ୍ ଅଧିବେଶନ-୨୦୨୨



ନୂଆଦିଲ୍ଲୀ, (ପିଆଇବି): ସଂସଦର ବଜେଟ୍ ଅଧିବେଶନ ୨୦୨୨ ଶେଷ ହୋଇଛି । ଆଜି ଅର୍ଥାତ୍ ଗୁରୁବାର, ଏପ୍ରିଲ ୭ ତାରିଖ ଠାରୁ ସଂସଦର ଦୁଇଟି ସଦନ- ରାଜ୍ୟସଭା ଏବଂ ଲୋକସଭାକୁ ଅନିଶ୍ଚିତ କାଳ ପାଇଁ ମୁଲତବୀ ଘୋଷଣା କରାଯାଇଛି । କେନ୍ଦ୍ର ସଂସଦୀୟ ବ୍ୟାପାର ମନ୍ତ୍ରୀ ଶ୍ରୀ ପ୍ରହ୍ଲାଦ ଯୋଶୀ ଆଜି ନୂଆଦିଲ୍ଲୀ ଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସଂସଦର ବଜେଟ୍ ଅଧିବେଶନ ସମ୍ପର୍କରେ ସୂଚନା ଦେଇ କହିଛନ୍ତି ଯେ, ସମ୍ପୂର୍ଣ୍ଣ ବଜେଟ୍ ଅଧିବେଶନ ୨୦୨୨ରେ ରାଜ୍ୟସଭା ଏବଂ ଲୋକସଭାର ୨୭ଟି ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ଅଧିବେଶନର ଅବଧି ୮ ଏପ୍ରିଲ ୨୦୨୨ ପର୍ଯ୍ୟନ୍ତ ଚାଲିବାର ଥିଲା। କିନ୍ତୁ ବିଭିନ୍ନ ରାଜନୈତିକ ଦଳର ନେତାମାନଙ୍କର ଦାବି କାରଣରୁ ଗୋଟିଏ ଦିନ ପୂର୍ବରୁ ଅଧିବେଶନକୁ ମୁଲତବୀ ଘୋଷଣା କରାଯାଇଛି । ଏହି ସାମ୍ବାଦିକ ସମ୍ମିଳନୀରେ ସଂସଦୀୟ ବ୍ୟାପାର ଏବଂ ସଂସ୍କୃତି ରାଷ୍ଟ୍ରମନ୍ତ୍ରୀ ଶ୍ରୀ ଅର୍ଜ୍ଜୁନ ରାମ ମେଘୱାଲ ଏବଂ ସଂସଦୀୟ ବ୍ୟାପାର ଏବଂ ବିଦେଶ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ଭି. ମୁରଲୀଧରନ୍ ଉପସ୍ଥିତ ଥିଲେ ।

ସଂସଦର ବଜେଟ୍ ଅଧିବେଶନ, ୨୦୨୨ ସୋମବାର, ୩୧ ଜାନୁଆରୀ ୨୦୨୨ରେ ଆରମ୍ଭ ହୋଇଥିଲା। ଏହାକୁ ଆଜି ଅର୍ଥାତ୍ ୭ ଏପ୍ରିଲ, ୨୦୨୨ରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ସ୍ଥଗିତ ରଖାଯାଇଛି । ଏଥିପୂର୍ବରୁ ମଧ୍ୟମ ଅବକାଶ ପାଇଁ ୧୧ ଫେବୃଆରୀ ୨୦୨୨ରେ ଲୋକସଭା ଏବଂ ରାଜ୍ୟସଭାକୁ ମୁଲତବୀ ଘୋଷଣା କରାଯାଇଥିଲା। ୧୪ ମାର୍ଚ୍ଚ ୨୦୨୨ରେ ପୁଣିଥରେ ଉଭୟ ସଦନର କାର୍ଯ୍ୟଦିବସ ଆରମ୍ଭ ହୋଇଥିଲା। ବିଭିନ୍ନ ବିଭାଗ ସମ୍ବନ୍ଧୀୟ ସ୍ଥାୟୀ କମିଟି ବିଭିନ୍ନ ବିଭାଗ ଓ ମନ୍ତ୍ରଣାଳୟମାନଙ୍କର ଅନୁଦାନ ଦାବିର ଯାଞ୍ଚ କରି ରିପୋର୍ଟ ଦେବା ସକାଶେ ଏହି ମଧ୍ୟବର୍ତ୍ତୀ ଅବକାଶ ଘୋଷଣା କରାଯାଇଥିଲା। ବଜେଟ୍ ଅଧିବେଶନର ପ୍ରଥମ ପର୍ଯ୍ୟାୟରେ ଲୋକସଭା ଏବଂ ରାଜ୍ୟସଭାର ମୋଟ୍ ୧୦ଟି ବୈଠକ ଅନୁଷ୍ଠିତ ହୋଇଥିଲା। ଅଧିବେଶନର ଦ୍ୱିତୀୟ ପର୍ଯ୍ୟାୟରେ ଉଭୟ ସଦନର ୧୭ଟି ବୈଠକ ଆୟୋଜିତ ହୋଇଥିଲା ।ଅଧିବେଶନର ପ୍ରଥମ ପର୍ଯ୍ୟାୟରେ କୋଭିଡ ପରିସ୍ଥିତିକୁ ଦୃଷ୍ଟିରେ ରଖି ଲୋକସଭା ବୈଠକ ପାଇଁ ଲୋକ ସଭା କକ୍ଷ, ଲୋକସଭା ପବ୍ଲିକ୍ ଗ୍ୟାଲେରୀ, ରାଜ୍ୟ ସଭା କକ୍ଷ ଏବଂ ରାଜ୍ୟସଭା ପବ୍ଲିକ୍ ଗ୍ୟାଲେରୀକୁ ବୈଠକ ପାଇଁ ବ୍ୟବହାର କରିଥିଲା।

# ଭୋଟିଂ ବେଳେ ଚୁପ ରହିଲା ଭାରତ, ଜାତିସଂଘରୁ ବାଦ ପଡିଲା ପୁତିନ ରାଷ୍ଟ୍ର



ନୂଆଦିଲ୍ଲୀ: ଋଷ-ୟୁକ୍ରେନ ଯୁଦ୍ଧକୁ ନେଇ ଜାତିସଂଘର ଭୋଟିଂ କରାଯାଇଛି । କିନ୍ତୁ ବୈଠକରେ ଟଟା ପୂର୍ବଂ ତଥା ପରଂ ଭଳି ଘଟଣା ଦେଖିବାକୁ ମିଳିଛି । ପୂର୍ବ ଭଳି ଏଥର ମଧ୍ୟ ଗୋଟିଂରୁ ନିଜକୁ ଦୂରେଇ ରଖିଛି ଭାରତ । ଭାରତ ସମେତ ମୋଟ ୫୮ଟି ଦେଶ ଏହି ଭୋଟିଂରୁ ବିରତ ରହିଛନ୍ତି । ଋଷିଆ ବିରୋଧରେ ଆସିଥିବା ପ୍ରସ୍ତାବ ଉପରେ ପୁଣି ଚୁପ ରହିଛନ୍ତି ଭାରତ ଏବଂ ଅନ୍ୟ ଦେଶ । ଶେଷରେ ଜାତିସଂଘରୁ ଋଷକୁ ବାଦ ଦିଆଯାଇଛି ।

ସୂଚନା ଅନୁଯାୟୀ, ୟୁଏନଏଚ୍ଆରସିରୁ ସସପେଣ୍ଡ ହୋଇଛି ଋଷ । ଭୋଟିଂ ପରେ ଜାତିସଂଘ ମାନବାଧିକାର ପରିଷଦରୁ ଋଷ ନିଲମ୍ବିତ ହୋଇଛି । ଋଷିଆ ବିରୁଦ୍ଧରେ ମୋଟ ୯୩ଟି ଭୋଟ ଆସିଥିବା ବେଳେ ମାତ୍ର ୨୪ ଜଣ ପୁତିନଙ୍କୁ ସମର୍ଥନ କରିଛନ୍ତି । ତେବେ ପୂର୍ବ ପରି ଭାରତ ସମେତ ଅନ୍ୟ ୫୮ଟି ଦେଶ ଏହି ଭୋଟିଂରୁ ନିଜକୁ ଦୂରେଇ ରଖିଛନ୍ତି । ବୁଚା ବର୍ବରତାକୁ ନେଇ ଋଷ ବିରୋଧୀ ପ୍ରସ୍ତାବ ଉପରେ ପୁଣି ଥରେ ଭାରତ ନୀରବଦ୍ରଷ୍ଟା ସାଜିଛି । ଶେଷରେ ଅନ୍ୟ ଦେଶମାନଙ୍କ ଭୋଟିଂ ଅନୁସାରେ ଋଷକୁ ମିଳିତ ଜାତିସଂଘରୁ ନିଲମ୍ବନ କରାଯାଇଛି ।

# ଅଟଳ ଇନୋଭେସନ ମିଶନର ଅବଧି ସମ୍ପ୍ରସାରଣକୁ କ୍ୟାବିନେଟ୍ ମଞ୍ଜୁରି



ନୂଆଦିଲ୍ଲୀ, (ପିଆଇବି):ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ କେନ୍ଦ୍ର କ୍ୟାବିନେଟ ଅଟଳ ଇନୋଭେସନ ମିଶନ (ଏଆଇଏମ)କୁ ମାର୍ଚ୍ଚ ୨୦୨୩ ପର୍ଯ୍ୟନ୍ତ ଜାରି ରଖିବା ପ୍ରସ୍ତାବକୁ ଅନୁମୋଦନ କରିଛନ୍ତି । ଏଆଇଏମ ଦେଶରେ ଏକ ନବସୃଜନ ସଂସ୍କୃତି ଏବଂ ଉଦ୍ୟମଶୀଳତା ସହ ଜଡିତ ଇକୋସିଷ୍ଟମ ବିକଶିତ କରିବା ଦିଗରେ ନିଜର ନିର୍ଦ୍ଧାରିତ ଲକ୍ଷ୍ୟ ହାସଲ ପାଇଁ କାମ କରିବ । ଏଆଇଏମ ଦ୍ୱାରା ଏହି କାର୍ଯ୍ୟ ନିଜର ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ସମ୍ପାଦନ କରାଯିବ ।

ଏଆଇଏମ ମାଧ୍ୟମରେ ନିମ୍ନ ନିର୍ଦ୍ଧାରିତ ଲକ୍ଷ୍ୟ ହାସଲ କରାଯିବ :

୧୦ହଜାର ଅଟଳ ଟିଙ୍କରିଂ ଲ୍ୟାବ (ଏଟିଏଲ) ପ୍ରତିଷ୍ଠା କରିବା, ୧୦୧ ଅଟଳ ଇନକ୍ୟୁବେସନ ସେଣ୍ଟର (ଏଆଇସି) ପ୍ରତିଷ୍ଠା କରିବା, ୫୦ଟି ଅଟଳ କମ୍ୟୁନିଟୀ ଇନୋଭେସନ ସେଣ୍ଟର (ଏସିଆଇସି) ପ୍ରତିଷ୍ଠା କରିବା ଏବଂ ଅଟଳ ନ୍ୟୁ ଇଣ୍ଡିଆ ଚ୍ୟାଲେଞ୍ଜ ମାଧ୍ୟମରେ ୨୦୦ ଷ୍ଟାର୍ଟଅପ୍‌କୁ ସହାୟତା ପ୍ରଦାନ କରିବା ।

ଉପରୋକ୍ତ ସେଣ୍ଟର ପ୍ରତିଷ୍ଠା କରିବା ଏବଂ ହିତାଧିକାରୀମାନଙ୍କୁ ସହାୟତା ଯୋଗାଇ ଦେବାର ଏହି ପ୍ରକ୍ରିୟାରେ ମୋଟ୍ ୨,୦୦୦ କୋଟି ଟଙ୍କାରୁ ଅଧିକ ଟଙ୍କାର ବଜେଟ୍ ବ୍ୟୟ କରାଯିବ ।

ମାନନୀୟ ଅର୍ଥ ମନ୍ତ୍ରୀ ୨୦୧୫ ବଜେଟ୍ ଅଭିଭାଷଣରେ କରିଥିବା ଘୋଷଣା ଅନୁଯାୟୀ, ନୀତି ଆୟୋଗଙ୍କ ଦ୍ୱାରା ଅଟଳ ଇନୋଭେସନ ମିଶନ ପ୍ରତିଷ୍ଠା କରାଯାଇଛି । ଏଆଇଏମର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ବିଦ୍ୟାଳୟ, ବିଶ୍ୱବିଦ୍ୟାଳୟ, ଗବେଷଣା ପ୍ରତିଷ୍ଠାନ, ଲଘୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍‌ଯୋଗ (ଏମଏସଏମଇ) ଏବଂ ଉଦ୍‌ଯୋଗମାନଙ୍କ ସ୍ତରରେ ବିଭିନ୍ନ ଉପାୟ ମାଧ୍ୟମରେ ସାରା ଦେଶରେ ନବସୃଜନ ଏବଂ ଉଦ୍ୟମିତାର ଏକ ଇକୋସିଷ୍ଟମ ପ୍ରସ୍ତୁତ କରିବା ଓ ଏହାକୁ ପ୍ରୋତ୍ସାହିତ କରିବା । ଏଆଇଏମ ମୌଳିକ ଭିତ୍ତିଭୂମି ନିର୍ମାଣ ଏବଂ ସଂସ୍ଥାନ ନିର୍ମାଣ, ଉଭୟ କ୍ଷେତ୍ରରେ ଧ୍ୟାନ କେନ୍ଦ୍ରିତ କରିଛି । ନିମ୍ନରେ ଦିଆଯାଇଥିବା ଉଦାହରଣ ଅନୁରୂପ ଏହା ସ୍ପଷ୍ଟ ହୋଇଛି ଯେ ଏଆଇଏମ ଜାତୀୟ ଏବଂ ବିଶ୍ୱ, ଉଭୟ ସ୍ତରରେ ନବସୃଜନ ସହ ଜଡିତ ଇକୋସିଷ୍ଟମକୁ ସମନ୍ୱିତ କରିବା ଦିଗରେ କାମ କରିଛି ।

# ବିଦ୍ୟୁତ କ୍ଷେତ୍ରରେ ସଂସ୍କାର ପାଇଁ ଓଡିଶା ସମେତ ୧୦ଟି ରାଜ୍ୟକୁ ମିଳିଲା ଅତିରିକ୍ତ ୨୮,୨୦୪ କୋଟି ଟଙ୍କା

ନୂଆଦିଲ୍ଲୀ, (ପିଆଇବି): ଓଡିଶା ସମେତ ଦେଶର ୧୦ଟି ରାଜ୍ୟକୁ ୨୦୨୧-୨୨ ଆର୍ଥିକ ବର୍ଷରେ ବିଦ୍ୟୁତ କ୍ଷେତ୍ରରେ ସଂସ୍କାର ପାଇଁ ଅର୍ଥ ମନ୍ତ୍ରଣାଳୟର ବ୍ୟୟ ବିଭାଗ ପକ୍ଷରୁ ଅତିରିକ୍ତ ୨୮ ହଜାର ୨୦୪ କୋଟି ଟଙ୍କାର ଋଣ ଉଠାଣ ପାଇଁ ଅନୁମତି ମିଳିଛି । ଓଡିଶାକୁ ୨୭୨୫ କୋଟି ଟଙ୍କାର ଋଣ ଉଠାଣ ନିମନ୍ତେ ମଞ୍ଜୁରି ମିଳିଛି ।

ବିଦ୍ୟୁତ କ୍ଷେତ୍ରରେ ବିଭିନ୍ନ ରାଜ୍ୟମାନଙ୍କ ପକ୍ଷରୁ କରାଯାଇଥିବା ସଂସ୍କାରକୁ ଆଧାର କରି ୨୦୨୧-୨୨ ଆର୍ଥିକ ବର୍ଷରୁ ୨୦୨୪-୨୫ ଆର୍ଥିକ ବର୍ଷ ପର୍ଯ୍ୟନ୍ତ ପ୍ରତି ବର୍ଷ ରାଜ୍ୟ ଜିଡିପିର ୦.୫ ପ୍ରତିଶତ ଅତିରିକ୍ତ ଋଣ ଉଠାଣ ନିମନ୍ତେ ଅନୁମତି ଦେବା ଲାଗି ଅର୍ଥ ମନ୍ତ୍ରଣାଳୟ ନିଷ୍ପତ୍ତି ନେଇଥିଲା। ପଞ୍ଚଦଶ ଅର୍ଥ ଆୟୋଗଙ୍କ ସୁପାରିସକୁ ଆଧାର କରି ଏହି ମଞ୍ଜୁରି ଦେବାକୁ ମନ୍ତ୍ରଣାଳୟ ନିଷ୍ପତ୍ତି ଗ୍ରହଣ କରିଥିଲା। କେନ୍ଦ୍ର ଅର୍ଥମନ୍ତ୍ରୀ ୨୦୨୧-୨୨ ବଜେଟ୍ ଭାଷଣରେ ଏ ସମ୍ପର୍କରେ ଘୋଷଣା କରିଥିଲେ ।

ବିଦ୍ୟୁତ କ୍ଷେତ୍ରରେ ପରିଚ୍ାଳନା ଏବଂ ଆର୍ଥିକ ଦକ୍ଷତାରେ ସୁଧାର ଆଣିବା ସହିତ ଦେୟ ବିଦ୍ୟୁତ୍ ବ୍ୟବହାର କ୍ଷେତ୍ରରେ ଦୀର୍ଘସ୍ଥାୟୀ ବୃଦ୍ଧିକୁ ପ୍ରୋତ୍ସାହିତ କରିବା ଲାଗି ଅତିରିକ୍ତ ଆର୍ଥିକ ପ୍ରୋତ୍ସାହନ ପାଇଁ ଅନୁମତି ଦେବାକୁ ଲକ୍ଷ୍ୟ ରଖାଯାଇଛି । ବିଦ୍ୟୁତ କ୍ଷେତ୍ରରେ ସଂସ୍କାର କାର୍ଯ୍ୟକାରୀ କରୁଥିବା ରାଜ୍ୟମାନଙ୍କୁ ଅତିରିକ୍ତ ଋଣ ଉଠାଣ ନିମନ୍ତେ ଅନୁମତି ଦିଆଯିବାର ବ୍ୟବସ୍ଥା କରାଯାଇଛି । ଏଥିପାଇଁ ଜୁନ ୯, ୨୦୨୧ରେ ଅର୍ଥ ମନ୍ତ୍ରଣାଳୟ ବ୍ୟୟ ବିଭାଗ ପକ୍ଷରୁ ଆବଶ୍ୟକ ବିସ୍ତୃତ ମାର୍ଗଦର୍ଶିକା ଏବଂ ନିୟମାବଳୀ ଜାରି କରାଯାଇଥିଲା।

ଅତିରିକ୍ତ ଋଣ ଉଠାଣ ନିମନ୍ତେ ବିଦ୍ୟୁତ କ୍ଷେତ୍ରରେ ରାଜ୍ୟ ସରକାରମାନଙ୍କୁ ବାଧ୍ୟତାମୂଳକ ସଂସ୍କାର କାର୍ଯ୍ୟକାରୀ କରିବାକୁ ହେବ ଏବଂ ନିର୍ଦ୍ଧାରିତ ପ୍ରଦର୍ଶନ ବେଞ୍ଚମାର୍କ ପ୍ରସ୍ତୁତ କରିବାକୁ ପଡିବ । ବିଦ୍ୟୁତ ବିତରଣ କମ୍ପାନୀର ଘରୋଇକରଣ ପାଇଁ ରାଜ୍ୟମାନେ ବୋନସ ପ୍ରୋତ୍ସାହନ ପାଇବା ଲାଗି ଯୋଗ୍ୟ ହୋଇପାରିବେ ।

ରାଜ୍ୟମାନଙ୍କର ପ୍ରଦର୍ଶନ ଏବଂ ଅତିରିକ୍ତ ଋଣ ଉଠାଣ ଅନୁମତି ପାଇଁ ଯୋଗ୍ୟତା ଆକଳନ କରିବା ଲାଗି ଶକ୍ତି ମନ୍ତ୍ରଣାଳୟକୁ ନୋଡାଲ ମନ୍ତ୍ରଣାଳୟ ଭାବେ ନିୟୋଜିତ କରାଯାଇଛି ।

୨୦୨୨-୨୩ ଆର୍ଥିକ ବର୍ଷରେ ମଧ୍ୟ ରାଜ୍ୟମାନେ ବିଦ୍ୟୁତ କ୍ଷେତ୍ରରେ ସଂସ୍କାର ସହ ଜଡିତ ଅତିରିକ୍ତ ଋଣ ଉଠାଣ ସୁବିଧାର ଲାଭ ନେଇପାରିବେ । ଏଥିପାଇଁ ୨୦୨୨-୨୩ ଆର୍ଥିକ ବର୍ଷରେ ୧,୨୨,୫୫୧ କୋଟି ଟଙ୍କାର ଆର୍ଥିକ ପ୍ରୋତ୍ସାହନ ରାଶି ଉପଲବ୍ଧ ରହିଛି । ୨୦୨୧-୨୨ ଆର୍ଥିକ ବର୍ଷରେ ସଂସ୍କାର ପ୍ରକ୍ରିୟା ସମ୍ପୂର୍ଣ୍ଣ କରିପାରିନଥିବା ରାଜ୍ୟମାନେ ଚ୍ଳିତ ଆର୍ଥିକ ବର୍ଷରେ ସଂସ୍କାର କାର୍ଯ୍ୟକାରୀ କରିପାରିଲେ ୨୦୨୨-୨୩ ଆର୍ଥିକ ବର୍ଷରେ ବ୍ୟବସ୍ଥା ହୋଇଥିବା ଅତିରିକ୍ତ ଋଣ ଉଠାଣର ଲାଭ ନେଇପାରିବେ ।

# ରେପୋ ରେଟ୍ ଅପରିବର୍ତ୍ତିତ ରଖିଲା ଆର୍‌ବିଆଇ



ନୂଆଦିଲ୍ଲୀ: ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ) ପକ୍ଷରୁ ରେପୋ ରେଟ୍ ଅପରବର୍ତ୍ତିତ ରଖାଯାଇଛି । ଆରବିଆଇ ଗଭର୍ଣ୍ଣର ଶକ୍ତିକାନ୍ତ ଦାସଙ୍କ ଅଧକ୍ଷତାରେ ବସିଥିବା ଛଅ ଜଣିଆ ମନିଟାରି ପଲିସି କମିଟି (ଏମପିସି)ରେ ଏହି ନିଷ୍ପତ୍ତି ନିଆଯାଇଛି । ରେପୋ ରେଟ୍ ୪ ପ୍ରତିଶତରେ ଅପରିବର୍ତ୍ତିତ ରହିଥିବା ବେଳେ ରିଭର୍ସ ରେପୋ ରେଟ୍ ୩.୩୫ ପ୍ରତିଶତ ରହିଛି । କ୍ରମାଗତ ଭାବେ ୧୧ଥର ପାଇଁ ଆରବିଆଇ ରେପୋ ରେଟକୁ ଅପରିବର୍ତ୍ତିତ ରଖିଥିବା ଜଣାପଡିଛି । କୋଭିଡ୍ ମହାମାରୀ ପ୍ରଭାବରୁ ଅର୍ଥବ୍ୟବସ୍ଥାକୁ ମୁକୁଳାଇବା ପାଇଁ ଏହି ପଦକ୍ଷେପ ନିଆଯାଇଥିବା ଗଭର୍ଣ୍ଣ ଶ୍ରୀ ଦାସ କହିଛନ୍ତି । ଆରବିଆଇ ପକ୍ଷରୁ କୁହାଯାଇଛି ଯେ, ୨୦୨୨-୨୩ ଆର୍ଥକ ବର୍ଷରେ ଦେଶର ଅଭିବୃଦ୍ଧି ୭.୨ ପ୍ରତିଶତ ରହିବ । ପୂର୍ବରୁ ଏହି ଅଭିବୃଦ୍ଧି ହାର ୭.୮ ରହିବ ବୋଲି ଅନୁମାନ କରାଯାଉଥିଲା । ପ୍ରଥମ ତ୍ରୈମାସିକରେ ଗ୍ରୋଥ ରେଟ ୧୬.୨, ଦ୍ୱିତୟ ତ୍ରୈମାସିକରେ ୬.୨, ତୃତୀୟ ତ୍ରୈମାସିକରେ ୪.୧, ଚ୍ତୁର୍ଥ ତ୍ରୈମାସିକରେ ୪ ପ୍ରତିଶତ ରଖାଯାଇଛି । ଆନ୍ତର୍ଜାତିକ ବଜାରରେ ଅଶୋଧିକ ତୈଳ ଦର ବ୍ୟାରେଲ ପିଛା ୧୦୦ ଡଲାର ଛୁଇଁବା ଫଳରେ ମହଙ୍ଗା ଓ ହାର ୫.୭ ପ୍ରତିଶତ ରହି ବୋଲି ଅନୁମାନ କରାଯାଇଛି । ଏନେଇ ଗଭର୍ଣ୍ଣର ଶ୍ରୀ ଦାସ କହିଛନ୍ତି, କ୍ରମାଗତ ଭାବେ ମହଙ୍ଗା ବଢ଼ି ଚାଲିଛି । ଅନ୍ୟପକ୍ଷରେ ଅଭିବୃଦ୍ଧି ହାର ହ୍ରାସ ପାଇବାରେ ଲାଗିଛି, ଯାହାକି ସମସ୍ତଙ୍କ ପାଇଁ ଏକ ଚିନ୍ତାର ବିଷୟ । ରୁଷ-ୟୁକ୍ରେନ କ୍ରାଇସିସ୍ କାରଣରୁ ଅଶୋଧିତ ତୈଳର ମୂଲ୍ୟ ଉପରେ ସଙ୍କଟ ଜାରି ରହିଛି । ଏହା ଗ୍ରୋଥ ରେଟର ହାରକୁ ପ୍ରଭାବିତ କରୁଛି ।

# ଓଡିଶା ଉପକୂଳରୁ ଏସଏଫଡିଆର ଜ୍ଞାନକୌଶଳର ସଫଳ ପରୀକ୍ଷା କଲା ଡିଆରଡିଓ



ଭୁବନେଶ୍ୱର, (ପିଆଇବି): ପ୍ରତିରକ୍ଷା ଗବେଷଣା ଓ ବିକାଶ ସଂଗଠନ (ଡିଆରଡିଓ) ପକ୍ଷରୁ 'ସଲିଡ୍ ଫୁଏଲ୍ ଡକ୍ଟେଡ୍ ରାମଜେଟ୍' (ଏସଏଫଡିଆର) ବୁଷ୍ଟର ଜ୍ଞାନକୌଶଳର ସଫଳ ପରୀକ୍ଷଣ ସମ୍ପନ୍ନ ହୋଇଛି । ଓଡିଶା ଉପକୂଳ ଚାନ୍ଦିପୁରସ୍ଥିତ ସମନ୍ୱିତ ପରୀକ୍ଷଣ କ୍ଷେତ୍ର (ଆଇଟିଆର)ରୁ ୮ ଏପ୍ରିଲ, ୨୦୨୨ରେ ଏହି କ୍ଷେପଣାସ୍ତ୍ର ପ୍ରଣାଳୀର ଫ୍ଲାଇଟ୍ ଟେଷ୍ଟ କରାଯାଇଥିଲା। ଏହି ଜଟିଳ କ୍ଷେପଣାସ୍ତ୍ର ପ୍ରଣାଳୀରେ ରହିଥିବା ସବୁ ଜରୁରି ଉପକରଣର ଭରସାଯୋଗ୍ୟ ପରିଚ୍ାଳନା ଆଜିର ସଫଳ ପରୀକ୍ଷଣରେ ପ୍ରଦର୍ଶିତ ହୋଇଥିଲା ଏବଂ ମିଶନର ସବୁ ଲକ୍ଷ୍ୟ ହାସଲ କରାଯାଇଥିଲା ।ଏସଏଫଡିଆର ଆଧାରିତ ପରିଚ୍ାଳନା ଶକ୍ତି ଶବ୍ଦ ଠାରୁ ଦ୍ରୁତ ବେଗରେ ଯାଇ ଅଧିକ ଦୂରବର୍ତ୍ତୀ ସ୍ଥାନରେ ଥିବା ବିପଦକୁ ଧ୍ୱଂସ କରିବା ଲାଗି ଏକ କ୍ଷେପଣାସ୍ତ୍ରକୁ ସକ୍ଷମ କରିଥାଏ। ଆଇଟିଆର ପକ୍ଷରୁ ନିୟୋଜିତ ଟେଲିମେଟ୍ରୀ, ରାଡାର ଏବଂ ଇଲେକ୍ଟ୍ରୋ ଅପ୍ଟିକାଲ ଟ୍ରାକିଂ ପ୍ରଣାଳୀ ଭଳି ସଂଖ୍ୟାଧିକ ଦୂରମାପନ ଉପକରଣ କରଣ ଦ୍ୱାରା ସଂଗୃହିତ ତଥ୍ୟ ମାଧ୍ୟମରେ ଏହି କ୍ଷେପଣାସ୍ତ୍ର ପ୍ରଣାଳୀର ପ୍ରଦର୍ଶନ ସଠିଥିବା ସୁନିଶ୍ଚିତ କରାଯାଇ ପାରିଥିଲା। ହାଇଦ୍ରାବାଦ ଇମାରତସ୍ଥିତ ଗବେଷଣା କେନ୍ଦ୍ର ଏବଂ ପୁଣେସ୍ଥିତ ହାଇ ଏନର୍ଜି ମ୍ୟାଟେରିଆଲ୍ସ ରିସର୍ଚ୍ଚ ଲାବ୍‌ରୋଟୋରୀ ଭଳି ଡିଆରଡିଓର ଅନ୍ୟ ପରୀକ୍ଷାଗାର ସହିତ ମିଶି ହାଇଦ୍ରାବାଦସ୍ଥିତ ପ୍ରତିରକ୍ଷା ଗବେଷଣା ଓ ବିକାଶ (ଡିଆରଡିଓ) ପରୀକ୍ଷାଗାର ପକ୍ଷରୁ ଏହି ଏସଏଫଡିଆର ଜ୍ଞାନକୌଶଳ ବିକଶିତ କରାଯାଇଛି । ଏସଏଫଡିଆରର ସଫଳ ପରୀକ୍ଷଣ ନିମନ୍ତେ ପ୍ରତିରକ୍ଷା ମନ୍ତ୍ରୀ ଶ୍ରୀ ରାଜନାଥ ସିଂ ଡିଆରଡିଓକୁ ଶୁଭକାମନା ଜଣାଇଛନ୍ତି ।

# ପିଏମଏମୱାଇର ଶୁଭାରମ୍ଭ ପରଠାରୁ ମୋଟ୍ ୧୮.୬୦ ଲକ୍ଷ କୋଟି ଟଙ୍କାର ୩୪.୪୨ କୋଟିରୁ ଅଧିକ ଋଣ ଆକାଉଣ୍ଟ ଖୋଲାଯାଇଛି

ନୂଆଦିଲ୍ଲୀ, (ପିଆଇବି):ଆର୍ଥିକ ଅନ୍ତର୍ଭୁକ୍ତିକରଣ ଲକ୍ଷ୍ୟ ନେଇ ପ୍ରଧାନମନ୍ତ୍ରୀ ମୁଦ୍ରା ଯୋଜନା (ପିଏମଏମୱାଇ)ର ଶୁଭାରମ୍ଭ କରାଯାଇଥିଲା। ଆମେ ଏହି ଯୋଜନାର ସପ୍ତମ ବର୍ଷ ପୂର୍ତ୍ତି ପାଳନ କରୁଛୁ । ଆସନ୍ତୁ ଆମେ ଏହି ଯୋଜନାର କେତେକ ପ୍ରମୁଖ ଦିଗ ଏବଂ ଉପଲବ୍ଧି ଉପରେ ନଜର ପକାଇବା ।ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ୮ ଏପ୍ରିଲ, ୨୦୧୫ରେ ପିଏମଏମୱାଇ ଯୋଜନାର ଶୁଭାରମ୍ଭ କରିଥିଲେ । ଏହାର ଉଦ୍ଦେଶ୍ୟ ହେଉଛି ଅଣ-କର୍ପୋରେଟ୍, ଅଣ-କୃଷି ଲଘୁ, କ୍ଷୁଦ୍ର ଉଦ୍‌ଯୋଗଗୁଡିକୁ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ସୁବିଧା ପ୍ରଦାନ କରିବା ।

ଏହି ଯୋଜନାର ସପ୍ତମ ବର୍ଷ ପୂର୍ତ୍ତି ଅବସରରେ କେନ୍ଦ୍ର ଅର୍ଥ ଏବଂ କର୍ପୋରେଟ୍ ବ୍ୟାପାର ମନ୍ତ୍ରୀ ଶ୍ରୀମତୀ ନିର୍ମଳା ସୀତାରମଣ କହିଛନ୍ତି, ''ଉଲ୍ଲେଖନୀୟ ଯେ ନିଯୁକ୍ତି ସୁଯୋଗ ଗତିବିଧି ନିର୍ମାଣ ଲାଗି ଏହି ଯୋଜନା ଅଧୀନରେ ମୋଟ୍ ୧୮.୬୦ ଲକ୍ଷ କୋଟି ଟଙ୍କାର ଅର୍ଥରାଶି ପାଇଁ ୩୪.୪୨ କୋଟିରୁ ଅଧିକ ଋଣ ଆକାଉଣ୍ଟ ଖୋଲାଯାଇଛି ।''ପିଏମଏମୱାଇ ମାଧ୍ୟମରେ ବ୍ୟବସାୟିକ ପରିବେଶରେ ସୁଧାର ଏବଂ ବ୍ୟାପକ ପରିମାଣରେ ନିଯୁକ୍ତି ସୁଯୋଗ ସୃଷ୍ଟି ସମ୍ପର୍କରେ ଅର୍ଥ ମନ୍ତ୍ରୀ କହିଛନ୍ତି ଯେ, ''ଯୋଜନା ବିଶେଷ ଭାବେ କ୍ଷୁଦ୍ର ବ୍ୟବସାୟୀମାନଙ୍କ ପାଇଁ ଅନୁକୂଳ ବାତାବରଣ ସୃଷ୍ଟି କରିବାରେ ସହାୟକ ହୋଇଛି । ଏହାଦ୍ୱାରା ତୃଣମୂଳ ସ୍ତରରେ ବ୍ୟାପକ ପରିମାଣରେ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇଛି । ୬୮ ପ୍ରତିଶତରୁ ଅଧିକ ଋଣ ଆକାଉଣ୍ଟ ମହିଳାଙ୍କ ପାଇଁ ମଞ୍ଜୁର କରାଯାଇଛି । ନୂଆ ଉଦ୍‌ଯୋଗୀଙ୍କ ପାଇଁ ୨୨ ପ୍ରତିଶତ ଆକାଉଣ୍ଟ ଖୋଲାଯାଇଛି ଯେଉଁମାନେ ଯୋଜନା ଆରମ୍ଭ ହେବା ପରଠାରୁ ଆଦୌ ଋଣ ନେଇନାହାନ୍ତି । ସବୁ ମୁଦ୍ରା ଯୋଜନାର ହିତାଧିକାରୀମାନଙ୍କୁ ଅଭିନନ୍ଦନ ଜଣାଇବା ସହିତ ଅନ୍ୟ ସମ୍ଭାବ୍ୟ ଋଣଗ୍ରହିତାମାନେ ଆଗକୁ ଆସିବା ଏବଂ ରାଷ୍ଟ୍ର ନିର୍ମାଣ ପ୍ରକ୍ରିୟାରେ ଅଂଶଗ୍ରହଣ କରିବା ଲାଗି ଶ୍ରୀମତୀ ସୀତାରମଣ ଆହ୍ୱାନ କରିଛନ୍ତି । ସେ କହିଛନ୍ତି, ''ବର୍ତ୍ତମାନ ସୁଦ୍ଧା ମଞ୍ଜୁରିପ୍ରାପ୍ତ ଋଣ ମଧ୍ୟରୁ ୫୧ ପ୍ରତିଶତ ଋଣ ଅନୁସୂଚୀତ ଜାତି/ଅନୁସୂଚୀତ ଜନଜାତି/ଓବିସି ସମୁଦାୟଙ୍କୁ ଦିଆଯାଇଛି । ପ୍ରଧାନମନ୍ତ୍ରୀ ମୁଦ୍ରା ଯୋଜନା, ସାମାଜିକ ନ୍ୟାୟ ସୁନିଶ୍ଚିତ କରିବାର ପ୍ରୟାସକୁ ପ୍ରତିଫଳିତ କରୁଛି । ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ସଂକଳ୍ପ ଅନୁରୂପ ଏହା ସବ୍‌କା ସାଥ୍ ସବକା ବିକାଶ ଭାବନାକୁ ବାସ୍ତବରେ ଆଗେଇ ନେଉଛି ।''

# ନୀତିନ ଗଡ଼କରୀଜୀଙ୍କୁ ଧନ୍ୟବାଦ ଜଣାଇଲେ ବରଗଡ଼ ସାଂସଦ ସୁରେଶ ପୂଜାରୀ



ନୂଆଦିଲ୍ଲୀ :ଝାରସୁଗୁଡ଼ା ଜିଲ୍ଲା ଅନ୍ତର୍ଗତ ଲଖନପୁର ବ୍ଲକର ଭିକମପାଲି ଗ୍ରାମପଞ୍ଚାୟତର ଡଙ୍ଗାଘାଟ ଠାରୁ ବରଗଡ଼ ଜିଲ୍ଲା ଅନ୍ତର୍ଗତ ଅମ୍ବାଭନା ବ୍ଲକର ଜରିମୁଲି ଘାଟ ପର୍ଯ୍ୟନ୍ତ ମହାନଦୀ ଜଳଭଣ୍ଡାର ଉପରେ ସେତୁ ନିର୍ମାଣ ପାଇଁ କେନ୍ଦ୍ର ସରକାର ୨୭୪ କୋଟି ଟଙ୍କା, ବରଗଡ଼ରୁ ଭଟଲି ଦେଇ ଅମ୍ବାବନା ରସ୍ତାର ଚଉଡ଼ାକରଣ ଓ ଉନ୍ନତିକରଣ ଓ ପଦ୍ମପୁର ରୋଡ୍ ପାଟଣାଗଡ଼ ରାସ୍ତାର ଚଉଡ଼ାକରଣ ଓ ଉନ୍ନତିକରଣ ଆଦି ପାଇଁ ଓଡ଼ିଶାକୁ ସିଆରଆଇଏଫ୍‌ରୁ ମିଳିଥିବା ୧୭୨୬.୨୨ କୋଟି ଟଙ୍କାରୁ ସର୍ବମୋଟ ୩୬୮.୫ କୋଟି ଟଙ୍କା ବରଗଡ଼ ଲୋକସଭା କ୍ଷେତ୍ର ପାଇଁ ମଂଜୁରୀ କରିଥିବା ରାଜମାର୍ଗ ମନ୍ତ୍ରୀ ଶ୍ରୀ ନୀତିନ ଗଡ଼କରୀଜୀଙ୍କୁ ପୁଣିଥରେ ଧନ୍ୟବାଦ ଜଣାଇଛନ୍ତି ବରଗଡ଼ ସାଂସଦ ସୁରେଶ ପୂଜାରୀ ।

# ବିନା ଜୋରିମାନାରେ ଅଣ-କାର୍ଯ୍ୟକ୍ଷମ କୋଇଲା ଖଣି ଫେରସ୍ତ କରିବା ଲାଗି ସରକାରୀ କମ୍ପାନୀଗୁଡିକୁ ମିଳିବ ୱାନ୍ ଟାଇମ୍ ୱିଣ୍ଡୋ ସୁବିଧା

ନୂଆଦିଲ୍ଲୀ, (ପିଆଇବି): ବିନା ଜୋରିମାନାରେ ଅଣ-କାର୍ଯ୍ୟକ୍ଷମ କୋଇଲା ଖଣି ଫେରାଇବା ଲାଗି କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ବିଭିନ୍ନ ରାଷ୍ଟ୍ରାୟତ୍ତ ଉଦ୍‌ଯୋଗମାନଙ୍କୁ ୱାନ ଟାଇମ୍ ୱିଣ୍ଡୋ ସୁବିଧା ପ୍ରଦାନ କରାଯିବ । ବର୍ତ୍ତମାନ କାର୍ଯ୍ୟକ୍ଷମ ନଥିବା ଯେକୌଣସି କୋଇଲା ଖଣି ଫେରାଇଲେ ସରକାରୀ କମ୍ପାନୀଗୁଡିକର ବ୍ୟାଙ୍କ ଗ୍ୟାରେଣ୍ଟି ଜବତ କରାଯିବ ନାହିଁ । କେବଳ ସେତିକି ନୁହେଁ ସେମାନଙ୍କୁ ଏହାର କୌଣସି କାରଣ ମଧ୍ୟ ଦର୍ଶାଇବାକୁ ପଡିବ ନାହିଁ । କୋଇଲା ମନ୍ତ୍ରଣାଳୟ ପକ୍ଷରୁ ଦିଆଯାଇଥିବା ଏ ସଂକ୍ରାନ୍ତ ଏକ ପ୍ରସ୍ତାବକୁ ଆଜି ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆର୍ଥିକ ବ୍ୟାପାର ସଂକ୍ରାନ୍ତ କ୍ୟାବିନେଟ୍ କମିଟିର ମଞ୍ଜୁରି ମିଳିଛି । ଏହି ନିଷ୍ପତ୍ତି ଫଳରେ ବହୁସଂଖ୍ୟକ କୋଇଲା ଖଣି ସରକାର ପୁଣିଥରେ ଫେରି ପାଇବେ । ଯେଉଁ ରାଷ୍ଟ୍ରାୟତ୍ତ ଉଦ୍‌ଯୋଗ ଏସବୁ କୋଇଲା ଖଣିର ଆବଣ୍ଟନ ପାଇଛନ୍ତି ଯଦି ସେମାନେ ଏହାର ପରିଚ୍ାଳନା କରିବା ଭଳି ସ୍ଥିତିରେ ନାହାନ୍ତି କିମ୍ବା ଏହି କାର୍ଯ୍ୟରେ ସେମାନଙ୍କର କୌଣସି ଆଗ୍ରହ ନାହିଁ ତା'ହେଲେ ସେମାନେ ସରକାରଙ୍କ ଖଣି ଫେରାଇ ପାରିବେ । ଏହାପରେ ସରକାର ବର୍ତ୍ତମାନର ନୀଲାମୀ ନୀତି ଅନୁସାରେ ଏସବୁ କୋଇଲା ଖଣି ନିଲାମ କରିପାରିବେ । ଖଣି ଆବଣ୍ଟନ ପାଇଥିବା ସରକାରୀ କମ୍ପାନୀମାନଙ୍କୁ ଖଣି ଫେରାଇବା ଲାଗି ମଞ୍ଜୁରି ନୀତି ପ୍ରକାଶିତ ହେବା ତାରିଖ ଠାରୁ ତିନି ମାସ ମଧ୍ୟରେ କୋଇଲା ଖଣି ଫେରାଇବାକୁ ସମୟ ଦିଆଯିବ ।

୨୦୧୪ରେ ସୁପ୍ରିମ୍‌କୋର୍ଟ କୋଇଲା ଖଣି ନିଲାମକୁ ରଦ୍ଦ କରିଦେବା ପରେ, ତାପଜ ବିଦ୍ୟୁତ ପ୍ଲାଣ୍ଟକୁ କୋଇଲା ଯୋଗାଣ କ୍ଷେତ୍ରରେ ତତ୍କାଳ ବ୍ୟବଧାନ ଦେଖା ଦେଇଥିଲା। ଏହାର ନିରାକରଣ ନିମନ୍ତେ ସରକାର ଆବଣ୍ଟନ ଜରିଆରେ ରାଜ୍ୟ ଏବଂ କେନ୍ଦ୍ରୀୟ ରାଷ୍ଟ୍ରାୟତ୍ତ ଉଦ୍‌ଯୋଗମାନଙ୍କୁ ଅନେକଗୁଡିଏ ରଦ୍ଦ କରାଯାଇଥିବା କୋଇଲା ଖଣି ଆବଣ୍ଟନ କରିଥିଲେ । ଦ୍ରୁତ ଗତିରେ ଆବଣ୍ଟନ କାର୍ଯ୍ୟ କରାଯାଇଥିଲା। ଏଥିରୁ ଆଶା କରାଯାଇଥିଲା ଯେ ରାଜ୍ୟ ବିଦ୍ୟୁତ ଉତ୍ପାଦନ କମ୍ପାନୀମାନଙ୍କର କୋଇଲା ଆବଶ୍ୟକତା ଏସବୁ କୋଇଲା ଖଣିରୁ ପୂରଣ ହୋଇପାରିବ । ରାଜ୍ୟ/କେନ୍ଦ୍ର ରାଷ୍ଟ୍ରାୟତ୍ତ ଉଦ୍‌ଯୋଗମାନଙ୍କ ଦ୍ୱାରା ଦେୟ ରାଜସ୍ୱର ଭାଗ, ଟନ୍ ପିଛା ଆଧାରରେ ନିର୍ଦ୍ଧାରଣ କରାଯାଇଥାଏ, ଅନ୍ୟପଟେ ଘରୋଇ କ୍ଷେତ୍ରକୁ ଏଥିପାଇଁ ନିଲାମୀରେ ଭାଗ ନେବାକୁ ପଡିଥାଏ। ସେତେବେଳେ କୋଇଲା ଖଣି ଆବଣ୍ଟନ ସନ୍ଦର୍ଭରେ କୋଇଲା ବ୍ଲକର ପରିଚ୍ାଳନା ନିମନ୍ତେ ସମୟ ସୀମା ସର୍ତ୍ତ ଅତ୍ୟନ୍ତ କଠୋର ଥିଲା। ସଫଳ ଆଲଟୀ କିମ୍ବା ମନୋନିତ କର୍ତ୍ତୃପକ୍ଷଙ୍କ ପାଇଁ ରିହାତିର କୌଣସି ସମ୍ଭାବନା ଛଡାଯାଇ ନଥିଲା। କୋଇଲା ଖଣି ପରିଚ୍ାଳନାରେ ବିଳମ୍ବ କାରଣରୁ ଜୋରିମାନା ଲାଗୁ ହୋଇଥିଲା ଯାହାଫଳରେ ବିବାଦ ଦେଖା ଦେଇଥିଲା ଓ ଅଦାଲତରେ ମାମଲା ଗଡିଲା।

# ମହିଳାଙ୍କ ପାଦ ତଳିପାର ଯନ୍ତ୍ରଣା

ପାଦ ଛାଞ୍ଚର ମାପ ବକ୍ର ହୋଇଥିଲେ କିମ୍ବା ପାଦ ଯଦି ଚଟକା ପରି ହୋଇଥାଏ କିମ୍ବା ଚାଲିଲାବେଳେ ପାଦ ଅସ୍ୱାଭିବ ଭାବରେ ଆଗକୁ ବା ପଛକୁ ପଦପାତ ପଡୁଥିଲେ ଏହି ସମସ୍ୟା ଦେଖିବାକୁ ମିଳିଥାଏ । ସେହିପରି ପାଦମାପର ଛୋଟ ବଡ଼ ଯୋତା, ବା ସକ୍ସ ପିନ୍ଧିଲେ ବି ଏହା ପାଦ ପାଇଁ ସମସ୍ୟା କରିଥାଏ । ତେବେ ସମସ୍ୟାଟି ମାତ୍ର ସେହିଟି ଅଟକି ନଥାଏ । ମହିଳାମାନେ ଘରକାମ ଭିତରେ କୌଣସି ଅଧିକ ଶାରୀରିକ ପରିଶ୍ରମ କାର୍ଯ୍ୟ କଲେ, ଅନେକ ସମୟ ଧରି ଛିଡ଼ାହେଲେ, ପାଦରେ କୌଣସି ଜିନିଷ କିଛି ସମୟ ଚାପି ହୋଇ ରହିଗଲେ କିମ୍ବା ଦୌଡ଼ାଦୌଡ଼ି କଲାବେଳେ ପାଦ ସଠିକ୍ ଭାବରେ ନପଡ଼ିଲେ ପାଦ ତଳିପା ଯନ୍ତ୍ରଣାର ଅନ୍ୟତମ କାରଣ ପାଲଟିଥାଏ । ତେବେ ଚିକିତ୍ସା ଶାସ୍ତ୍ରର ଗବେଷଣାବି କହୁଛି ମହିଳାମାନେ ସ୍ୱାଭାବିକ ଭାବରେ ବୟସ ବଢ଼ିଚାଲିଲେ ପାଦ ତଳିପାରେ ରହିଥିବା ଚର୍ବି କିମ୍ବା ତନ୍ତୁର ଅଂଶ କ୍ଷୟ ହେଲେ ଏହି ଯନ୍ତ୍ରଣାର ସମ୍ଭାବନା ବଢ଼ିଯାଏ । ତେବେ ଅନେକକ୍ଷେତ୍ରରେ ଦେଖାଯାଇଥାଏ ସଚେତନତା ଅଭାବରୁ ପ୍ରାୟତଃ ମହିଳାମାନେ ଏହାକୁ ଅଣହେଳା କରିଥାନ୍ତି । ଏ ସମ୍ଭାବନା ବିଶେଷକରି ଗ୍ରାମାଞ୍ଚଳ, ଆଦିବାସୀ ଅଧ୍ୟୁଷିତ ଓ ଗ୍ରାମ୍ୟ କର୍ମଜୀବି ବା ଶ୍ରମଜୀବିମାନଙ୍କ କ୍ଷେତ୍ରରେ ବିଶେଷ ଭାବରେ ଦେଖିବାକୁ ମିଳିଥାଏ ।

ପାଦକୁ କେବେହେଲେ ଅଣଦେଖା କରନ୍ତୁ ନାହିଁ । ଖାଲି ପାଦରେ ନଚାଲି ସାଧାରଣ ଚପଲଟିଏ ବି ହେଉ ପିନ୍ଧିବାର ଅଭ୍ୟାସ ରଖନ୍ତୁ । ଘରେ ସୁବିଧା ହେଲେ ବା ରକ୍ଷଣଶୀଳତାର ଚିନ୍ତାଧାରା ନଥିଲେ ସଫା ସ୍ଲିପରଟି ସ୍ୱାଭାବିକ ଭାବରେ ବ୍ୟବହାର କଲେ ଭଲ । ନିଜ ମାପର ସଠିକ୍ ଯୋତା ବା ଚପଲ ପିନ୍ଧନ୍ତୁ । ଲୋକଦେଖାଣିଆ ଆକର୍ଷଣୀୟ ବଡ଼ ସାଇଜର ଯୋତା ପିନ୍ଧି ନିଜ ପାଇଁ ଯନ୍ତ୍ରଣାକୁ ନିମନ୍ତ୍ରଣ କରନ୍ତୁ ନାହିଁ । ଯୋତା କିଣିଲାବେଳେ ଦୃଷ୍ଟି ଦିଅନ୍ତୁ ଯେଉଁ ଯୋତାରେ ଯନ୍ତ୍ରଣା ପ୍ରତିହତ କରିବାର ବ୍ୟବସ୍ଥା ଥିବା ସେହିପରି ଯୋତା ବ୍ୟବହାର କରନ୍ତୁ । ଆବଶ୍ୟକ ହେଲେ ଯୋତାରେ ହିଲ୍ ପ୍ୟାଡ଼ ବ୍ୟବହାର କରନ୍ତୁ । ସବୁବେଳେ ମୋଜା ପିନ୍ଧିବା ଅଭ୍ୟାସ ନରଖିଲେ ଭଲ । ବିଶେଷକରି ଦୌଡ଼ାଦୌଡ଼ି ବେଳେ, ବ୍ୟାୟାମ ସମୟରେ, ଖେଳକୁଦ ସମୟରେ କିମ୍ବା ଭ୍ରମଣ ସମୟରେ ପାଦକୁ ସଠିକ୍ ମାପର ଯୋତା ପିନ୍ଧନ୍ତୁ । ଯଦି ପାଦର କୌଣସି ଗଠନ ସମ୍ବନ୍ଧୀୟ ଅସୁବିଧା ଥାଏ ତେବେ ତୁରନ୍ତ ଅସ୍ଥିଶଲ୍ୟ ବିଶେଷଜ୍ଞଙ୍କ ପରାମର୍ଶ ନେଇ 'କଷ୍ଟମ ମେଡ଼ ଅର୍ଥୋଟିକ୍' ଯୋତା ବ୍ୟବହାର କରିପାରନ୍ତି । ପାଦର ଯନ୍ତ୍ରଣା କିମ୍ବା ତଳିପାର ଯନ୍ତ୍ରଣା ଅଧିକ ହେଲେ କିଛି ଦିନ ପାଇଁ ବିଶ୍ରାମ ନିଅନ୍ତୁ । ସେହିପରି ପାଦର ତଳିପାର ବଙ୍କା ଅଂଶକୁ ପାପୁଲି ସାହାଯ୍ୟରେ ମାଲିସ୍ କରିପାରନ୍ତି । ବସିଥିବା ସମୟରେ ବେଳେବେଳେ ପାଦର ଆଙ୍ଗୁଠି ସବୁକୁ ମୁକ୍ତ ଭାବରେ ସଞ୍ଚାଳନ କରନ୍ତୁ । ଅତିକଠିନ କିମ୍ବା ଆବଡ଼ାଖାବଡ଼ା ଚଟାଣ ହେଉ ବା ଛାତ ଉପର, ବାହାର ଅଗଣା ହେଉ ବା ଦାଣ୍ଡବାରି ଚାଲନ୍ତୁ ନାହିଁ । ରାତିରେ ଶୋଇବା ପୂର୍ବରୁ ପାଦକୁ କିଛି ସମୟ ନଖ ଉଷୁମ ପାଣିରେ ବୁଡ଼ାଇ ରଖନ୍ତୁ ।



# ସ୍ତନ କର୍କଟ ଆଶଙ୍କା ହ୍ରାସ କରାଏ ବ୍ୟାୟାମ୍



ଏହା ସମସ୍ତେ ଭଲ ଭାବରେ ଜାଣିଛନ୍ତି ଯେ, ବ୍ୟାୟାମ୍ କରିବା ଦ୍ୱାରା ସ୍ୱାସ୍ଥ୍ୟରେ ସୁଧାର ଆସିଥାଏ । ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଇବା ସହିତ ସ୍ୱାସ୍ଥ୍ୟ ସମସ୍ୟା ବହୁ ପରିମାଣରେ ହ୍ରାସ ପାଇଥାଏ । ବ୍ୟାୟାମ କରିବା ଫଳରେ ଶରୀରର ପ୍ରାୟ ସବୁ ଅଙ୍ଗ ଉପରେ ଅନୁକୂଳ ପ୍ରଭାବ ପଡେ । ଶରୀର ଚଞ୍ଚଳ ହୋଇଯାଏ । ନିୟମିତ ବ୍ୟାୟାମ୍ କରିବା ଦ୍ୱାରା ଅନେକ ସୁଫଳ ମିଳିବା ସହ କୌଣସି ରୋଗରେ ଅକାଳ ମୃତ୍ୟୁ ହେବାର ସମ୍ଭାବନା ମଧ୍ୟ ହ୍ରାସ ପାଇଥାଏ । ମଧୁମେହ, ଉଚ୍ଚରକ୍ତଚାପ ଏବଂ ଅନ୍ୟ ହୃଦ୍ ସମ୍ବନ୍ଧୀୟ ରୋଗ ହେବାର ଆଶଙ୍କା ବହୁ ପରିମାଣରେ କମିଥାଏ ବ୍ୟାୟାମ୍ କରିବା ଦ୍ୱାରା । କୋଲୋନ ଓ ସ୍ତନ କ୍ୟାନ୍ସରର ଆଶଙ୍କା ହ୍ରାସ ପାଏ । ଓଜନ ନିୟନ୍ତ୍ରଣରେ ରହିବା ସହିତ ଶରୀରର ଗଢଣ ସୁନ୍ଦର ହୋଇଥାଏ । ନିୟମିତ ବ୍ୟାୟାମ କରୁଥିବା ଲୋକ ବୃଦ୍ଧାବସ୍ଥାରେ ବି କାହା ଉପରେ ନିର୍ଭରଶୀଳ ହୁଅନ୍ତି ନାହିଁ । ଶରୀରର ପ୍ରତିରୋଧକ ଶକ୍ତି ବୃଦ୍ଧି ପାଇବା ଫଳରେ ସଂକ୍ରମିତ ରୋଗ, ଗଣ୍ଠିବାତ ଏବଂ ଅସ୍ଥି ସମସ୍ୟା ଦେଖା ଦେଇନଥାଏ । ଶାରୀରିକ ସୁଫଳ ସମେତ ବହୁ ପ୍ରକାରର ମାନସିକ ଅବସାଦରୁ ମଧ୍ୟ ବ୍ୟାୟାମ ସୁରକ୍ଷା ପ୍ରଦାନ କରେ । ନିୟମିତ ବ୍ୟାୟାମ କରିବା ଦ୍ୱାରା ଆଣ୍ଠୁଗଣ୍ଠି ସମସ୍ୟା, ଓଜନ ବୃଦ୍ଧି, ହଜମ ପ୍ରକ୍ରିୟା ଆଦି ସମସ୍ୟା ଦୂର ହୋଇଥାଏ । ତେବେ ବ୍ୟାୟାମ ମଧ୍ୟ ଯଦି ଠିକ୍ ଭାବେ କରାନଯାଏ ଏହାର ପ୍ରତିକୂଳ ପ୍ରଭାବ ପଡିପାରେ ଶରୀର ଉପରେ । ତେଣୁ ନିୟମାନୁସାରେ ବ୍ୟାୟାମ କରି ଏହାର ପ୍ରତିଷେଧକ ଗୁଣର ଲାଭ ଉଠାଇବା ଉଚିତ୍ ।

# ଗରମରେ ତ୍ୱଚାକୁ ଚମକାଇବାର କିଛି ଟିପ୍ସ



**ଖରାଦିନେ ମୁହଁ ଏବଂ ଶରୀରକୁ ସୂର୍ଯ୍ୟଙ୍କ ଉତ୍ତାପ କଳା କରିଦେଇଥାଏ। ଏବଂ ଅଂଶୁଘାତ ଭଳି ରୋଗରେ ପଡ଼ିବାର ସମ୍ଭାବନା ମଧ୍ୟ ରହିଥାଏ। ତେଣୁ ତାକୁ ସେଥିରୁ କିଛି ପରିମାଣରେ ବଞ୍ଚେଇବା ପାଇଁ ଆମକୁ ସରଳ ଉପାୟ ଅବଲମ୍ବନ କରିବାକୁ ପଡ଼ିବ।**

୧. ଶରୀର ଏବଂ ମୁହଁକୁ କଳା ଏବଂ ବ୍ଲାକ ସ୍ପଟରୁ ବଞ୍ଚେଇବାକୁ ହେଲେ ଭଲ ସନସ୍କ୍ରିନ ଲୋସନ ବ୍ୟବହାର କରନ୍ତୁ। ଏସପିଏଫ ୩୦ଯୁକ୍ତ ସନସ୍କ୍ରିନ ସର୍ବଶ୍ରେଷ୍ଠ ଅଟେ। ପ୍ରତିଦିନ ଘରୁ ବାହାରିବାର ୨୦ ରୁ ୩୦ ମିନିଟ ପୂର୍ବରୁ ଏହାକୁ ଲଗାଇ ବାହାରକୁ ବାହାରନ୍ତୁ।

୨. ଖରାରେ ଚଷମା ଲଗାନ୍ତୁ। ଏହାଦ୍ୱାରା ଆଖି ରୋଗରୁ ବଞ୍ଚିତ ହୋଇପାରିବେ। ଡାର୍କସର୍କଲ ହେବ ନାହିଁ ଏବଂ ଆଖି ସ୍ୱଚ୍ଛଳ ରହିବ।

୩. ରୁଖା-ସୁଖା ଏବଂ ସୁସ୍କ ନିର୍ଜିବ ତ୍ୱଚାରୁ ପିଛା ଛଡ଼େଇବା ପାଇଁ ସ୍କ୍ରବ କରିବା ଜରୁରୀ। ଏହାକୁ କରିବା ଦ୍ୱାରା ମୃତ ଏବଂ ପୁରୁଣା ତ୍ୱଚାର କୋଷିକା ଗୁଡ଼ିକ ଚାଲିଯାଇଥାଏ। କହୁଣି ଏବଂ ଆଣ୍ଠୁର ମୃତ କୋଷିକାକୁ ହଟେଇବା ପାଇଁ ଦିନେ ଦିନେ ଛାଡ଼ି ସେଥିରେ ଚିନି ଏବଂ ଲେମ୍ବୁ ଧିରେ ଧିରେ ରଗଡ଼ନ୍ତୁ।

୪. ଗରମରେ ବାଳର ସାଇନିଂ ଚାଲିଯାଇଥାଏ। ଏମିତିରେ




କୌଣସି ପ୍ରକାର କେମିକାଲ ଏବଂ ହେୟାରସ୍ଟାଇଲ ମନେଇବା ପାଇଁ ଉପକରଣ ଗୁଡ଼ିକ ଉପରେ ଧାରଣା ଥିବା ଦରକାର। ଜଲଦି ଜଲଦି ସାମ୍ପୁ ବ୍ୟବହାର କରିବା ଦ୍ୱାରା ବାଳର ଚମକ ବା ନରମତା ଚାଲିଯାଇଥାଏ। ବାଳ ପାଇଁ ନରମ ସାମ୍ପୁ ବା କଣ୍ଡିସନରର ବ୍ୟବହାର କରନ୍ତୁ।

୫. ତାଛଡ଼ା ଗରମରେ ବା ଗ୍ରୀଷ୍ମ ଦିନରେ ପାଣି ପ୍ରଚୁର ପିଇବା ସହ ଭଲ ଖାଦ୍ୟ ଖାଇବାର ଉପଦେଶ ଆପଣଙ୍କୁ ଦିଆଯାଉଛି। ନିଜ ତ୍ୱଚାକୁ ହେଲଦି ରଖିବା ପାଇଁ ତାଜା ଫଳ ଏବଂ ସବୁଜ ପରିବା ଖାଆନ୍ତୁ। ଖାଇବାରେ କାକୁଡ଼ି, କଲରା, ପାଳଙ୍ଗ ସାଗ, ତରଭୁଜ, କମଳା, ଚେରି ଏବଂ ଲିଚି ଭଳି ଫଳ ଏବଂ ପରିବା ଖାଆନ୍ତୁ।

# ରକ୍ତଚାପ ନିୟନ୍ତ୍ରଣ କରେ ଖଜୁରୀକୋଳି



ରକ୍ତଚାପ ଆଧୁନିକ ଜୀବନଶୈଳୀର ସବୁଠୁ ସାଧାରଣ ରୋଗ ପାଲଟିଛି। ଏହାକୁ 'ସାଇଲେଣ୍ଟ କିଲର୍' ବୋଲି ମଧ୍ୟ କୁହାଯାଏ। ଯେତେବେଳେ ହୃତ୍‌ପିଣ୍ଡର ଧମନୀରେ ଚାପ ବଢ଼ିଯାଏ, ସେତେବେଳେ ରକ୍ତସଞ୍ଚାଳନ କରିବା ପାଇଁ ଅଧିକ ଚାପ ପକାଯାଏ। ଏହାକୁ ଉଚ୍ଚ ରକ୍ତଚାପ କୁହାଯାଏ। ମୁଣ୍ଡବିନ୍ଧା, ମୁଣ୍ଡବୁଲାଇବା ଓ ହୃଦ୍‌ସ୍ପନ୍ଦନ ବୃଦ୍ଧି ଏହାର ପ୍ରମୁଖ ଲକ୍ଷଣ। ଉଚ୍ଚ ରକ୍ତଚାପ ଏକ ଗମ୍ଭୀର ସମସ୍ୟା। ଏଥିରେ ପୀଡ଼ିତ ଲୋକଙ୍କ ରକ୍ତଚାପ ନିୟନ୍ତ୍ରଣରେ ରଖିବା ନିତାନ୍ତ ଜରୁରୀ। ଯଦି ଏଭଳି ନ କରାଯାଏ, ତେବେ ଏହା ଶରୀରର ଅଙ୍ଗପ୍ରତ୍ୟେଙ୍ଗକୁ କ୍ଷତି ପହଞ୍ଚାଇଥାଏ। ଉଚ୍ଚ ରକ୍ତଚାପ ହେବା ଦ୍ୱାରା ହୃଦ୍‌ରୋଗ, କିଡ୍‌ନୀ ସମସ୍ୟା ଆଦି ରୋଗର ଆଶଙ୍କା ବଢ଼ିଯାଏ। ଖାଦ୍ୟପେୟରେ ଅନିୟମିତତା, ମାନସିକ ଅବସାଦ ଓ ନିଦ୍ରାହୀନତା ଏହି ସମସ୍ୟାର ପ୍ରମୁଖ କାରଣ। କିନ୍ତୁ ଏଥିପାଇଁ ଚିନ୍ତିତ ହେବାର ଆଦୌ ଆବଶ୍ୟକତା ନାହିଁ। କାରଣ ସାମାନ୍ୟ ଖଜୁରୀକୋଳି ଦ୍ୱାରା ଏହାକୁ ନିୟନ୍ତ୍ରଣ କରିହେବ। ଦେଖିବାକୁ ଏହା ଖୁବ୍ ଛୋଟ ହୋଇପାରେ ସତ; କିନ୍ତୁ ଏଥିରେ ପ୍ରଚୁର ମାତ୍ରାରେ ଭିଟାମିନ୍, ମିନେରାଲ୍ସ ଓ ପ୍ରୋଟିନ୍ ଉପଲବ୍ଧ। ଏହାଛଡ଼ା ଖଜୁରୀ ଫାଇବର ଯୁକ୍ତ। ଖଜୁରୀରେ ଭିଟାମିନ୍ ବି୧, ବି୨, ବି୩, ବି୫, ଏ୧ ଓ ଭିଟାମିନ୍ ସି ମଧ୍ୟ ମିଳିଥାଏ। ଏହାସହ ଭରପୁର୍ ପୋଟାସିୟମ୍ ଯୁକ୍ତ ହୋଇଥାଏ ଖଜୁରୀ। ପ୍ରତିଦିନ ସକାଳ ଜଳିଖିଆରେ ପ୍ରଥମେ ତିନୋଟି ଖଜୁରୀକୋଳି ଖାଇ ତୁରନ୍ତ ଉଷୁମ ପାଣି ପିଅନ୍ତୁ। ଏହି ଉପାୟକୁ ଲଗାତର ଏକ ମାସ ପର୍ଯ୍ୟନ୍ତ ରୋଜ୍ ଖାଇଲେ ରକ୍ତଚାପ ନିୟନ୍ତ୍ରଣ କରିହେବ। କିନ୍ତୁ ମନେରଖିବେ, ଏହି ଉପାୟ ସାଙ୍ଗକୁ ଆପଣ ନିଜ ଖାଦ୍ୟପେୟ ପ୍ରତି ମଧ୍ୟ ଧ୍ୟାନ ଦେବାକୁ ପଡ଼ିବ। ନିୟମିତ ରୂପରେ ବ୍ୟାୟାମ୍ କରିବାକୁ ମଧ୍ୟ ପଡ଼ିବ।

# ଡାଏଟିଂ ମୋଟାପା ବଢ଼ାଏ



ଯଦି ଆପଣ ପତଳା ଏବଂ ସ୍ଲିମ୍ ଫିଗର ମେନଟେନ କରିବାକୁ ଚାହୁଁଛନ୍ତି ବୋଲି ଖାଇବା-ପିଇବା ଛାଡ଼ିବା ବିଷୟରେ ଚିନ୍ତା କରୁଛନ୍ତି ତେବେ ଏହି ବିଷୟରେ ଥରେ ଚିନ୍ତା କରିନିଅନ୍ତୁ। କାରଣ ରିସରଚର ମାନଙ୍କ ମତରେ ଖାଇବା ଛାଡ଼ିବା ଦ୍ୱାରା ପେଟର ଓଜନ ବଢ଼ିଥାଏ। ଆମେରିକାର ଓହିୟୋ ଷ୍ଟେଟ ବିଶ୍ୱବିଦ୍ୟାଳୟର ମାବନ ଆହାର ପ୍ରାଧ୍ୟାପକ ମାର୍ଥା ବେଲୁରୀଙ୍କ ଅନୁସାରେ ପୁରାଦିନରେ କମ କମ ଖାଇବା ଓଜନ କମ କରିବାରେ ସାହାଯ୍ୟ କରେ। ସେ କହିଛନ୍ତି କି ନିୟମିତ ଭାବରେ କ୍ୟାଲୋରୀ ବଞ୍ଚେଇବା ପାଇଁ ଆପଣଙ୍କୁ ଖାଇବା ଛାଡ଼ିବା କଥା ନୁହେଁ କାରଣ ଏହା ଆପଣଙ୍କ ଶରୀରକୁ ଇନସୁଲିନ ଏବଂ ଗ୍ଲୁକୋଜ ପରମାଣକୁ ବଢ଼େଇବା ବା କମେଇବାକୁ ନିୟନ୍ତ୍ରଣ କରିଥାଏ। ଏହାଦ୍ୱାରା ଓଜନ କମାଇବା ଜାଗାରେ ବଢ଼ାଇଥାଏ। ମୁଷାମାନଙ୍କ ଉପରେ ଏହି ଗବେଷଣା କରି ଏହି କଥା ସାମନାକୁ ଆସିଛି। ଏହା କରିବା ଦ୍ୱାରା ମଧୁମେହ ଓ ହୃଦୟ ରୋଗ ହେବାର ଆଶଙ୍କା ମଧ୍ୟ ରହିଥାଏ।

# ପିଲାଙ୍କ କ୍ୟାନ୍ସରକୁ ରୋକିପାରେ ଗ୍ରୀନ ଟି

ଗ୍ରୀନ ଟି ମଣିଷର ଦୈନନ୍ଦିନ ଜୀବନରେ ଏକ ଆଶୀର୍ବାଦ ସଦୃଶ ଉଭା ହୋଇଥାଏ । ଗ୍ରୀନ ଟି ପିଇବା ଦ୍ୱାରା ଶରୀରରେ କେତେ ପ୍ରକାର ରୋଗ ଦୂର ହୋଇଥାଏ । ମୁଣ୍ଡବିନ୍ଧା , ଡିପ୍ରେସନ ସମୟରେ ଏହା ଏକ ପ୍ରକୃତ ମେଡିସିନ ଭଳି କାମ ଦେଉଥିବା ବେଳେ ଶରୀରରେ କୋଲେଷ୍ଟୋରେଲ ପରିମାଣକୁ ନିୟନ୍ତ୍ରଣରେ ରଖିଥାଏ । ଏବେ ଏକ ଅନୁସନ୍ଧାନରୁ ଜଣାଯାଇଛି ଯେ, ଗ୍ରୀନ ଟି ଶୈଶବ ଅବସ୍ଥାରେ ଦେଖାଯାଉଥିବା କ୍ୟାନ୍ସରକୁ ଦୂର କରିଥାଏ । କ୍ୟାନ୍ସର ଅନୁସନ୍ଧାନକାରୀ ଓରାଭିଓ ଭିଟାରିଓ ପ୍ରକାଶ କରିଛନ୍ତି ଯେ, ଗ୍ରୀନ ଟି ପିଇବା ଦ୍ୱାରା ଶରୀରରେ ଥିବା ଆଣ୍ଟି ଅକ୍ସିଡାଣ୍ଟ ଅଧିକ ଶକ୍ତିଶାଳୀ ହୋଇ କାର୍ଯ୍ୟ କରିଥାଏ । ଫଳରେ ନେରୋବ୍ଲାଷ୍ଟମା କ୍ୟାନ୍ସର ସେଲରୁ ଗ୍ରୀନ ଟି ୫୦ ପ୍ରତିଶତ କ୍ୟାନ୍ସର ଜୀବାଣୁ ଗୁଡିକୁ ନଷ୍ଟ କରିବାରେ ସମର୍ଥ ହୋଇଥାଏ । ନେରୋବ୍ଲାଷ୍ଟମା କ୍ୟାନ୍ସର ମୁଖ୍ୟତଃ ଶିଶୁମାନଙ୍କ ଠାରେ ଦେଖାଯାଇଥାଏ । ଏହି କ୍ୟାନ୍ସରକୁ ଗ୍ରୀନ ଟି ମାଧ୍ୟମରେ ଚିକିତ୍ସା କରାଇବା ଅତ୍ୟନ୍ତ ନିରାପଦ ଓ ପାର୍ଶ୍ୱପ୍ରତିକ୍ରିୟାବିହୀନ ବୋଲି ବୈଜ୍ଞାନିକମାନେ ପ୍ରକାଶ କରିଛନ୍ତି ।



# ଅଧିକ ପ୍ରୋଟିନ୍ ସ୍ୱାସ୍ଥ୍ୟ ପାଇଁ ହାନିକାରକ

**ଉତ୍ତମ ସ୍ୱାସ୍ଥ୍ୟ ପାଇଁ ଆବଶ୍ୟକ ହୋଇଥାଏ ପ୍ରୋଟିନ୍। ଏହା ମାଂସପେଶୀ ଏବଂ ହାଡ଼ପାଇଁ ଅଧିକ ଉପଯୋଗୀ ହୋଇଥାଏ। ତେବେ ଅଧିକ ପ୍ରୋଟିନ୍ ଖାଇଲେ ଶରୀରରେ ଦେଖା ଦେଉଥାଏ ଅନେକ ସମସ୍ୟା...**

**ଶରୀରର କ୍ଷତି ହାଇ ପ୍ରୋଟିନ୍-** ଆବଶ୍ୟକତାଠୁ ଅଧିକ ପ୍ରୋଟିନ୍ ଖାଇଲେ ଶରୀର ଉପରେ ଏହା କୁପ୍ରଭାବ ପକାଇଥାଏ। କୀଟୋସ୍‌ର ମାତ୍ରା ବଢ଼ିଯାଏ। କୀଟୋସ୍ ଏମିତି ଏକ ପଦାର୍ଥ ଯାହା ଶରୀରକୁ କ୍ଷତି ପହଞ୍ଚାଇବାର ଉଦ୍ୟମ କରିଥାଏ। ଏହାକୁ ଶରୀରରୁ ନିଷ୍କାସିତ କରିବା ପାଇଁ ଅଧିକ ପାଣି ପିଇବା ଉଚିତ୍। ଯଦ୍ୱାରା ଏହା ଶରୀରରୁ ବାହାରି ଥାଏ।**ଅସ୍ଥି ରୋଗ-** ଅଧିକ ପ୍ରୋଟିନ୍ ଖାଇଲେ ଶରୀରରେ ଅସ୍ଥିଜନିତ ରୋଗ ମଧ୍ୟ ହୋଇଥାଏ।

**କିଡ୍‌ନୀ ରୋଗୀଙ୍କୁ ପ୍ରୋଟିନ୍ ମନା-** କିଡ୍‌ନୀ ଏବଂ ୟୁରିକ୍ ଏସିଡ୍‌ର ରୋଗୀ ପ୍ରୋଟିନ୍ ସେବନ କରନ୍ତୁ ନାହିଁ। କିଡ୍‌ନୀ ଶରୀରରୁ ପ୍ରୋଟିନ୍‌ର ମାତ୍ରାକୁ ଠିକ୍ ଭାବେ ନିଷ୍କାସିତ କରିନଥାଏ। ଯଦ୍ୱାରା କିଡ୍‌ନୀରେ ପଥର ହେବାର ଆଶଙ୍କା ଥାଏ।

**ଓଜନ ହିସାବରେ ପ୍ରୋଟିନ୍ ନିଅନ୍ତୁ-** ଆବଶ୍ୟକତାଠୁ ଅଧିକ ପ୍ରୋଟିନ୍ ସେବନ କରିବା ଦ୍ୱାରା ଏହା ଅନେକ ସମସ୍ୟାକୁ ଜନ୍ମ ଦେଇଥାଏ। ନିଜ ଓଜନ ଓ ଶାରୀରିକ ପରିଶ୍ରମ ଅନୁସାରେ ଜଣେ ପ୍ରୋଟିନ୍ ନେବା ଉଚିତ୍।

**ଉତ୍ତମ ପ୍ରୋଟିନ୍-** ଶରୀର ପାଇଁ ଅନେକ ପ୍ରୋଟିନ୍ ଅଛି। କିନ୍ତୁ ସର୍ବଦା ଉତ୍ତମ ପ୍ରୋଟିନ୍ ନେବା ଆବଶ୍ୟକ। ଯଥା-ସୋୟାବିନ୍, ଦହି, ପନୀର୍ ଓ କ୍ୟାଲ୍‌ସିୟମ୍ ।



# ଚା'କଫି ପିଉଥିଲେ.....



ଚା' କଫି ପିଇବା ଅଧିକାଂଶ ଲୋକଙ୍କ ଅଭ୍ୟାସ । ଏହାକୁ ଠିକ୍ ସମୟରେ ନ ପିଇଲେ ଶରୀର ମାନ୍ଦା ଲାଗିଥାଏ । ପୁନଶ୍ଚ ପରିମାଣ ଅଧିକ ହେଲେ ସ୍ୱାସ୍ଥ୍ୟ ଉପରେ ଏହା ଖରାପ ପ୍ରଭାବ ପକାଇଥାଏ । ଚା'ରେ ପିଏଚ୍ ଭ୍ୟାଲ୍ୟୁ ୬ ଓ କଫିରେ ପିଏଚ୍ ଭ୍ୟାଲ୍ୟୁ ୫ ଥାଏ । ଚା' ଓ କଫି ପିଇବା ଦ୍ୱାରା ଏସିଡିଟି ବଢ଼ିଥାଏ ଏବଂ କର୍କଟ ରୋଗ ଓ ପେଟରେ ଅଲ୍‌ସର ହୋଇଥାଏ । ତେବେ ଏହା ପିଇବା ପୂର୍ବରୁ ପାଣି ପିଇଲେ ଶରୀରରେ ହେଉଥିବା କ୍ଷତି ମଧ୍ୟ ଦୂର ହୋଇଥାଏ । ପାଣି ଶରୀର ପାଇଁ ଅନେକ ଲାଭଦାୟକ ହୋଇଥାଏ ।

# ଚ଼ହଲଙ୍କୁ ବାଲକୋନିରେ ଝୁଲାଇଥିବା ଖେଳାଳିଙ୍କୁ ଆଜୀବନ ବାସନ୍ଦ କରିବାକୁ ଶାସ୍ତ୍ରୀଙ୍କ ଆହ୍ୱାନ



ନୂଆଦିଲ୍ଲୀ: ଭାରତ ତଥା ରାଜସ୍ଥାନ ରୟାଲ୍ସ ସ୍ପିନର ଯୁଝବେନ୍ଦ୍ର ଚ଼ହଲଙ୍କୁ ବେଙ୍ଗାଲୁରୁର ଏକ ହୋଟେଲର ୧୫ ମହଲା ବାଲକୋନିରୁ ଝୁଲାଇଥିବା ଉଦ୍ଧତ ଖେଳାଳିଙ୍କୁ ତୁରନ୍ତ ଆଜୀବନ ବାସନ୍ଦ କରିବାକୁ ଭାରତୀୟ କ୍ରିକେଟ୍ ଦଳର ପୂର୍ବତନ ପ୍ରଶିକ୍ଷକ ରବି ଶାସ୍ତ୍ରୀ ଆହ୍ୱାନ କରିଛନ୍ତି। ଶୁକ୍ରବାର ଚ଼ହଲ ଏହି ଘଟଣା ଉପରୁ ପରଦା ଉଠାଇବା ପରେ ପୂରା କ୍ରିକେଟ୍ ଦୁନିଆରେ ବି ଝଡ ସୃଷ୍ଟି ହୋଇଛି। ଚ଼ହଲ ୨୦୧୩ ମସିହାରେ ମୁମ୍ବାଇ ଇଣ୍ଡିଆନ୍ସ ପକ୍ଷରୁ ଖେଳୁଥିଲା ବେଳେ ତାଙ୍କ ସହ ଏହି ଲୋମଟାଙ୍କୁରା ଘଟଣା ଘଟିଥିବାରୁ ତୁରନ୍ତ ସଂପୃକ୍ତ ଖେଳାଳିଙ୍କୁ ଠାବ କରି ତାଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମଧ ଶାସ୍ତ୍ରୀଙ୍କ ସହ ବହୁ ପୂର୍ବତନ କ୍ରିକେଟର୍ ଉଭୟ ବିସିସିଆଇ ଏବଂ ମୁମ୍ବାଇ ଇଣ୍ଡିଆନ୍ସକୁ ଦାବି କରିଛନ୍ତି। ଏହି ଅଭିଯାନର ନେତୃତ୍ୱ ନେଇ ଶାସ୍ତ୍ରୀ କହିଛନ୍ତି ଯେ ଏହା ଏକ ଛୋଟ କଥା ନୁହେଁ। ମୁଁ ଜାଣିନି କିଏ ସେହି ଖେଳାଳି। ସମ୍ଭବତଃ ସେତେବେଳେ ତାଙ୍କ ମତିଭ୍ରମ ହୋଇଯାଇଥିଲା। ଯଦି ଏଭଳି ହୋଇଥାଏ, ତାହେଲେ ଏହା ନିଶ୍ଚିତ ଭାବେ ବଡ ଚ଼ିନ୍ତାର କାରଣ। ଏଠି ଆମେ ଜଣକ ଜୀବନ କଥା ହେଉଛେ। ସେହି ସମୟରେ ଚ଼ହଲଙ୍କ ଜୀବନ ବି ବିପଦରେ ଥିଲା। କିଛି ଲୋକଙ୍କ ପାଇଁ ଏହା ଥଟ୍ଟା ମଜାର ବିଷୟ ହୋଇପାରେ। ହେଲେ ମୋ ପାଇଁ ଆଦୌ ନୁହେଁ। ସ୍ପିନର ରବିଚ଼ନ୍ଦ୍ରନ୍ ଅଶ୍ୱିନ ମଧ ଭିଡିଓ ଜାରି କରି ଏହି ମାମଲା ନେଇ ଘୋର ଚ଼ିନ୍ତା ପ୍ରକଟ କରିଛନ୍ତି। ଅଭିଯୁକ୍ତ ଖେଳାଳିଙ୍କୁ ଆଜୀବନ ବାସନ୍ଦ କରିବା ସହ ତାଙ୍କୁ ତୁରନ୍ତ ଏକ ଥଇଥାନ କେନ୍ଦ୍ରକୁ ପଠାଇ ଦେବାକୁ ଦାବି କରିଛନ୍ତି ସେ।

# ଆଇଟା ମାନ୍ୟତା: ଆହାନ ଦେଶର ଏକ ନମ୍ବର, ଅଭିସ୍ପାଙ୍କୁ ସିଏସ୍ ଦ୍ୱିମୁକୁଟ



ଭୁବନେଶ୍ୱର,(ସଂଦେଶ ବ୍ୟୁରୋ): ଓଡିଆ ଝିଅ ଆହାନ ଦେଶର ଏକ ନମ୍ବର ଟେନିସ୍ ଖେଳାଳି ହୋଇଛନ୍ତି। ମାର୍ଚ୍ଚ ୨୮ ତାରିଖରେ ପ୍ରକାଶିତ ସର୍ବଭାରତୀୟ ଟେନିସ୍ ସଂଘ (ଆଇଟା)ର ମାନ୍ୟତା ତାଲିକାରେ ଆହାନ ୧୨ ବର୍ଷରୁ କମ୍ ବାଳିକା ବର୍ଗରେ ୩୨୫ ପଏଣ୍ଟ ସହ ଶୀର୍ଷରେ ରହିଛନ୍ତି। ହରିୟାଣାର ଆନନ୍ଦିତା ଉପାଧ୍ୟାୟ ୨୯୫ ପଏଣ୍ଟ ସହ ଦ୍ୱିତୀୟ ଏବଂ ତାଙ୍କ ରାଜ୍ୟ ସାଥି ପ୍ରାଚ଼ୀ ମଲ୍ଲିକ (୨୫୯) ତୃତୀୟ ସ୍ଥାନରେ ରହିଛନ୍ତି। ସୂଚ଼ନାଯୋଗ୍ୟ, ଗତ ମାସରେ ହରିୟାଣାର କର୍ଣ୍ଣଲଠାରେ ଉଦ୍ଯାପିତ ଆଇଟା ସୁପର୍ ସିରିଜ୍‌ରେ ୩ଟି ଫାଇନାଲ୍ ଖେଳି ଦୁଇଟିରେ ବିଜୟିନୀ ହୋଇଥିଲେ ଆହାନ। ୧୨ ବର୍ଷରୁ କମ୍ ବାଳିକା ଏକକ ଫାଇନାଲ୍‌ରେ ଆହାନ ୪-୬, ୬-୨, ୬-୧ରେ ହରିୟାଣାର ଆନନ୍ଦିତା ଉପାଧ୍ୟାୟଙ୍କୁ ପରାସ୍ତ କରିଥିବା ବେଳେ ୧୪ ବର୍ଷରୁ କମ୍ ବାଳିକା ଏକକ ଫାଇନାଲ୍‌ରେ ଅନ୍ୟତମ ହରିୟାଣା ଖେଳାଳି ପ୍ରାଚ଼ୀ ମଲ୍ଲିକଙ୍କୁ ୨-୬, ୬-୨, ୬-୦ରେ ପରାସ୍ତ କରିଥିଲେ। ଫଳରେ ଏକ ନମ୍ବର ସ୍ଥାନ ଏକ ପ୍ରକାର ପକ୍କା କରିଥିଲେ। ପ୍ରତିଯୋଗିତା ପୂର୍ବରୁ ସେ ୨ ନମ୍ବର ସ୍ଥାନରେ ଥିଲେ। ଆହାନଙ୍କ ସଫଳତା ପାଇଁ ନହରକଣ୍ଟାସ୍ଥିତ ଏସ୍ ବେସ୍ ଟେନିସ୍ ଏକାଡେମିର ପ୍ରଶିକ୍ଷକ ଅଜୟ ନିଶଙ୍କ ଗୌରବାନ୍ୱିତ ମନେ କରିବା ସହ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଅଜୟଙ୍କ ଅନ୍ୟତମ ଛାତ୍ର ମହେଶ ମହାପାତ୍ର ପ୍ରାୟ ୧୦ ବର୍ଷ ତଳେ ମଧ ୧୨ ବର୍ଷରୁ କମ୍ ବାଳକ ବର୍ଗରେ ଦେଶର ଏକ ନମ୍ବର ସ୍ଥାନ ଦଖଲ କରିଥିଲେ।

# ରଷଭ ପନ୍ତଙ୍କୁ ୧୨ ଲକ୍ଷ ଜରିମାନା



ମୁମ୍ବାଇ: ଦିଲ୍ଲୀ କ୍ୟାପିଟାଲ୍‌ସ ଅଧିନାୟକ ରଷଭ ପନ୍ତଙ୍କ ପାଇଁ ବେଳା ଭଲ ଚ଼ାଲୁ ନାହିଁ। ଗତ ଦୁଇ ଋତୁରେ ଚ଼ମତ୍କାର ଖେଳିଥିବା ଏହି ଦଳ ଏଥର ପ୍ରଥମ ୩ ମ୍ୟାଚ଼୍‌ରୁ ୨ଟି ହାରିଯାଇଛି। ବ୍ୟକ୍ତିଗତ ଭାବେ ପନ୍ତଙ୍କ ବ୍ୟାଟ୍ ମଧ ଭଲ ଚ଼ାଲୁନାହିଁ। ବେଡି ଉପରେ କୋରଡା ମାଡ ଭଳି ଗୁରୁବାର ରାତିରେ ପନ୍ତଙ୍କ ଉପରେ ୧୨ ଲକ୍ଷ ଟଙ୍କା ଜରିମାନା କରାଯାଇଛି। ଗୁରୁବାର ରାତିରେ ଡିୱାଇ ପାଟିଲ୍ ଷ୍ଟାଡିୟମ୍‌ରେ ଖେଳାଯାଇଥିବା ଲକ୍ଷ୍ନୌ ସୁପର୍ ଜିଆଣ୍ଟ୍ସ ବିପକ୍ଷ ମ୍ୟାଚ଼୍‌ରେ ଦିଲ୍ଲୀ କ୍ୟାପିଟାଲ୍ସ ମନ୍ଥର ବୋଲିଂ କରିଥିବାରୁ ଅଧିନାୟକ ପନ୍ତଙ୍କ ଉପରେ ଏଭଳି ଦଣ୍ଡ ଲାଗୁ କରାଯାଇଛି। ଦିଲ୍ଲୀ ପ୍ରଥମ ଥର ଏଭଳି ଦଣ୍ଡର ଶିକାର ହୋଇଥିବାରୁ ସର୍ବନିମ୍ନ ୧୨ ଲକ୍ଷ ଟଙ୍କା ଲାଗୁ କରାଯାଇଥିବା ବିସିସିଆଇ ପକ୍ଷରୁ ଏକ ପ୍ରେସ୍ ବିଜ୍ଞପ୍ତିରେ ଉଲ୍ଲେଖ କରାଯାଇଛି। ଏହି ମ୍ୟାଚ଼୍‌ରେ କ୍ୱିଣ୍ଟନ୍ ଡି'କକ୍‌ଙ୍କ ଆକର୍ଷଣୀୟ ୮୦ ଏବଂ ଆୟୁଷ ବଦୋନୀଙ୍କ ୩ ବଲ୍ ୧୦ ରନ୍ ବଳରେ ଲକ୍ଷ୍ନୌ ୬ ୱିକେଟ୍‌ରେ ବିଜୟୀ ହୋଇଥିଲା। ମ୍ୟାଚ୍ ପରେ ପନ୍ତ କହିଥିଲେ, "ଆମେ ବ୍ୟାଟିଂ ବେଳେ ୧୦-୧୫ ରନ୍ କମ୍ କରିଥିଲୁ, ତଥାପି ଶେଷ ଓଭର ପର୍ଯ୍ୟନ୍ତ ଲଢ଼ିଥିଲୁ"।

# ପିସିବି ଅଧକ୍ଷ ପଦରୁ ଇସ୍ତଫା ଦେବେ ରମିଜ୍

ଲାହୋର: ପାକିସ୍ତାନ ପ୍ରଧାନମନ୍ତ୍ରୀ ତଥା ପୂର୍ବତନ ଅଧିନାୟକ ଇମ୍ରାନ ଖାନ୍ ଅନାସ୍ଥା ପ୍ରସ୍ତାବରେ ହାରି ପ୍ରଧାନମନ୍ତ୍ରୀ ପଦ ହରାଇବା ପରେ ପାକିସ୍ତାନ କ୍ରିକେଟ୍ ବୋର୍ଡ (ପିସିବି) ଅଧକ୍ଷ ତଥା ପୂର୍ବତନ ପାକିସ୍ତାନୀ କ୍ରିକେଟର୍ ରମିଜ୍ ରାଜାଙ୍କ ଆସନ ଟଳମଳ ହେବା ଆରମ୍ଭ କରିଛି। ରମିଜ୍‌ଙ୍କୁ ଇମ୍ରାନ ହିଁ ପିସିବି ଅଧକ୍ଷ ଭାବେ ନିଯୁକ୍ତ କରିଥିବାରୁ ବିରୋଧୀ ଦଳ ଦ୍ୱାରା ଲୋକହସା ହେବା ପୂର୍ବରୁ ରମିଜ୍ ନିଜ ପଦ ଛାଡିବାକୁ ଚ଼ିନ୍ତା କରୁଥିବା ଜଣାପଡିଛି। ଇମ୍ରାନ ପ୍ରଧାନମନ୍ତ୍ରୀ ଥିବା ଯାଏଁ ହିଁ ସେ ପିସିବି ଅଧକ୍ଷ ପଦରେ ରହିବେ ବୋଲି ପୂର୍ବରୁ ଘୋଷଣା କରିସାରିଛନ୍ତି ରମିଜ୍।

# ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ସାଂସ୍କୃତିକ ଓ କ୍ରୀଡା ସଂସଦ ଦ୍ୱାରା ଆୟୋଜିତ ଆନ୍ତର୍ବିଭାଗୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ-୨୦୨୨ ଉଦଯାପିତ




ଭୁବନେଶ୍ୱର,(ସଂଦେଶ ବ୍ୟୁରୋ):ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ସାଂସ୍କୃତିକ ଓ କ୍ରୀଡା ସଂସଦ ଦ୍ୱାରା ଲୋକସେବା ଭବନ ପରିସରରେ ତା ୦୪.୦୩.୨୦୨୨ରିଖରୁ ଆରମ୍ଭ ହୋଇଥିବା ଆନ୍ତର୍ବିଭାଗୀୟ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ -୨୦୨୨ ଗତ ୨୯ ତାରିଖ ଦିନ ଉଦଯାପିତ ହୋଇଅଛି । ଏଥିରେ ୩୭ ଟି ବିଭାଗର ୩୮ ଟି ଦଳ ସହିତ ୨ଟି ମହିଳା ଦଳ, ସଚ଼ିବାଳୟରେ କାର୍ଯ୍ୟରତ ପୋଲିସ କର୍ମଚ଼ାରୀମାନଙ୍କର ୨ ଟି ଦଳ ଏବଂ ଆଇ.ଟି. କର୍ମଚ଼ାରୀମାନଙ୍କରଗୋଟିଏ ଦଳ ଅଂଶଗ୍ରହଣ କରିଥିଲେ । ବିଭିନ୍ନ ବିଭାଗର ଦଳମାନଙ୍କ ମଧ୍ୟରୁ ଅର୍ଥ ଏବଂ ସୂଚ଼ନା ଓ ଲୋକସମ୍ପର୍କ ବିଭାଗ ଫାଇନାଲ ପର୍ଯ୍ୟାୟକୁ ଉତ୍ତୀର୍ଣ୍ଣ ହୋଇଥିଲେ । ତା ୨୯.୦୩.୨୦୨୨ରିଖରେ ଏହି ଦୁଇଦଳ ମଧ୍ୟରେ ହୋଇଥିବା ଦଶ ଓଭର ବିଶିଷ୍ଟ ଫାଇନାଲ ମ୍ୟାଚ଼୍‌ରେ,ଲୋକସମ୍ପର୍କ ବିଭାଗ ପ୍ରଥମେ ବ୍ୟାଟିଂକରି ୧୧୨ ରନ ସଂଗ୍ରହ କରିଥିଲା । ୧୧୩ ରନର ବିଜୟ ଲକ୍ଷ ନେଇ ଅର୍ଥ ବିଭାଗ ଦୁଇଟି ବଲ ବାକିଥାଇ ବିନା କୌଣସି ୱିକେଟ ବିନିମୟରେ ଏହି ରନ ସଂଗ୍ରହ କରି ବିଜୟୀ ହୋଇଥିଲା ।

ଉକ୍ତ ଉଦଯାପନୀ ଉତ୍ସବରେ ମାହାଲ ନିର୍ଦ୍ଦେଶକ ଶ୍ରୀ ସୁଶାନ୍ତ କୁମାର ମହାନ୍ତି,(ଭା.ପ୍ର.ସେ.) ମୁଖ୍ୟ ଅତିଥିରୂପେ ଯୋଗଦେଇ ବିଜୟୀ ଦଳକୁ ଟ୍ରଫି ପ୍ରଦାନ କରିଥିଲେ । ମୁଖ୍ୟ ଶାସନ ସଚ଼ିବଙ୍କ ସ୍ୱତନ୍ତ୍ର କାର୍ଯ୍ୟରତ ଅଧିକାରୀ ଶ୍ରୀ ଦିଲ୍ଲୀପ ରାଉତରାୟ,(ଭା.ପ୍ର.ସେ) ସମ୍ମାନନୀୟ ଅତିଥିରୂପେ ଯୋଗଦେଇ ଲୋକସମ୍ପର୍କ ବିଭାଗ ଦଳକୁ ରନର୍ସ ଅପ ଟ୍ରଫି ପ୍ରଦାନ କରିଥିଲେ । ତତସହିତ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗର ଅତିରିକ୍ତ ଶାସନ ସଚ଼ିବ ଶ୍ରୀ ମାନସ ରଞ୍ଜନ ସାମଲ ଅନ୍ୟତମସମ୍ମାନନୀୟ ଅତିଥିଭାବେ ଯୋଗଦେଇ ଟୁର୍ଣ୍ଣାମେଣ୍ଟରେ ବିଜୟୀ ହୋଇଥିବା ମହିଳା କ୍ରିକେଟ ଦଳକୁ ଟ୍ରଫି ପ୍ରଦାନ କରିଥିଲେ । ପରେପରେ ସଂସଦର କାର୍ଯ୍ୟକାରୀ ସଭାପତି ଶ୍ରୀ ଶ୍ରୀକାନ୍ତ କୁମାର ମିଶ୍ର, ଉପସଭାପତି ଶ୍ରୀ ଅଶୋକ କୁମାର ମହାନ୍ତି, ସାଧାରଣ ସମ୍ପାଦକ ଶ୍ରୀ ଅମିୟକୁମାର ଦାସ, ସମୀକ୍ଷକ ଶ୍ରୀ ତ୍ରିନାଥ ପ୍ରଧାନ, ଯୁଗ୍ମ କ୍ରୀଡା ସମ୍ପାଦକ ଶ୍ରୀ ବିବେକାନନ୍ଦ ସାହୁ ଏହି ଟୁର୍ଣ୍ଣାମେଣ୍ଟରେ ଉତ୍କର୍ଷ କ୍ରୀଡାନୈପୁଣ୍ୟତା ପ୍ରଦର୍ଶନ କରିଥିବା ଖେଳାଳିମାନଙ୍କୁ ଟ୍ରଫି ପ୍ରଦାନ କରିଥିଲେ ।

ଦୀର୍ଘଦିନ ପରେ ଲୋକସେବା ଭବନରେ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ସାଂସ୍କୃତିକ ଓ କ୍ରୀଡା ସଂସଦ ଆନୁକୂଲ୍ୟରେ ଉକ୍ତ ଟୁର୍ଣ୍ଣାମେଣ୍ଟ ଆୟୋଜିତ ହୋଇଥିଲା ଯେଉଁଥିରେ ସର୍ବମୋଟ ୪୩ଟି ଦଳର ୪୩୦ ଖେଳାଳି ପ୍ରାୟ ୪୩୦୦ ଦର୍ଶକଙ୍କର ମନୋରଞ୍ଜନ କରିଥିଲେ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ମନ୍ତ୍ରିମଣ୍ଡଳ ଅଦଳବଦଳ...

ଦକ୍ଷ ନେତାମାନଙ୍କୁ ପର୍ଯ୍ୟବେକ୍ଷକ ଦାୟିତ୍ୱ ଦିଆଯିବ। ଏଥିପାଇଁ ଦଳ କିଛି ଯୁବ ମନ୍ତ୍ରୀଙ୍କୁ ମନ୍ତ୍ରିମଣ୍ଡଳରୁ ଅବ୍ୟାହତି ଦେଇପାରେ। ଏହାବାଦ୍ ଆଦୌ ଭଲ ପ୍ରଦର୍ଶନ ନଥିବା ମନ୍ତ୍ରୀମାନଙ୍କୁ ବି ବିଦା କରାଯିବ। ଯେଉଁଠି ଦଳର ସ୍ଥିତି ଅପେକ୍ଷାକୃତ ଭଲ ନାହିଁ ଉକ୍ତ ଅଞ୍ଚଳର ବିଧାୟକଙ୍କୁ ମନ୍ତ୍ରୀ ପଦ ମିଳିବ। ୨୦୧୯ ସାଧାରଣ ନିର୍ବାଚ଼ନ ପୂର୍ବରୁ ୨୦୧୭ ପଞ୍ଚାୟତ ନିର୍ବାଚ଼ନ ପରେ ପରେ ମନ୍ତ୍ରିମଣ୍ଡଳରେ ବଡଧରଣର ଅଦଳବଦଳ ହୋଇଥିଲା। ସେହି ସମାନ କୌଶଳ ଏବେ ପୁଣି ଲାଗୁ ହେବ ବୋଲି କୁହାଯାଉଛି। ୨୦୧୯ରେ ବିଜେଡିର ଏହି କୌଶଳ ସଫଳ ହୋଇଥିଲା, ଆଉ ବିଜେଡି ୧୦୦ରୁ ଅଧିକ ସିଟ୍ ଦଖଲ କରିଥିଲା। ହେଲେ ୨୦୧୯ରେ ୨୦୧୨ ଭଳି ଏକତରଫା ସାଂସଦ ସିଟ୍ ହାସଲ କରିବାରେ ବିଫଳ ହୋଇଥିବା ବିଜେଡି ଏଥର ବିଧାୟକ ସହ ଅଧିକ ସାଂସଦ ଜିତିବାକୁ ଏବେଠୁ ରଣନୀତି ପ୍ରସ୍ତୁତ କରିବାକୁ ଯାଉଛି। ଯେଉଁଥିପାଇଁ ପ୍ରତି ଜିଲ୍ଲା, ନିର୍ବାଚ଼ନମଣ୍ଡଳୀ, ସଂସଦୀୟ କ୍ଷେତ୍ରରେ ଦଳର ଦକ୍ଷ ନେତାମାନଙ୍କୁ ପର୍ଯ୍ୟବେକ୍ଷକ ଦାୟିତ୍ୱ ଦେବ ବୋଲି କୁହାଯାଉଛି।

### ଶପଥ ନେଲେ...

ତୃଣମୂଳ ସ୍ତରରେ ବି ଏମ୍ ସି ସେବା କିପରି ଅଧିକରୁ ଅଧିକ ପହଂଚି ପାରିବ ସେଥିପାଇଁ ଚେଷ୍ଟା ଅବ୍ୟାହତ ରଖିବାକୁ କହିଛନ୍ତି ଶ୍ରୀମତୀ ଦାସ। ଅନ୍ୟ ପକ୍ଷରେ ଡ଼ାଇରେକ୍ଟର ମ୍ୟୁନିପାଲ୍ ଆଡ଼୍‌ମିନିଷ୍ଟ୍ରେସନ୍ କହିଛନ୍ତି ଯେ, ଶପଥ ଗ୍ରହଣ ଏବଂ ଡ଼େପୁଟି ମେୟରଙ୍କର ନିର୍ବାଚନ ପ୍ରକ୍ରିୟା ରାଜ୍ୟ ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶ କ୍ରମେ ବିଧିବଦ୍ଧ ଭାବେ ପାଳନ କରାଯାଇଛି ଏବଂ ଏଥିରେ କୌଣସି ପ୍ରକାର ବିଶୃଙ୍ଖଳା ପରିଲକ୍ଷିତ ହୋଇନାହିଁ, ଶପଥ ଗ୍ରହଣ ଏବଂ ନିର୍ବାଚନ ପ୍ରକ୍ରିୟା ବାବଦରେ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଥିବାର ସେ ସୂଚନା ଦେଇଛନ୍ତି। ଶପଥ ପାଠ ଏବଂ ଡ଼େପୁଟି ମେୟର ନିର୍ବାଚନ ପାଇଁ ହୋଇଥିବା ଆୟୋଜନକୁ ସମୀକ୍ଷା କରିଥିଲେ କମିଶନର ଶ୍ରୀ ସିଂହ। ମାନ୍ୟବର ମନ୍ତ୍ରୀ ସାମାଜିକ ସୁରକ୍ଷା ଏବଂ ଭିନ୍ନକ୍ଷମ ସଶକ୍ତିକରଣ ତଥା ମେୟର ଏବଂ କର୍ପୋରେଟରଙ୍କୁ ସ୍ୱାଗତ ଜଣାଇଥିଲେ ଡ଼େପୁଟି କମିଶନର ମାର୍କେଟ୍ ପ୍ରମୋଦ କୁମାର ପୃଷ୍ଟି ଏବଂ ଡ଼େପୁଟି କମିଶନର ସୂଚନା ଓ ପ୍ରଯୁକ୍ତି କମଲ୍‌ଜିତ୍ ଦାସ୍। ଡ଼େପୁଟି ମେୟରଙ୍କ ନିର୍ବାଚନ ପ୍ରକ୍ରିୟାରେ ସହଯୋଗ କରିବା ପାଇଁ ଡ଼େପୁଟି କମିଶନର ସାନିଟେସନ୍ ଶୁଭେନ୍ଦୁ କୁମାର ସାହୁ ଏବଂ ଡ଼େପୁଟି କମିଶନର ପ୍ରତିଷ୍ଠାନ ଗାୟତ୍ରୀ ସାମନ୍ତରାୟ ରହିଥିଲେ। ଡ଼େପୁଟି କମିଶନର ନିର୍ବାଚନ ଶ୍ରୀମନ୍ତ ମିଶ୍ର ବୈଠକ ବିବରଣୀ ପ୍ରସ୍ତୁତ କରିଥିଲେ। ସଭାକାର୍ଯ୍ୟ ପରିଚ୍ଳଳନାରେ ଅତିରିକ୍ତ କମିଶନର ବିନୟ କୁମାର ଦାସ୍ ମୁଖ୍ୟ ସଂଯୋଜକ ଭାବେ ରହିଥିବା ବେଳେ ଅତିରିକ୍ତ କମିଶନର ଲକ୍ଷ୍ମୀକାନ୍ତ ସେଠୀ, ମୁଖ୍ୟ ବିତ ଅଧିକାରୀ ସଂଜିବ୍ କୁମାର ସିଂ ବୈଠକରେ ଉପସ୍ଥିତ ଥିଲେ ଏବଂ ଆସିଷ୍ଟାଂଟ୍ କମିଶନର ଲିଲନ୍ ପ୍ରସାଦ ସାହୁ ଗଣମାଧମ ପରିଚ୍ଳଳନା ଦାୟିତ୍ୱରେ ରହିଥିଲେ।

### ସମ୍ବିତ୍ - ପିନାକୀ ...

ଅର୍ଥାତ୍ ୧୧୩.୪୦କୋଟି ଟଙ୍କା କେନ୍ଦ୍ର ସରକାର ଦେଇଥିବା ବେଳେ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟକୁ ଉଦ୍‌ଘାଟନ ନେଇ କୌଣସି ସୂଚ଼ନା ଦିଆଯାଇନି। ଉଦ୍‌ଘାଟନ ପାଇଁ ପ୍ରଧାନମନ୍ତ୍ରୀ କି କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କୁ ଡକାହୋଇନି। ଏହାସହ ଶ୍ରୀ ପାତ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ସଚ଼ିବ ରାଜେଶ ଭୂଷଣ ଜାନୁଆରି ୬ରେ ଦେଶର ସମସ୍ତ ମୁଖ୍ୟ ଶାସନ ସଚ଼ିବଙ୍କୁ ଲେଖିଥିବା ଚ଼ିଠିକୁ ଟୁଇଟ୍ କରିଛନ୍ତି। ଯେଉଁଥିରେ ଉଲ୍ଲେଖ ଅଛି ଯେ 'ଜିଲ୍ଲାସ୍ତରୀୟ/ରେଫେରାଲ୍ ହସ୍ପିଟାଲଗୁଡିକୁ ସଂଯୋଗ କରି ନୂଆ ମେଡିକାଲ କଲେଜ ପ୍ରତିଷ୍ଠା କରିବା' ଯୋଜନାରେ ସାରା ଦେଶରେ ୧୫୭ଟି ମେଡିକାଲ କଲେଜ ନିର୍ମାଣ ହେଉଛି। ଏହା କେନ୍ଦ୍ରୀୟ ଯୋଜନା ହୋଇଥିବାରୁ ମେଡିକାଲ କଲେଜଗୁଡିକର ଶିଳାନ୍ୟାସ ଓ ଉଦ୍‌ଘାଟନ ସମୟରେ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ସରକାରମାନେ ଏନେଇ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟକୁ ସୂଚ଼ନା ଦେବା ଦରକାର। କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ସୁବିଧା ଅନୁଯାୟୀ ନିର୍ଦ୍ଦିଷ୍ଟ ଦିନରେ ଶିଳାନ୍ୟାସ, ଉଦ୍‌ଘାଟନ ହେବ। ଏଥିରେ ଉଭୟ କେନ୍ଦ୍ର ରାଜ୍ୟ ସରକାରଙ୍କ ଅଧିକାରୀମାନେ ରହିବେ। ହେଲେ ଓଡିଶା ସରକାର ଏହାକୁ କାହିଁକି ମାନୁନାହାନ୍ତି ବୋଲି ଶ୍ରୀ ପାତ୍ର ପ୍ରଶ୍ନ କରିଛନ୍ତି। ସେହିପରି ଓଡିଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶ୍ରେୟ ଯୁଦ୍ଧକୁ ନଯାଇ ପୁରୀସ୍ଥିତ ମେଡିକାଲ କଲେଜ୍ ଉଦ୍‌ଘାଟନ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ସୌଜନ୍ୟମୂଳକ ଭାବେ ଆମନ୍ତ୍ରଣ କରିବା କଥା ବୋଲି ସେ କହିଛନ୍ତି।

ସମ୍ବିତ୍ ପାତ୍ରଙ୍କ ଟୁଇଟ୍ ଉପରେ ବିଜେଡି ସାଂସଦ ପିନାକୀ ମିଶ୍ର ଟୁଇଟ୍ କରି କହିଛନ୍ତି ଯେ ପୁରୀ ମେଡିକାଲ କଲେଜ ଓ ହସ୍ପିଟାଲ ପାଇଁ ମୋଟ୍ ୬୩୪କୋଟି ଖର୍ଚ୍ଚ ହେବ। ଏଥିରୁ ୧୭.୮% ଅର୍ଥାତ୍ ୧୧୩କୋଟି କେନ୍ଦ୍ର ସରକାର ଦେଇଛନ୍ତି। ବର୍ଷକୁ ପ୍ରାୟ ୪୦ କୋଟି ଖର୍ଚ୍ଚ ହେବ। ଯାହା ରାଜ୍ୟ ସରକାର ବହନ କରିବେ। ରାଜ୍ୟର ହିତ ପାଇଁ ଯେଉଁ ସହାୟତା ଦିଆଯାଉଛି ସେଥିପାଇଁ ଆମେ କୃତଜ୍ଞ। ଧାର୍ଯ୍ୟ ପ୍ରୋଟୋକଲ୍ ଅନୁଯାୟୀ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କୁ ମେଡିକାଲ୍ କଲେଜର ଉଦ୍‌ଘାଟନୀ କାର୍ଯ୍ୟକ୍ରମ ପାଇଁ ନିମନ୍ତ୍ରଣ କରାଯାଇଛି। ବିଜେଡି ଉପସଭାପତି ଦେବୀ ପ୍ରସାଦ ମିଶ୍ର କହିଛନ୍ତି ଯେ ବିଜେଡି କେବେ ଶ୍ରେୟ ରାଜନୀତିରେ ବିଶ୍ୱାସ କରେ ନାହିଁ। ସାରା ଭାରତବର୍ଷ ଜାଣିଛି ନବୀନ ବାବୁ ନିଜ ଢୋଲକୁ ନିଜେ ପିଟିବାକୁ ବିଶ୍ୱାସ କରନ୍ତି ନାହିଁ। ଠିକଣା ଭାବେ ଯଦି ଓଡିଶାର ଅଭିବୃଦ୍ଧି ହେଉଛି, ତାହା ହେଉଛି ଆମ ପ୍ରାଥମିକତା।

### ମାହାଙ୍ଗାରେ ବିଭିନ୍ନ...

ଶୁଭ ଶିଳାନ୍ୟାସ କରିଥିଲେ । ଏହି କାର୍ଯ୍ୟକ୍ରମରେ ବ୍ଲକ ଚେୟାରମ୍ୟାନ୍ ଦୀପା ମଲ୍ଲିକ, ଉପାଧ୍ୟକ୍ଷା ସତ୍ୟନାରାୟଣ ମହାନ୍ତି, ଜିଲ୍ଲାପରିଷଦ ସଭ୍ୟା ସୁସ୍ମିତା ଦାସ, ସରପଞ୍ଚ ସୁଜାତା ମଲ୍ଲିକ, ସମିତିସଭ୍ୟା ରେବତୀ ସେଠୀ, ସିଡିପିଓ ପ୍ରମୋଦିନୀ ଦାଶ, ବ୍ଲକ ଏସ୍.ଏଚ୍.ଜି. ଫେଡେରେସନ ସଂପାଦକ ସୁସ୍ମିତା ମହାନ୍ତି, ହୃଷିକେଶ ସ୍ୱାଇଁ ଶରତ ମହାପାତ୍ର ଓ ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ ଓ ବହୁ ବିଜେଡି କର୍ମୀ ଯୋଗଦେଇଥିଲେ ।

## ସିନେମା

ଓଡ଼ିଶା ସଁନ୍ଦେଶ

# ଦର୍ଶକଙ୍କ ପ୍ରଥମ ପସନ୍ଦ 'ସର୍ବଜୀତା ଅନୁ'



ଭୁବନେଶ୍ୱର ,(ସଂଦେଶ ବ୍ୟୁରୋ): ଓଡିଆ ଦର୍ଶକଙ୍କ ମନ କିଣୁଛି 'ସର୍ବଜୀତା ଅନୁ' । ଜୀ ସାର୍ଥକ ଚ୍ୟାନେଲରେ ପ୍ରସାରିତ ଏହି ନୂଆ ମେଗା ଧାରାବାହିକ ମାତ୍ର ୧୫ ଏପିସୋଡରେ ସର୍ବାଧିକ ଜନାଦୃତି ହାସଲ କରିଛି । ମାର୍ଚ୍ଚ ୧୪ ତାରିଖରୁ 'ସର୍ବଜୀତା ଅନୁ'ର ପ୍ରସାରଣ ଆରମ୍ଭ ହୋଇଥିବା ବେଳେ ମାତ୍ର କମ୍ ଦିନ ମଧରେ ଦର୍ଶକଙ୍କ ପ୍ରଥମ ପସନ୍ଦ ପାଲଟିଛି ଏହି ମେଗା ଧାରାବାହିକ । ସୋମବାର ରୁ ଶନିବାର ରାତି ୮ଟାରେ ଜୀ ସାର୍ଥକରେ ମେଗା ଧାରାବାହିକ 'ସର୍ବଜୀତା ଅନୁ' ପ୍ରସାରିତ ହେଉଛି । ମାତ୍ର କମ୍ ଦିନରେ ଦର୍ଶକଙ୍କ ଆଦୃତି ଲାଭ କରିଥିବା 'ସର୍ବଜୀତା ଅନୁ' କୁ ଦର୍ଶକ ଆଗକୁ ଆହୁରି ଭଲପାଇବା ଦେବେ ବୋଲି ପ୍ରଯୋଜନା ସଂସ୍ଥା ଆଶା ରଖିଛି ।

# ଆସନ୍ତା ୧୪ରେ ବିବାହ ବନ୍ଧନରେ ବାନ୍ଧି ହେବେ



ମୁମ୍ବାଇ: ଗତ କିଛି ଦିନ ହେବ ବଲିଉଡ ଅଭିନେତ୍ରୀ ଆଲିଆ ଭଟ୍ଟ ଓ ଅଭିନେତା ରଣବୀର କପୁରଙ୍କ ବିବାହକୁ ନେଇ ଚ଼ର୍ଚ୍ଚା ଲାଗି ରହିଛି। ଦୁହେଁ ଚ଼ଳିତ ମାସର କେଉଁ ତାରିଖରେ ବିବାହ ବନ୍ଧନରେ ବାନ୍ଧି ହେବେ, ସେ ନେଇ ଭିନ୍ନ ଭିନ୍ନ ତାରିଖ ସାମ୍ନାକୁ ଆସିଥିବା ବେଳେ ଏବେ ଆଲିଆଙ୍କ ବାପା ତଥା ପ୍ରଯୋଜକ-ନିର୍ଦ୍ଦେଶକ ମହେଶ ଭଟ୍ଟଙ୍କ ଭାଇ ରବିନ ଭଟ୍ଟ ପ୍ରକୃତ ତାରିଖ ଜଣାଇଛନ୍ତି। ପୂର୍ବରୁ ଦୁହେଁ ଏପ୍ରିଲ ୧୭ରେ ବିବାହ ବନ୍ଧରେ ବାନ୍ଧି ହେବେ ବୋଲି କୁହାଯାଉଥିବା ବେଳେ ଏବେ ରବିନ ଭଟ୍ଟ କହିଛନ୍ତି ଯେ, ଦୁହେଁ ଏପ୍ରିଲ ୧୪ରେ ବିବାହ ବନ୍ଧନରେ ବାନ୍ଧି ହେବେ ଓ ୧୩ରେ ମେହେନ୍ଦୀ କାର୍ଯ୍ୟକ୍ରମ ହେବ। ଏହା ସହ ଦୁହିଁଙ୍କ ପରିବାର ବିବାହ ପାଇଁ ଉପଯୁକ୍ତ ସ୍ଥାନ ବାଛୁଥିବା ବେଳେ ଏବେ ରଣବୀରଙ୍କ ବାନ୍ଦ୍ରାସ୍ଥିତ ଘର 'ବାସ୍ତୁ'ରେ ବିବାହ କରିବା ପାଇଁ ଉଭୟ ପକ୍ଷ ରାଜି ହୋଇଛନ୍ତି। ସବୁ କାର୍ଯ୍ୟକ୍ରମ 'ବାସ୍ତୁ'ରେ ହେବ।

# ଲିଙ୍ଗରାଜ ଷ୍ଟେସନର ଉନ୍ନତିକରଣ ପାଇଁ ରେଳମନ୍ତ୍ରୀଙ୍କୁ ଭେଟିଲେ ସାଂସଦ ଅପରାଜିତା



ଭୁବନେଶ୍ୱର,(ସଂଦେଶ ବ୍ୟୁରୋ): ଭୁବନେଶ୍ୱର ସ୍ଥିତ ଲିଙ୍ଗରାଜ ପାସେଂଜର ହଲ୍ଟକୁ ରେଲୱେ ଷ୍ଟେସନ୍ ଭାବେ ବିକଶିତ କରାଯିବ। ସେହିପରି ଭୁବନେଶ୍ୱର ରେଳ ଷ୍ଟେସନର ପୁର୍ନବିକାଶ କରାଯିବା ସହ ସୌନ୍ଦର୍ଯ୍ୟକରଣ କରାଯିବ। ଖୁବ୍ ଶୀଘ୍ର ଏହି କାର୍ଯ୍ୟ ଆରମ୍ଭ ହେବ। ଏଥିପାଇଁ କେନ୍ଦ୍ର ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ମଂଜୁରୀ ଦେଇଥିବା ଭୁବନେଶ୍ୱର ସାଂସଦ ଅପରାଜିତା ଷଡଙ୍ଗୀ ଟୁଇଟ୍ କରି ସୂଚନା ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ ସାଂସଦ ଶ୍ରୀମତୀ ଷଡଙ୍ଗୀ କେନ୍ଦ୍ର ରେଳମନ୍ତ୍ରୀଙ୍କୁ ସାକ୍ଷାତ କରି ଆଲୋଚନା କରିଥଲେ। ସାକ୍ଷାତ ଆଲୋଚନା ପରେ ସେ କହିଛନ୍ତି ଯେ ଏହା ତାଙ୍କର ଦୀର୍ଘ ଦିନର ସ୍ୱପ୍ନ ଥିଲା। ଏଥିନେଇ ସେ କେନ୍ଦ୍ର ରେଳମନ୍ତ୍ରୀଙ୍କୁ ଚିଠି ଲେଖିଥିଲେ। ଆଜି ଏହାକୁ ମଂଜୁରୀ ଦେଇଥିବାରୁ ରେଳମନ୍ତ୍ରୀଙ୍କୁ ଧନ୍ୟବାଦ ଦେଇଛନ୍ତି ସାଂସଦ ଅପରାଜିତା ଷଡଙ୍ଗୀ।

## ଜଳସଂପଦ ବିଭାଗର ପ୍ରାକ୍ ବନ୍ୟା ପ୍ରସ୍ତୁତି ବୈଠକ

# କ୍ଷେତ୍ରସ୍ତରୀୟ ଯନ୍ତ୍ରୀମାନଙ୍କୁ ନଦୀବନ୍ଧ ସ୍ଥିତି ଯାଞ୍ଚ କରିବାକୁ ନିର୍ଦ୍ଦେଶ ଦେଲେ ବିଭାଗୀୟ ସଚିବ



ଭୁବନେଶ୍ୱର,(ସଂଦେଶ ବ୍ୟୁରୋ): ଆଗାମୀ ବର୍ଷାଋତୁକୁ ଦୃଷ୍ଟିରେ ରଖି ରାଜ୍ୟ ଜଳସମ୍ପଦ ବିଭାଗ ତରଫରୁ ବନ୍ୟା ପ୍ରସ୍ତୁତି ପ୍ରାରମ୍ଭିକ ପର୍ଯ୍ୟାୟ ବୈଠକ ଅତିରିକ୍ତ ମୁଖ୍ୟ ଶାସନ ସଚିବ,ରାଜ୍ୟ ଜଳ ସଂପଦ ବିଭାଗ ସଚିବ ଶ୍ରୀମତୀ ଅନୁଗର୍ଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଜଳ ସଂପଦ ବିଭାଗରେ ଅନୁଷ୍ଠିତ ଏହି ବୈଠକରେ ଆଗାମୀ ବର୍ଷା ଋତୁରେ ଲଗାଣ ମୌସୁମୀ ବର୍ଷା, ସମ୍ଭାବ୍ୟ ଲଘୁଚାପ ଏବଂ ବାତ୍ୟା ଜନିତ ବର୍ଷା ଆଦିକୁ ଦୃଷ୍ଟିରେ ରଖି ଏଥିପାଇଁ ଏବେଠାରୁ ପ୍ରସ୍ତୁତି ନେଇ ବୈଠକରେ ଗୁରୁତ୍ୱାରୋପ କରାଯିବା ସହିତ ବିଭିନ୍ନ ନଦୀ ବନ୍ଧ ଓ ଜଳ ଭଣ୍ଡାରଗୁଡିକର ସ୍ଥିତି, ନଦୀବନ୍ଧର ସୁରକ୍ଷା ସମ୍ପର୍କରେ ଆଲୋଚନା କରାଯାଇଥିଲା । ଚଳିତ ଅପ୍ରେଲ ୧୬ ରୁ ୨୬ ତାରିଖ ମଧ୍ୟରେ ବିଭାଗର ସମସ୍ତ କ୍ଷେତ୍ର ସ୍ତରୀୟସ୍ତରୀୟ କନିଷ୍ଠ ଯନ୍ତ୍ରୀ, ସହକାରୀ ଯନ୍ତ୍ରୀ, ସହକାରୀ ନିର୍ବାହୀ ଯନ୍ତ୍ରୀ ଓ ଅଧିକ୍ଷଣ ଯନ୍ତ୍ରୀମାନେ ନଦୀବନ୍ଧ ଯାଂଚ୍ କରି ଦୁର୍ବଳ ନଦୀବନ୍ଧ ଚିହ୍ନଟ କରିବାକୁନିର୍ଦ୍ଦେଶ ଦିଆଯିବା ସହିତ ବନ୍ୟା ପରିସ୍ଥିତି ଉପୁଜିଲେ ସେଥିପ୍ରତି ସଜାଗ ରହି ଏହାର ପ୍ରତିବିଧାନ ପାଇଁ ତ୍ୱରିତ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଛି । ସମ୍ଭାବ୍ୟ ବନ୍ୟା ପାଇଁ ଆଗୁଆ ପ୍ରସ୍ତୁତି ରହିଲେ ବନ୍ୟାପରିସ୍ଥିତିରେ ଅଧିକ ଘାଇ ଓ ଘଳିଆ ସୃଷ୍ଟିକୁ ରୋକାଯାଇପାରିବ ବୋଲି ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଗର୍ଗ ପ୍ରକାଶ କରିଥିଲେ ।ବିଭାଗର ସ୍ୱତନ୍ତ୍ର ଶାସନ ସଚିବ, ସର୍ବୋଚ୍ଚ ଯନ୍ତ୍ରୀ, ବିଭିନ୍ନ ଡିଭିଜନର ମୁଖ୍ୟଯନ୍ତ୍ରୀ ଓ ବରିଷ୍ଠ ଅଧିକାରୀମାନେ ପ୍ରସ୍ତୁତି ସଂପର୍କରେ ତଥ୍ୟ ଉପସ୍ଥାପନ କରିବା ସହିତ ସମ୍ଭାବ୍ୟ ବନ୍ୟାରେ ନଦୀ ଓ ଜଳଭଣ୍ଡାରଗୁଡିକର ସୁପରିଚାଳନା ନେଇ ମତ ଉପସ୍ଥାପନ କରିଥିଲେ । ବିଗତ ବର୍ଷର ଅନୁଭୂତିକୁ ଆଧାର କରି ଚଳିତ ବର୍ଷ ପାଇଁ ପ୍ରସ୍ତୁତି କରିବା ପାଇଁ ଶ୍ରୀମତୀ ଗର୍ଗ ଆବଶ୍ୟକ ନିର୍ଦ୍ଦେଶ ଓ ପରାମର୍ଶ ଦେଇଥିଲେ । ରାଜ୍ୟରେ ଥିବା ୭ ଟି ବୃହତ ଓ ୪୫ ଟି ମଧ୍ୟମ ଜଳଭଣ୍ଡାର ରହିଛି । ବହୁମୁଖୀ ଜଳଭଣ୍ଡାରଗୁଡିକର ସୁପରିଚାଳନା କରିବା ପାଇଁ ଆବଶ୍ୟକୀୟ ପ୍ରସ୍ତୁତି, ସ୍ଲୁଇସ୍‌ଗେଟ୍ ଓ ଜଳ ନିଷ୍କାସନ ବ୍ୟବସ୍ଥାଗୁଡିକର ସ୍ଥିତି ଯାଂଚ୍ କରିବ ସହ ମକ୍ ଡ୍ରିଲ କରିବା, ସମସ୍ତ ଡିଭିଜନ ମାନେ ଆଗତୁରା ପ୍ରସ୍ତୁତି ରହି ବନ୍ୟା ନିୟନ୍ତ୍ରଣ ପାଇଁ ଆବଶ୍ୟକ ଉପକରଣ ମହଜୁଦ ରଖିବା, ବନ୍ୟା ସଂପର୍କରେ ପୂର୍ବାନୁମାନ ବ୍ୟବସ୍ଥାକୁ ସୁଦୃଢ କରିବା ଓ ଜନସାଧାରଣଙ୍କୁ ସୂଚନା ପ୍ରଦାନ ପାଇଁ ବନ୍ୟା ନିୟନ୍ତ୍ରଣ କକ୍ଷରେ ଆନୁଷଙ୍ଗିକବ୍ୟବସ୍ଥା କରାଯିବା ସଂପର୍କରେ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା।

# ଛାତ୍ରଛାତ୍ରୀଙ୍କ ଜ୍ଞାନର ବିକାଶ ନିମନ୍ତେ 'ମାଇଣ୍ଡ ୱାରସ୍' ଦେବ ସହାୟତା



ଭୁବନେଶ୍ୱର,(ସଂଦେଶ ବ୍ୟୁରୋ): ଓଡିଶାର ସରକାରୀ ଓ ବେସରକାରୀ ବିଦ୍ୟାଳୟ ସମେତ ପ୍ରାୟ ୬୪,୦୦୦ରୁ ଅଧିକ ବିଦ୍ୟାଳୟକୁ ପରିଚାଳନା କରୁଥିବା ରାଜ୍ୟ ଶିକ୍ଷା ବ୍ୟବସ୍ଥାର ସର୍ବୋଚ୍ଚ ସଂସ୍ଥା, ଓଡିଶା ବିଦ୍ୟାଳୟ ଶିକ୍ଷା ପ୍ରାଧିକରଣ (ଓସେପା) ଏବଂ ଆମୋଦ ପ୍ରମୋଦ ନିମନ୍ତେ ପ୍ରତିଷ୍ଠା ଲାଭ କରିଥିବା ଜିଇ ଏଣ୍ଟରଟେନ୍‌ମେଣ୍ଟ ଏଣ୍ଟରପ୍ରାଇଜେସ ଲିମିଟେଡ ଦ୍ୱାରା ବିଦ୍ୟାଳୟ ଛାତ୍ରଛାତ୍ରୀମାନଙ୍କର ଜ୍ଞାନର ବିକାଶ ନିମନ୍ତେ କାର୍ଯ୍ୟରତ ଭାରତର ଅଗ୍ରଣୀ ତଥା ସର୍ବବୃହତମ ସଂଗଠନ, 'ମାଇଣ୍ଡ ୱାରସ' ସହଯୋଗିତାରେ ଓଡିଶାର ଛାତ୍ରଛାତ୍ରୀମାନଙ୍କର ବିକାଶ ନିମନ୍ତେ ବିଭିନ୍ନ ଶିକ୍ଷା କାର୍ଯ୍ୟକ୍ରମ ପରିଚାଳନା କରିବାକୁ ନିଷ୍ପତ୍ତି ନିଆଯାଇଛି। ବର୍ତ୍ତମାନ ଭାରତର ପ୍ରାୟ ସବୁ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଂଚଳରେ ଥିବା ପ୍ରାୟ ୨୮୦୦୦ ବିଦ୍ୟାଳୟର ଦୁଇ କୋଟିରୁ ଅଧିକ ପିଲାଙ୍କ ନିକଟରେ ଏହି 'ମାଇଣ୍ଡ ୱାରସ'ର ଶିକ୍ଷା କାର୍ଯ୍ୟକ୍ରମ ପହଂଚି ପାରିଛି। ଏହି ଅଗ୍ରଣୀ ଅନୁଷ୍ଠାନ ପିଲାମାନଙ୍କ ଜ୍ଞାନର ବିକାଶ ନିମନ୍ତେ ପ୍ରାୟ ଦୁଇ ଲକ୍ଷରୁ ଅଧିକ ଶିକ୍ଷା ସାମଗ୍ରୀ ପ୍ରସ୍ତୁତ କରି ରାଜ୍ୟ ଏବଂ କେନ୍ଦ୍ରରେ ବ୍ୟାପକ ଭାବେ ବିଭିନ୍ନ ପ୍ରତିଯୋଗିତାମୂଳକ କାର୍ଯ୍ୟକ୍ରମ ଦ୍ୱାରା ଛାତ୍ରଛାତ୍ରୀମାନଙ୍କୁ ଆକୃଷ୍ଟ କରି ପାରିଛି। ଉଭୟ 'ଓସେପା' ଏବଂ 'ମାଇଣ୍ଡ ୱାରସ' ସହଭାଗିତା ଓ ସହଯୋଗିତା ଆମ ରାଜ୍ୟର ହଜାର ହଜାର ପିଲାଙ୍କ ନିମନ୍ତେ ଏକ ବୃହତ୍ ସୁନ୍ଦର ଉପାଦେୟ ଜ୍ଞାନର ଭଣ୍ଡାର ଓ ପରିବେଶ ସୃଷ୍ଟି କରିବ ଏବଂ କୁଇଜ୍ ଓ ଅନ୍ୟାନ୍ୟ ପ୍ରତିଯୋଗିତା ନିମନ୍ତେ ପିଲାମାନଙ୍କ ମନରେ ଆଗ୍ରହ ଓ ପ୍ରତିଯୋଗିତା ମନୋଭାବ ସୃଷ୍ଟି କରିପାରିବ। ଏହି କାର୍ଯ୍ୟକ୍ରମ ମାଧ୍ୟମରେ 'ମାଇଣ୍ଡ ୱାରସ' ମାଗଣାରେ ଶିକ୍ଷା ଉପକରଣ ଡାଉନଲୋଡ କରିବାର ସୁଯୋଗ ପ୍ରଦାନ ସହିତ ପିଲାମାନଙ୍କୁ ପୁରସ୍କାର, ସାର୍ଟିଫିକେଟ ପ୍ରଭୃତି ପ୍ରଦାନ କରି ରାଜ୍ୟ ସ୍ତରରୁ ଜାତୀୟ ଏଂବଂ ଆନ୍ତର୍ଜାତିକସ୍ତର ପର୍ଯ୍ୟନ୍ତ ପ୍ରତିଯୋଗିତାରେ ଭାଗ ନେବାର ସୁଯୋଗ ସୃଷ୍ଟି କରିବାର ଲକ୍ଷ୍ୟ ରଖାଯାଇଛି।

## ରାଜ୍ୟରେ ମୋଟ ୫୭ଲକ୍ଷ ୨୨ ହଜାର ୩୦୪ ମେଟ୍ରିକ୍ ଟନ୍ ଖରିଫ ଧାନ ସଂଗ୍ରହ

# ଧାନସଂଗ୍ରହରେ କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କ ଭାଗୀଦାରିତା ଉଲ୍ଲେଖନୀୟ ବୃଦ୍ଧି ପାଇଛି : ରଣେନ୍ଦ୍ର




ଭୁବନେଶ୍ୱର,(ସଂଦେଶ ବ୍ୟୁରୋ): ରାଜ୍ୟରେ ୨୦୨୨ ମାର୍ଚ୍ଚ ୩୧ ତାରିଖରେ ଖରିଫ ଧାନସଂଗ୍ରହ କାର୍ଯ୍ୟ ଶେଷ ହୋଇଥିବାବେଳେ ମୋଟ ୫୭ ଲକ୍ଷ ୨୨ ହଜାର ୩୦୪ ମେଟ୍ରିକ୍ ଟନ ଧାନସଂଗ୍ରହ କରାଯାଇଛି। ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ରାଜ୍ୟର ପଞ୍ଜୀକୃତ ଓ ଯାଂଚ ହୋଇଥିବା ଚାଷୀଙ୍କ ନିକଟରୁ ସର୍ବନିମ୍ନ ସହାୟକ ମୂଲ୍ୟ ପ୍ରଦାନ କରି ମୋଟ ୧୧ ହଜାର ୧୦୧ କୋଟି ୨୭ ଲକ୍ଷ ଟଙ୍କାର ଖରିଫ ଧାନସଂଗ୍ରହ କରାଯାଇଛି। ରାଜ୍ୟର ସମସ୍ତ ୩୦ଟି ଜିଲ୍ଲାରୁ ଧାନସଂଗ୍ରହ କରାଯାଇଥିବାବେଳେ ଯାଂଚ ହୋଇଥିବା ଚାଷୀଙ୍କ ମଧ୍ୟରୁ ମୋଟ ୧୨ ଲକ୍ଷ ୯୨ ହଜାର ୭୩୨ ଜଣ ସେମାନଙ୍କର ଖରିଫ୍ ଧାନ ବିକ୍ରୟ କରିଛନ୍ତି। ତନ୍ମଧ୍ୟରେ ୧୦ ଲକ୍ଷ ୯୨ ହଜାର କ୍ଷୁଦ୍ର ୯୨ ହଜାର ୭୩୨ ଜଣ ସେମାନଙ୍କର ଖରିଫ୍ ଧାନ ବିକ୍ରୟ କରିଛନ୍ତି। ତନ୍ମଧ୍ୟରେ ୧୦ ଲକ୍ଷ ୯୨ ହଜାର କ୍ଷୁଦ୍ର ଓ ନାମମାତ୍ର ଚାଷୀ ରହିଛନ୍ତି। ଏମାନଙ୍କ ମଧ୍ୟରେ ୪ ଲକ୍ଷ ୭୦ ହଜାର କ୍ଷୁଦ୍ର ଏବଂ ୬ ଲକ୍ଷ ୨୨ ହଜାର ନାମମାତ୍ର ଚାଷୀ ଖରିଫ ଧାନ ବିକ୍ରି କରିଛନ୍ତି। ୨୦୨୦-୨୧ ଖରିଫ୍ ଧାନସଂଗ୍ରହ ପ୍ରକ୍ରିୟାରେ ମୋଟ ୧୧ ଲକ୍ଷ ୯୧ ହଜାର ଚାଷୀ ଧାନ ବିକ୍ରି କରିଥିବାବେଳେ ୨୦୨୧-୨୨ରେ ମୋଟ ୧୨ ଲକ୍ଷ ୯୨ ହଜାର ୭୩୨ ଜଣ ଚାଷୀ ଖରିଫ୍ ଧାନ ବିକ୍ରି କରିଛନ୍ତି। ରାଜ୍ୟ ସରକାରଙ୍କ ପକ୍ଷରୁ କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କଠାରୁ ସର୍ବନିମ୍ନ ସହାୟକ ମୂଲ୍ୟରେ ଅଧିକରୁ ଅଧିକ ଧାନସଂଗ୍ରହ କରିବା ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଥିବା ପରିପ୍ରେକ୍ଷୀରେ ବିଗତ ବର୍ଷଗୁଡିକରେ କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କ ସଂଖ୍ୟା କ୍ରମାଗତ ଭାବରେ ବୃଦ୍ଧି ପାଇଛି। ୨୦୧୮-୧୯ ବର୍ଷ ଖରିଫ୍ ଧାନସଂଗ୍ରହ ତୁଳନାରେ ୨୦୧୯-୨୦, ୨୦୨୦-୨୧ ଏବଂ ୨୦୨୧-୨୨ ଖରିଫ ବର୍ଷଗୁଡିକରେ ଧାନସଂଗ୍ରହରେ କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କ ଭାଗୀଦାରିତାରେ ଉଲ୍ଲେଖନୀୟ ଅଭିବୃଦ୍ଧି ଘଟିଛି ବୋଲି ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ପ୍ରକାଶ କରିଛନ୍ତି। ୨୦୧୮-୧୯ ବର୍ଷ ଖରିଫ ଧାନସଂଗ୍ରହ ପ୍ରକ୍ରିୟାରେ ମୋଟ ୫ ଲକ୍ଷ ୬୦ ହଜାର କ୍ଷୁଦ୍ର ଓ ନାମମାତ୍ର ଚାଷୀ ଧାନ ବିକ୍ରି କରିଥିବାବେଳେ ୨୦୧୯-୨୦ ବର୍ଷର ଖରିଫ୍ ଧାନସଂଗ୍ରହରେ ୭ ଲକ୍ଷ ୨୨ ହଜାର କ୍ଷୁଦ୍ର ଓ ନାମମାତ୍ର ଚାଷୀ ଧାନ ବିକ୍ରି କରିଥିବାବେଳେ ୨୦୧୯-୨୦ ବର୍ଷର ଖରିଫ୍ ଧାନସଂଗ୍ରହରେ ୭ଲକ୍ଷ ୨୨ ହଜାର କ୍ଷୁଦ୍ର ଓ ନାମମାତ୍ର ଚାଷୀ, ୨୦୨୦-୨୧ ବର୍ଷର ଖରିଫ ଧାନସଂଗ୍ରହରେ ୯ ଲକ୍ଷ ୭ ହଜାର କ୍ଷୁଦ୍ର ଓ ନାମମାତ୍ର ଚାଷୀ ଧାନ ବିକ୍ରୟ କରିଥିବାବେଳେ ୨୦୨୧-୨୨ ବର୍ଷରେ ମୋଟ ୧୦ ଲକ୍ଷ ୯୨ ହଜାର କ୍ଷୁଦ୍ର ଓ ନାମମାତ୍ର ଚାଷୀ ଧାନ ବିକ୍ରୟ କରିଛନ୍ତି। ୨୦୧୮-୧୯ ବର୍ଷର ଖରିଫ୍ ଧାନ ସଂଗ୍ରହ ତୁଳନାରେ ୨୦୨୧-୨୨ ଖରିଫ୍ ଧାନସଂଗ୍ରହରେ ୯୫ ପ୍ରତିଶତ ଅଧିକ କ୍ଷୁଦ୍ର ଓ ନାମମାତ୍ର ଚାଷୀ ଧାନ ବିକ୍ରୟ କରିଛନ୍ତି ବୋଲି ଶ୍ରୀ ସ୍ୱାଇଁ କହିଛନ୍ତି।

# ଓଡ଼ିଶାରେ ନିରନ୍ତର ବିକାଶ ଲକ୍ଷ୍ୟ ପାଇଁ ୨୦୩୦ କାର୍ଯ୍ୟସୂଚୀ ପ୍ରସ୍ତୁତ କରାଯାଇଛି: ଉନ୍ନୟନ କମିଶନର




ଭୁବନେଶ୍ୱର,(ସଂଦେଶ ବ୍ୟୁରୋ):ଭୁବନେଶ୍ୱର ସ୍ଥିତ ମଧୁସୂଦନ ଦାସ ଆଞ୍ଚଳିକ ବିତ୍ତୀୟ ପରିଚାଳନା ଏକାଡେମୀ ଠାରେ ଚଳିତ ଅପ୍ରେଲ୍ ୫ ଓ ୬ ତାରିଖ ଦୁଇଦିନ ବ୍ୟାପୀ ରାଜ୍ୟ ଯୋଜନା ଓ ସଂଯୋଜନ ବିଭାଗ ପକ୍ଷରୁ ଆୟୋଜିତ 'ଓଡ଼ିଶାରେ ନିରନ୍ତର ବିକାଶ ଲକ୍ଷ୍ୟ ୨୦୩୦' କାର୍ଯ୍ୟକ୍ରମର ସଫଳ କାର୍ଯ୍ୟକାରିତା ସମ୍ବନ୍ଧିତ ପ୍ରଶିକ୍ଷଣ କର୍ମଶାଳା ଉଦ୍‌ଯାପିତ ହୋଇଯାଇଛି।

ରାଜ୍ୟ ସରକାରଙ୍କର ବିଭିନ୍ନ ବିଭାଗର ୫୧ ଜଣ ବରିଷ୍ଠ ଅଧିକାରୀଙ୍କୁ ନେଇ ଆୟୋଜିତ ଉକ୍ତ ପ୍ରଶିକ୍ଷଣ କର୍ମଶାଳାକୁ ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା ଉନ୍ନୟନ କମିଶନର୍ ଶ୍ରୀ ପ୍ରଦୀପ କୁମାର ଜେନା ଉଦ୍‌ଘାଟନ କରି କହିଥିଲେ ଯେ, ଓଡ଼ିଶାରେ ନିରନ୍ତର ବିକାଶ ଲକ୍ଷ୍ୟ ପାଇଁ ୨୦୩୦ କାର୍ଯ୍ୟସୂଚୀ (ଏଜେଣ୍ଡା) ପ୍ରସ୍ତୁତ କରାଯାଇଛି। ଏହାର କାର୍ଯ୍ୟକାରିତା ଓ ଶତପ୍ରତିଶତ ସଫଳତା ହାସଲ ଦିଗରେ ବିଭିନ୍ନ ବିଭାଗର ବ୍ୟୟ ଅଟକଳରେ ଏହାକୁ ଅନ୍ତର୍ଭୁକ୍ତ କରିବା ପାଇଁ ସମ୍ପୃକ୍ତ ବିଭାଗରେ କାର୍ଯ୍ୟରତ କାର୍ଯ୍ୟକ୍ରମ ଅଧିକାରୀମାନଙ୍କ ପ୍ରମୁଖ ଭୂମିକା ରହିଛି। ସମ୍ପୃକ୍ତ ଅଧିକାରୀମାନେ ନିଜ ବିଭାଗରେ ଏ ଦିଗରେ ତତ୍ପରତାର ସହିତ କାର୍ଯ୍ୟ କରିବା ନେଇ ସେ ଗୁରୁତ୍ୱାରୋପ କରିଛନ୍ତି। ଏହି ଏଜେଣ୍ଡାକୁ ଭିଜନ୍ ଡକ୍ୟୁମେଣ୍ଟ ଭାବେ ପ୍ରାଧାନ୍ୟ ଦେବା ସହ ଧାର୍ଯ୍ୟ ଲକ୍ଷ୍ୟ ସାଧନ ଦିଗରେ ସମସ୍ତଙ୍କ ସମ୍ମିଳିତ ପଦକ୍ଷେପ ଗ୍ରହଣ ଯଥା:- ପ୍ରଦୂଷଣ ହ୍ରାସ ସହ ଉତ୍ତରପିଢ଼ୀଙ୍କ ପାଇଁ ଏକ ସୁସ୍ଥ ବାତାବରଣ ସୃଷ୍ଟି, ଜୀବନ ଧାରଣ ମାନ ବୃଦ୍ଧି, ଅଙ୍ଗାରକାମ୍ଳ ନିର୍ଗମନ ହ୍ରାସ, ପରିବେଶ ସନ୍ତୁଳନ ରକ୍ଷା ଓ ବିଶ୍ୱତାପନ ନିୟନ୍ତ୍ରଣ ପ୍ରଚେଷ୍ଟା, ଜୈବ ବିବିଧତା ସଂରକ୍ଷଣ, ଜଳ ସଂରକ୍ଷଣ, ଜୀବନଶୈଳୀ ପରିବର୍ତ୍ତନ ଆଧାରରେ ରଣନୀତି ପ୍ରସ୍ତୁତ କରିବା ଦିଗରେ ବିଭିନ୍ନ ବିଭାଗରୁ ଯୋଗ ଦେଇଥିବା ପ୍ରଶିକ୍ଷାର୍ଥୀମାନଙ୍କୁ ପରାମର୍ଶ ଦିଆଯାଇଥିଲା। ବନ୍ୟପ୍ରାଣୀ ଓ ମାନବସମାଜ ମଧ୍ୟରେ ସନ୍ତୁଳନ ରକ୍ଷା କରାଗଲେ ପୃଥିବୀରେ ଜୀବନଧାରଣ ଶତପ୍ରତିଶତ ଉ???ମ ହେବା ସହ ଆଗାମୀ ପିଢ଼ୀଙ୍କ ପାଇଁ ମଧ ଜୀବନ ସୁଗମ ହୋଇପାରିବ ବୋଲି ଶ୍ରୀ ଜେନା ମତବ୍ୟକ୍ତ କରିଥିଲେ। ରାଜ୍ୟରେ ବିଗତ ଦିନମାନଙ୍କରେ ସଂଘଠିତ ପ୍ରାକୃତିକ ବିପର୍ଯ୍ୟୟ, ବାତ୍ୟା ଓ ଅନିୟମିତ ବର୍ଷା ଆଦି ଅନୁଶୀଳନ କରି ଏହାର ନିରାକରଣ ଦିଗରେ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ ନିମନ୍ତେ ସମସ୍ତ ବିଭାଗମାନଙ୍କ ସମ୍ମିଳିତ ସହଯୋଗ ଆବଶ୍ୟକ। ବିକାଶର ନିରନ୍ତର ପ୍ରକ୍ରିୟାରେ ରାଜ୍ୟର ସମସ୍ତ ବର୍ଗଙ୍କ ସାମଗ୍ରୀକ ବିକାଶ ସାଧନ ପାଇଁ ୨୦୩୦ ଏଜେଣ୍ଡାରେ ସୂଚୀତ ଓ ନିର୍ଦ୍ଧାରିତ ୧୭ ଟି ଉଦ୍ଦେଶ୍ୟ ଏବଂ ତତ୍ ଅନ୍ତର୍ଗତ ୧୬୯ ଟି ଲକ୍ଷ୍ୟ ହାସଲ ନିମନ୍ତେ ସମସ୍ତ ବିଭାଗର ସକ୍ରିୟ ଭୂମିକା ରହିଛି ଏବଂ ନିଜର ବ୍ୟୟ ଅଟକଳରେ ପ୍ରତ୍ୟେକ ବିଭାଗ ପକ୍ଷରୁ ତୃଣମୂଳସ୍ତରରୁ ବିକାଶ ସାଧନର ପ୍ରକ୍ରିୟା, ଗୋଷ୍ଠୀ ସଂଗଠନ ସ୍ତରରୁ ଦକ୍ଷତା ବୃଦ୍ଧି, ଜୀବନ-ଜୀବିକା ବୃଦ୍ଧି କ୍ଷେତ୍ର ଆଦିରେ ଉପାଦେୟ ଯୋଜନା ଓ ପରାମର୍ଶ ମାନ ଅନ୍ତର୍ଭୁକ୍ତ କରିବା ନିମନ୍ତେ ସେ ଗୁରୁତ୍ୱାରୋପ କରିଥିଲେ।

କର୍ମଶାଳାର ଦ୍ୱିତୀୟ ତଥା ଅନ୍ତିମ ଦିବସରେ ଯୋଜନା ଓ ସଂଯୋଜନ ବିଭାଗର ଯୁଗ୍ମ ଶାସନ ସଚିବ ତଥା ରାଜ୍ୟ ଏସ୍.ଡି.ଜି. ନୋଡାଲ୍ ଅଧିକାରୀ ଶ୍ରୀ ମନୀଷ ଅଗ୍ରୱାଲ୍, ଅର୍ଥ ବିଭାଗ ବଜେଟ୍ ନିର୍ଦ୍ଦେଶକ ଡଃ. ସତ୍ୟପ୍ରିୟ ରଥ, ରାଜ୍ୟ ଗ୍ରାମ୍ୟ ଉନ୍ନୟନ ପ୍ରତିଷ୍ଠାନର ନିର୍ଦ୍ଦେଶକ ଶ୍ରୀ ସରୋଜ କୁମାର ଦାସ ପ୍ରମୁଖ ଯୋଗଦେଇ ପ୍ରମାଣ ଆଧାରିତ ଯୋଜନା, ଏସ୍.ଡି.ଜି. ମନିଟରିଂ ଫ୍ରେମ୍‌ୱାର୍କ ଏବଂ ଏଥି ସମ୍ବନ୍ଧିତ ଡ୍ୟାସ୍‌ବୋର୍ଡ଼ କାର୍ଯ୍ୟକାରିତା ଆଦି ବିଷୟରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅର୍ଥନୀତି ଓ ପରିସଂଖ୍ୟାନ ନିର୍ଦ୍ଦେଶକ ଡଃ. ବିଜୟ ଭୂଷଣ ନନ୍ଦ, ଯୋଜନା ଓ ସଂଯୋଜନ ବିଭାଗର ଅଧିକାରୀ ଶ୍ରୀ ସୁନ୍ଦର ନାରାୟଣ ମିଶ୍ର, ଡଃ. ରମେଶ ଚେଲାନ୍ ପ୍ରମୁଖ ଏହି କର୍ମଶାଳାରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ।

# ଯୁଗଳ ଯୋଶୀ ପୂର୍ବତଟ ରେଳପଥ ରେଳବାଇ ସୁରକ୍ଷା ବଳର ନୂତନ ପ୍ରମୁଖ ନିରାପତ୍ତା ଆୟୁକ୍ତ



ଭୁବନେଶ୍ୱର,(ସଂଦେଶ ବ୍ୟୁରୋ): ପୂର୍ବତଟ ରେଳପଥର ରେଳବାଇ ସୁରକ୍ଷା ବଳ ନୂତନ ପ୍ରମୁଖ ନିରାପତ୍ତା ଆୟୁକ୍ତ ଭାବେ ଶ୍ରୀ ଯୁଗଳ କିଶୋର ଯୋଶୀ ଇତିମଧ୍ୟରେ ଯୋଗଦାନ କରିଛନ୍ତି । ସେ ୧୯୯୭ ମସିହା ଭାରତୀୟ ରେଳବାଇ ସୁରକ୍ଷା ବଳ ସେବା ଅଧିକାରୀ ଅଟନ୍ତି । ଏହା ପୂର୍ବରୁ ଶ୍ରୀ ଯୋଶୀ ଜଳ ଶକ୍ତି ମନ୍ତ୍ରଣାଳୟର ସ୍ୱଚ୍ଛ ଭାରତ ମିଶନ ଏବଂ ଜଳ ଜୀବନ ମିଶନ କାର୍ଯ୍ୟକ୍ରମ ମାନଙ୍କରେ ନିର୍ଦ୍ଦେଶକ ଭାବେ ୨୦୧୬ ମସିହା ଠାରୁ ୧୦୨୨ ମସିହା ପର୍ଯ୍ୟନ୍ତ ଡେପୁଟେସନରେ ଥାଇ କାର୍ଯ୍ୟ ତୁଲାଉଥିଲେ ।

ସେ ମଧ ବିଭିନ୍ନ ରେଳପଥରେ ଭିନ୍ନ ଭିନ୍ନ ପଦପଦବୀରେ ଥାଇ ସୁଚାରୁ ରୂପେ କାର୍ଯ୍ୟ ସମ୍ପାଦନ କରିବା ସହିତ ସୁରକ୍ଷା ସମ୍ବନ୍ଧୀୟ ଅପରାଧ ଅନ୍ୱେଷଣ କ୍ଷେତ୍ରରେ ପ୍ରଗାଢ଼ ଦକ୍ଷତା ରଖିଛନ୍ତି । ଶ୍ରୀ ଯୋଶୀ ୨୦୧୪ ରୁ ୨୦୧୬ ମସିହା ମଧ୍ୟରେ ରେଳବାଇ ବୋର୍ଡରେ ରେଳ ସୁରକ୍ଷା ବଳ ନିର୍ଦ୍ଦେଶକ, ଉତ୍ତର ରେଳପଥର ଦିଲ୍ଲୀ ଏବଂ ପୂର୍ବ ରେଳପଥର ହାଓଡ଼ା ରେଳ ମଣ୍ଡଳ ମାନଙ୍କରେ ବରିଷ୍ଠ ମଣ୍ଡଳ ସୁରକ୍ଷା ଆୟୁକ୍ତ ଭାବେ କାର୍ଯ୍ୟ ତୁଲାଇଛନ୍ତି । ସେ ମଧ ପୂର୍ବତଟ ରେଳପଥରେ ଉପମୁଖ୍ୟ ସୁରକ୍ଷା ଆୟୁକ୍ତ ଭାବେ ୨୦୦୮ ରୁ ୨୦୧୧ ମସିହା ମଧ୍ୟରେ କାର୍ଯ୍ୟ ସମ୍ପାଦନ କରିଛନ୍ତି ।

ଶ୍ରୀ ଯୋଶୀ ସ୍ୱଚ୍ଛ ଭାରତ ମିଶନ ଦଳର ଏକ ପ୍ରମୁଖ ସଦସ୍ୟ ଥିଲେ ଯାହାକି ବିଶ୍ୱର ସର୍ବ ବୃହତ ଆଚରଣ ପରିବର୍ତ୍ତନ କାର୍ଯ୍ୟକ୍ରମକୁ ଯୋଜନା, କାର୍ଯ୍ୟକାରୀ ଏବଂ ତଦାରଖ କରିଥିଲା ଏବଂ ଭାରତକୁ ମୁକ୍ତ ମଳତ୍ୟାଗ କାର୍ଯ୍ୟକ୍ରମ ସଂଚାଳନ କରିବାରେ ସହାୟକ କରିଥିଲା । ସେ ଆନ୍ତ-ମନ୍ତ୍ରଣାଳୟ ସ୍ୱଚ୍ଛତା କାର୍ଯ୍ୟକ୍ରମର ନେତୃତ୍ୱ ନେଇଥିଲେ ଯାହାଦ୍ୱାରା ସ୍ୱଚ୍ଛତା କାର୍ଯ୍ୟ ଯୋଜନା, ସ୍ୱଚ୍ଛତା ପଖୱାଡା, ସ୍ୱଚ୍ଛ ପ୍ରତିଷ୍ଠିତ ସ୍ଥାନ ଏବଂ ଗଙ୍ଗା ଗ୍ରାମ କାର୍ଯ୍ୟକ୍ରମ ଗୁଡିକ ଅନ୍ତର୍ଭୁକ୍ତ ଥିଲା । ଏହା ବ୍ୟତୀତ, "ଦରଜା ବନ୍ଦ", "ସ୍ୱଚ୍ଛ ସିଂ", "ସୋନା ଖାଡ" ପରି ପ୍ରତିଷ୍ଠିତ ସୃଜନଶୀଳତାର ଧାରଣା ଏବଂ ସୁବିଧା ସମ୍ବନ୍ଧରେ ମନ୍ତ୍ରଣା ଦେଇଥିଲେ । ନିର୍ଦ୍ଦେଶକ (IEC) ଭାବରେ କାର୍ଯ୍ୟ ତୁଲାଉଥିବାବେଳେ "ସତ୍ୟଗ୍ରହ ଠାରୁ ସ୍ୱଚ୍ଛଗ୍ରହ ପର୍ଯ୍ୟନ୍ତ" ଭଳି ଗୀତଗୁଡିକର ବିଚାର ପ୍ରଦାନ କରିଥିଲେ । ସ୍ୱଚ୍ଛ ସଂକଳ୍ପ, ସ୍ୱଚ୍ଛ ସିଦ୍ଧି କାର୍ଯ୍ୟକ୍ରମ ଗୁଡିକରେ ସେ ୫ କୋଟିରୁ ଅଧିକ ଛାତ୍ରଛାତ୍ରୀ ମାନଙ୍କୁ ଅଂଶଗ୍ରହଣ କରାଇଥିଲେ ।

## ଭୟଙ୍କର ବଜ୍ରପାତ ସାଙ୍ଗକୁ ହେବ ବର୍ଷା

# ୯ ଜିଲ୍ଲାକୁ ସତର୍କ ସୂଚନା ଦେଲେ ରିଲିଫ କମିଶନର



ଭୁବନେଶ୍ୱର,(ସଂଦେଶ ବ୍ୟୁରୋ): ଗ୍ରୀଷ୍ମପ୍ରବାହରେ ଫୁଟୁଛି ରାଜ୍ୟର ଅନେକ ସହର । ଅଧିକାଂଶ ସହରରେ ଏହି ତାପମାତ୍ରାରେ ୪୦ ଡିଗ୍ରୀ ଉପରେ ରହିତିବା ବେଳେ ଅସହ୍ୟ ତାତିକୁ ନେଇ ରାଜ୍ୟବାସୀ ଅସ୍ତବ୍ୟସ୍ତ ହୋଇ ପଡିଛନ୍ତି । ତେବେ ଏହି ସମୟରେ ଏକ ଆଶ୍ୱସ୍ତିକର ଖବର ଦେଇଛନ୍ତି ସ୍ୱତନ୍ତ୍ର ରିଲିଫ କମିଶନର । ଆସନ୍ତା ଦିନରେ ରାଜ୍ୟରେ ସାମାନ୍ୟ ବର୍ଷା ହେବାର ସମ୍ଭାବନା ରହିଥିବା ନେଇ ସେ ସୂଚନା ଦେଇଛନ୍ତି । ଯାହା ଫଳରେ ଗରମରୁ କିଛି ପରିମାଣରେ ମୁକ୍ତି ମିଳି ପାରିବ ।

ରାଜ୍ୟରେ ଘଡଘଡି ସହ ବର୍ଷା ହେବା ନେଇ ସୂଚନା ଦେଇଛନ୍ତି ଏସଆରସି ପ୍ରଦୀପ୍ତ କୁମାର ମହାପାତ୍ର । ଏହି ପରୀପ୍ରେକ୍ଷୀରେ ୯ଟି ଜିଲ୍ଲାକୁ ସତର୍କ ସୂଚନା ମଧ ଦିଆଯାଇଛି । ମାଲକାନାଗିରି, କୋରାପୁଟ, କନ୍ଧମାଳ, ରାୟଗଡା ସମେତ କଳାହାଣ୍ଡି ଆଦି ଜିଲ୍ଲାକୁ ମିଳିଛି ସତର୍କ ସୂଚନା । ସେହିପରି ଗଜପତି, ମୟୁରଭଞ୍ଜ, କେନ୍ଦୁଝର ଏବଂ ସୁନ୍ଦରଗଡ ଜିଲ୍ଲାକୁ ମଧ ଏସଆରସି ସତର୍କ ରହିବା ପାଇଁ ପରାମର୍ଶ ଦେଇଛନ୍ତି । ଗୋଟିଏ ଦୁଇଟି ସ୍ଥାନରେ ବଜ୍ରପାତ ସାଙ୍ଗକୁ ବର୍ଷା ହେବାର ଯଥେଷ୍ଟ ସମ୍ଭାବନା ରହିଛି । ବଜ୍ରପାତ ଏବଂ ବର୍ଷା ସମୟରେ ବାହାରକୁ ନ ବାହାରିବା ପାଇଁ ଏସଆରସି ପରାମର୍ଶ ଦେଇଛନ୍ତି ।

Printed, Published , Owned by Puspanjali Das and Printed by her at Mayur Offset Printers, D1/1 Mancheswar Industrial Estate, Bhubaneswar,751010 and Published at EB-672, Badagada Brit Colony, Bhubaneswar - 751018, Dist - Khurda, Odisha, City Office: 3R-5(F), Paradip Colony, Unit-8, Bhubaneswar-751012,Ph - 0674-2564429, 8895182352(M), 6370382637, e-mail : odishasandesh.news@gmail.com
ସମ୍ପାଦକ: ଅଜୟ ଦାସ
Chief Editor : Harendra Kishor Das
Editor :Ajay Das